# ଧରିତ୍ରୀ DHARITRI

୪୯ | 49

ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୨୪/୨୦୨୨ (୨୦ ପୃଷ୍ଠା+ଜନ୍ମଦିନ ବିଶେଷାଙ୍କ) | Berhampur, Thursday, November 24/2022 | Page 20 | ₹ 7.00 | ★★★

୧୮ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 18 ISSUE 295 | ମୂଲ୍ୟ ₹୭/-





# ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଭଳି ଇସି ଲୋଡ଼ା

▪ ବିବାଦରେ ଅରୁଣ ଗୋଏଲଙ୍କ ନିଯୁକ୍ତି
▪ ଭିଆର୍‌ଏସ୍ ନେବା ମାତ୍ରେ ନିର୍ବାଚନ କମିଶନର
▪ କେନ୍ଦ୍ରକୁ ଫାଇଲ ମାଗିଲେ ସାମ୍ବିଧାନିକ ପୀଠ



ନୂଆଦିଲ୍ଲୀ,୨୩।୧୧

କେନ୍ଦ୍ରରେ କ୍ଷମତାସୀନ ଯେକୌଣସି ଦଳ ସବୁଦିନ କ୍ଷମତାରେ ରହିବାକୁ ଚାହେଁ। ଏଥିଲାଗି ବର୍ତ୍ତମାନ ବ୍ୟବସ୍ଥା ଅଧୀନରେ ଶାସକ ଦଳ ଜଣେ 'ବୋଲକରା'ଙ୍କୁ ନିର୍ବାଚନ କମିଶନର (ଇସି) ରୂପେ ନିଯୁକ୍ତ କରିପାରେ। ଜଣେ ନିର୍ବାଚନ କମିଶନର ଏପରି ହେବା କଥା, ଯିଏକି ଦେଶର ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିପାରୁଥିବେ। ଆବଶ୍ୟକ ସ୍ଥଳେ ସେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରୁଥିବେ। ତେଣୁ ଏହି ସାମ୍ବିଧାନିକ ପଦରେ କାହାକୁ ନିଯୁକ୍ତ କରାଯିବ, ତାହା କେବଳ କେନ୍ଦ୍ର କ୍ୟାବିନେଟ ଦ୍ୱାରା ସ୍ଥିର କରା ନ ଯାଉ। କମିଶନଙ୍କ ସ୍ୱାଧୀନତା ସୁନିଶ୍ଚିତ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟା ବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ପରାମର୍ଶ ନିଆଯିବା ଉଚିତ ବୋଲି ବୁଧବାର ସାମ୍ବିଧାନିକ ପୀଠ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଇସିମାନଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ଭଳି ବ୍ୟବସ୍ଥା ଆପଣାଯିବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ଜଷ୍ଟିସ୍ କେ.ଏମ୍. ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ବୁଧବାର ସେଗୁଡ଼ିକର ଶୁଣାଣି ବେଳେ ଶୀର୍ଷ ଅଦାଲତ ନିର୍ବାଚନ କମିଶନରଙ୍କ ସ୍ୱାଧୀନତା ଓ ନିଯୁକ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ନଭେମ୍ବର ୧୯ରେ ନିର୍ବାଚନ କମିଶନର ଭାବେ ଅବସ୍ଥାପିତ ଅରୁଣ ଗୋଏଲଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଫାଇଲ ଦାଖଲ କରିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋଏଲ ନିକଟରେ ନିଜ ଚାକିରିରୁ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ନେଇଥିବାରୁ ତାଙ୍କୁ ତରବରିଆ ଭାବେ ନିଯୁକ୍ତି ଦିଆଯାଇଛି କି ବୋଲି ପୀଠ ଜାଣିବାକୁ ଚାହିଁଛନ୍ତି। ଶୁଣାଣି ଚାଲିଥିବାବେଳେ ଗୋଏଲଙ୍କ ନିଯୁକ୍ତି ସମ୍ପର୍କିତ ଫାଇଲ ଦେଖାଯାଇପାରିବ ନାହିଁ ବୋଲି ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ବାଢ଼ିଥିବା ଯୁକ୍ତିକୁ ସାମ୍ବିଧାନିକ ପୀଠ ଖାରଜ କରିଦେଇଥିଲେ। ଜଷ୍ଟିସ୍ ଅଜୟ ରସ୍ତୋଗି, ଅନିରୁଦ୍ଧ ବୋଷ, ହୃଷୀକେଶ ରୟ ଏବଂ ସି.ଟି. ତ୍ୟାଗୀଙ୍କୁ ନେଇ ଗଠିତ ପୀଠରେ ଭେଙ୍କଟରମଣି କହିଥିଲେ, ସିଇସି ଏବଂ ଇସିମାନଙ୍କ ନିଯୁକ୍ତି ପ୍ରକ୍ରିୟାଗତ ବୃହତ୍ ପ୍ରସଙ୍ଗରେ ଶୁଣାଣି ଚାଲିଥିବାବେଳେ ଓକିଲ ପ୍ରଶାନ୍ତ ଭୂଷଣଙ୍କ ଦ୍ୱାରା ଦାଖଲ ଏକ ବ୍ୟକ୍ତିଗତ ମାମଲାର ଅନୁଧ୍ୟାନ କରାଯାଇପାରି ନାହିଁ। ଏହା ଉପରେ ଜଷ୍ଟିସ୍ ଜୋସେଫ୍ କହିଥିଲେ, ସାମ୍ବିଧାନିକ ପୀଠରେ ଶୁଣାଣି ବେଳେ ମଧ୍ୟ ଫାଇଲ ଦେଖାଯାଇପାରିବ। ଗୋଏଲଙ୍କୁ କେଉଁ ବ୍ୟବସ୍ଥା ଅନୁସାରେ ନିଯୁକ୍ତି ଦିଆଯାଇଛି ତାହା ଆମେ ଦେଖିବାକୁ ଚାହୁଁ। ଏହାକୁ ଆମେ ରେକର୍ଡରେ ରଖିବୁ। ଉକ୍ତ ପ୍ରସଙ୍ଗରେ ଆମ ଶୁଣାଣି ଜାରି ଥିବାବେଳେ ଗୋଏଲଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଏହି ମାମଲାକୁ ତା' ସହ ଯୋଡ଼ାଯାଇପାରେ କହି ଗୁରୁବାର ସୁଦ୍ଧା ନିଯୁକ୍ତିର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅନୁପ ବରନୱାଲଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ନିଜ ଆଡ଼ୁ ମଧ୍ୟ ଆପତ୍ତି ଉଠାଇଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ଅତି ତରବରିଆ ଭାବେ ଜଣେ ନିର୍ବାଚନ କମିଶନରଙ୍କୁ ନିଯୁକ୍ତ କରିଛନ୍ତି। ସମ୍ପୃକ୍ତ ଇସି ଗୁରୁବାର ଯାଏ ସରକାରଙ୍କ ଜଣେ ସଚିବସ୍ତରୀୟ ଅଧିକାରୀ ରୂପେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସେ ହଠାତ୍ ଭିଆର୍‌ଏସ୍ ନେବା ପରେ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଜଷ୍ଟିସ୍ ଜୋସେଫ୍ କହିଥିଲେ, ଭିଆର୍‌ଏସ୍ ନେବା ପାଇଁ ୩ ମାସ ଲାଗିଥାଏ। ପ୍ରକାଶ ଯେ, ୧୯୮୫ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଗୋଏଲଙ୍କୁ ଗତ ୧୯ରେ ଇସି ନିଯୁକ୍ତ କରାଯାଇଛି। ସେ ଆସନ୍ତା ଡିସେମ୍ବର ୩୧ରେ ୬୦ ବର୍ଷରେ ପଦାର୍ପଣ ସହ ଭାରୀ ଶିଳ୍ପ ମନ୍ତ୍ରଣାଳୟ ସଚିବ ପଦରୁ ଅବସର ନେଇଥାଆନ୍ତେ। ସେ ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ଇସି ଅନୁପ ଚନ୍ଦ୍ର ପାଣ୍ଡେଙ୍କ ସହ କାର୍ଯ୍ୟ କରିବେ। ରାଜୀବ କୁମାର ୨୦୨୫ରେ ଅବସର ନେବା ପରେ ଗୋଏଲ ସିଇସି ହୋଇପାରନ୍ତି। ପୂର୍ବତନ ସିଇସି ସୁଶୀଲ ଚନ୍ଦ୍ର ଗତ ମେ'ରେ ଅବସର ନେବା ପରେ ଗୋଟିଏ ଇସି ପଦ ଖାଲିପଡ଼ିଥିଲା।

# ଆଜିଠାରୁ ବିଧାନସଭା: ଉପସ୍ଥାପନ ହେବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଗୁରୁବାରଠାରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୩୨ଟି କାର୍ଯ୍ୟ ଦିବସ ରହିଛି। ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ ହେବ। କୋଭିଡ୍ ପରେ ପ୍ରଥମ ଥର ଲାଗି କଟକଣା ହଟାଇ ଦିଆଯାଇଛି। ବିଧାୟକମାନଙ୍କୁ ନିଜ ସିଟ୍‌ରେ ବସିବାକୁ ସୁଯୋଗ ମିଳିବ। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ୍ ଗ୍ୟାଲେରିକୁ ଅନୁମତି ଦିଆଯାଇଛି। ବିଧାନସଭା ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ୨ ବର୍ଷ ପରେ ବିଧାନସଭା ପୂର୍ବଭଳି ସ୍ୱାଭାବିକ ହେବ। ଏହି ଅଧିବେଶନ ଅଧିକ ସରଗରମ ହେବାର ସମ୍ଭାବନା ରହିଛି। ଅର୍ଚ୍ଚନା ନାଗ କେଲେଙ୍କାରି, ଚାଷୀ ସମସ୍ୟା, ଆଇନଶୃଙ୍ଖଳା ଭଳି ଅନେକ ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏସବୁ ଦୃଷ୍ଟିରୁ ଚଳିତ ଅଧିବେଶନ ଅଧିକ ସରଗରମ ହେବା ସମ୍ଭାବନା ରହିଛି।

# ଭୀଷଣ ଶବ୍ଦ: ୩ ଜିଲାବାସୀ ଆତଙ୍କିତ

ଯାଜପୁର ଅଫିସ/ କେନ୍ଦୁଝର/ ଆନନ୍ଦପୁର, ୨୩।୧୧

ଯାଜପୁର, କେନ୍ଦୁଝର ଓ ଭଦ୍ରକ ଜିଲାର କିଛି ଅଞ୍ଚଳରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ଏକ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣରେ ଆତଙ୍କ ପ୍ରକାଶ ପାଇଥିଲା। କେଉଁଠୁ ଉକ୍ତ ଭୀଷଣ ଶବ୍ଦ ବାହାରିଲା ତାହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଥିଲା। ତେବେ ପ୍ରଥମେ ଏହି ଶବ୍ଦକୁ ନେଇ ବିଭିନ୍ନ ମହଲରେ ଭୂମିକମ୍ପ ହୋଇଥିବା ସନ୍ଦେହ ଥିଲା। କିନ୍ତୁ କୌଣସି ଜାଗାରେ କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଅନ୍ୟପକ୍ଷେ ଯାଜପୁର ରୋଡ୍ ନିକଟସ୍ଥ ଧନେଶ୍ୱର ପାଖରେ ଏକ କବାଡ଼ିଆ ଗୋଦାମରେ ନିଆଁ ଲାଗିଥିବାରୁ ସେଠାରୁ ଏଭଳି ଶବ୍ଦ ବାହାରି ଥିଲା ବୋଲି ଲୋକେ ଆଶଙ୍କା ପ୍ରକାଶ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଉକ୍ତ ଶବ୍ଦ କବାଡ଼ିଆ ଦୋକାନରୁ ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଥିଲା। ଆକାଶରେ କୌଣସି ଯୁଦ୍ଧ ବିମାନ ଶବ୍ଦ ଗତି ଠାରୁ ଅଧିକ ବେଗରେ ଗଲେ ସେଥିରୁ ମଧ୍ୟ ଏଭଳି ଶବ୍ଦ ବାହାରେ। ତେଣୁ ଆକାଶରେ ସୁଖୋଇ-୩୦ କିମ୍ବା ମିଗ-୨୯ ଯୁଦ୍ଧ ବିମାନ ଯାଇଥାଇ ପାରେ ବୋଲି ସାଧାରଣରେ ସନ୍ଦେହ ଉପୁଜିଛି। ପ୍ରାୟ ୫ ବର୍ଷ ପୂର୍ବେ ମଧ୍ୟ ଏଭଳି ଶବ୍ଦ ବାହାରିଥିଲା। ସେତେବେଳେ ସୁଖୋଇ-୩୦ ଯୁଦ୍ଧ ବିମାନରୁ ଶବ୍ଦ ବାହାରିଥିଲା ବୋଲି ଜଣାପଡିଥିଲା। ତେବେ ଏ ସଂକ୍ରାନ୍ତରେ ଯାଜପୁର ଏସ୍‌ପି ରାହୁଲ ପି.ଆର.ଙ୍କୁ ପଚାରିବାରେ ସେ କହିଛନ୍ତି, ଭୀଷଣ ଶବ୍ଦ ସମ୍ପର୍କରେ ସେ ଜାଣିଛନ୍ତି। କିନ୍ତୁ କାରଣ କ'ଣ ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ତେବେ ଭୂମିକମ୍ପ ହୋଇନାହିଁ। ଆକାଶରେ ଯୁଦ୍ଧ ବିମାନ ଯିବାବେଳେ ଏଭଳି ଶବ୍ଦ ଉତ୍ପନ୍ନ ହୋଇଥାଇପାରେ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି। ଅପରପକ୍ଷରେ ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀଙ୍କ କହିବାହେଲା ଭୀଷଣ ଶବ୍ଦ ନେଇ ଅଧିକାରୀସ୍ତରରେ କୌଣସି ସୂଚନା ନାହିଁ। ଘଟଣା ଉପରେ ନଜର ରଖାଯାଇଛି। ଏହା ଭୂ-କମ୍ପନ କାରଣରୁ ନୁହେଁ ବୋଲି ଜଳବାୟୁ ବିଭାଗ ସୂଚନା ଦେଇଥିବାବେଳେ ଏହାର ସତ୍ୟତା ଓ କାରଣ ଖୋଜା ଚାଲିଛି ବୋଲି ସେ କହିଛନ୍ତି। କେନ୍ଦୁଝର ଜିଲା ବ୍ୟତୀତ ବାଲେଶ୍ୱର, ଭଦ୍ରକ ଜିଲାର କେତେକ ଅଞ୍ଚଳରେ ଏଭଳି ଶବ୍ଦ ହୋଇଥିବା ମଧ୍ୟ ଆଲୋଚନା ହେଉଛି।

# ଜାନୁୟାରୀ ପହିଲାରୁ ଇ- ଡିଟେକ୍ସନ

## ବୈଧ ଦଲିଲ ବିନା ଚାଲୁଥିବା ଗାଡିକୁ ଧରିବ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ବିନା ଦଲିଲରେ ଯାତାୟାତ କରୁଥିବା ଯାନବାହନଗୁଡ଼ିକୁ ଧରିବ ଇ-ଡିଟେକ୍‌ଶନ(ଚିହ୍ନଟ)। ପରିବହନ ବିଭାଗ ପକ୍ଷରୁ ଏ ନେଇ ଏକ ଇ-ଚିହ୍ନଟ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ୨୦୨୩ ଜାନୁୟାରୀ ପହିଲାରୁ ଜାତୀୟ ରାଜପଥରେ ଇ-ଚିହ୍ନଟ ଆରମ୍ଭ ହେବ। ସର୍ବସାଧାରଣ ରାସ୍ତାରେ ଯିବା ପାଇଁ ଯାନବାହନଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର, ଫିଟ୍‌ନେସ ସାର୍ଟିଫିକେଟ୍ ଏବଂ ଅନୁମତି ଭଳି ବୈଧ ଦଲିଲ ରହିବା ବାଧ୍ୟତାମୂଳକ। ଯଦି ଏହା ଏକ ପରିବହନ ଯାନ ହୋଇଥିବ ତେବେ ବୀମା ଏବଂ ପଲ୍ୟୁଶନ ସାର୍ଟିଫିକେଟ୍ ଏବଂ ଡ୍ରାଇଭିଂ ଲାଇସେନ୍ସ ସମସ୍ତ ଡ୍ରାଇଭରଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଜାତୀୟ ରାଜପଥରେ ଥିବା ଟୋଲ୍ ଗେଟ୍‌ରୁ ସଂଗୃହୀତ ତଥ୍ୟ ଅନୁଯାୟୀ, ବୈଧ ଦଲିଲ ବିନା ବହୁ ସଂଖ୍ୟକ ଯାନବାହନ ଚଳାଚଳ କରୁଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ଦେଇ ଯାଉଥିବା ଏଭଳି ଯାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ପରିବହନ ବିଭାଗ ଏକ ଇ-ଚିହ୍ନଟ ପୋର୍ଟାଲ ପ୍ରସ୍ତୁତ କରୁଛି।

ଏ ସମ୍ପର୍କରେ ପରିବହନ ବିଭାଗର ଯୁଗ୍ମ କମିଶନର (ଟେକ୍ନିକାଲ୍) ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି, ପୋର୍ଟାଲ ଏଭଳି ଯାନଗୁଡ଼ିକୁ ନିରବଚ୍ଛିନ୍ନ ଭାବରେ ଯାଞ୍ଚ କରିବ। ଜାତୀୟ ରାଜପଥରେ ଥିବା ବିଭିନ୍ନ ଟୋଲ୍ ଫାଟକରୁ ତଥ୍ୟ ସଂଗ୍ରହ କରିବା ପୋର୍ଟାଲର ଉଦ୍ଦେଶ୍ୟ। ପ୍ରଥମ ପର୍ଯ୍ୟାୟରେ ଏନ୍‌ଏଚ୍‌ଏଆଇର ଟୋଲ୍‌ଗେଟ୍‌ଗୁଡ଼ିକ ପୋର୍ଟାଲ୍ ସହିତ ସଂଯୋଗ କରାଯାଇଛି। ପରବର୍ତ୍ତୀ ସମୟରେ ଖଣି ଏବଂ ଶିଳ୍ପ କ୍ଷେତ୍ରରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ବାହାନ ପୋର୍ଟାଲରେ ସବିଶେଷ ତଥ୍ୟ ସହିତ ବିଶ୍ଳେଷଣ କରାଯିବ। ବୈଧ କାଗଜପତ୍ର ବିନା ଚାଲୁଥିବା ଯାନଗୁଡ଼ିକ ପାଇଁ ସ୍ୱୟଂଚାଳିତ ଭାବରେ ଚାଲାଣ ସୃଷ୍ଟି ହେବ।

ଫାସ୍‌ଟ୍ୟାଗ ମାଧ୍ୟମରେ ଅଣାଯାଇଥିବା ତଥ୍ୟ ଏବଂ ଏକ ଗାଡ଼ି ଟୋଲ୍ ଗେଟ୍ ଦେଇ ଯିବାବେଳେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ତଥ୍ୟ ସଂଗ୍ରହ କରାଯିବ ଓ ତୁରନ୍ତ ସୂଚନା ଗାଡ଼ି ମାଲିକମାନଙ୍କୁ ସଚେତନ କରିବ। ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାର ହ୍ରାସ କରିବାରେ ଏହା ସାହାଯ୍ୟ କରିବ। ଯଦି କୌଣସି ଅପ୍ରତ୍ୟାଶିତ ଘଟଣା କିମ୍ବା ଦୁର୍ଘଟଣା ଘଟେ, ତେବେ ସମ୍ପୃକ୍ତ ଗାଡ଼ିର ବୈଧ ଦଲିଲ ନ ଥିଲେ ଗାଡି ମାଲିକ କିମ୍ବା ପୀଡ଼ିତ କୌଣସି ବୀମା ଦାବି ପାଇବେ ନାହିଁ।







ଧରିତ୍ରୀ
DHARITRI
ଗୁରୁବାର, ନଭେମ୍ବର ୨୪/୨୦୨୨ | Thursday, November 24/2022 | ପୃଷ୍ଠା-୧



## ଶ୍ରଦ୍ଧାଞ୍ଜଳି

ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

## ଅଭିନନ୍ଦନ

ଧରିତ୍ରୀର ୪୯ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

# ନ’ଅଙ୍କରୁ ଆଜିଯାଏ

**ତଥାଗତ ସତପଥୀ**


୧୮୬୬ ନ’ଅଙ୍କ ଦୁର୍ଭିକ୍ଷରେ ସେତେବେଳର ଓଡ଼ିଶା ଜନସଂଖ୍ୟାର ଏକ ତୃତୀୟାଂଶ, ଯାହାକି ପ୍ରାୟ ୧୦ ଲକ୍ଷ ବୋଲି କୁହାଯାଉଛି ; ମୃତ୍ୟୁମୁଖରେ ପଡ଼ିଥିଲେ। ଅନେକ ଐତିହାସିକ ସେତେବେଳର ବ୍ରିଟିଶ ଶାସକଙ୍କ ତ୍ରୁଟିପୂର୍ଣ୍ଣ ନୀତି ଓ ଭୁଲ୍‌ତଥ୍ୟକୁ ଦୋଷ ଦେଇ ଏହି ଦୁର୍ଭିକ୍ଷକୁ ଏଡ଼ାଇଦିଅନ୍ତି। ସେହି ଐତିହାସିକମାନଙ୍କ ମଧ୍ୟରୁ କେହି ଜଣେ ବି କୌଣସି ଲେଖାରେ ଭାରତର ଅନ୍ୟପ୍ରାନ୍ତରେ ଥିବା ବଳକା ଖାଦ୍ୟ ସାମଗ୍ରୀ ସମ୍ପର୍କରେ ବର୍ଣ୍ଣନା କରିନାହାନ୍ତି। ସେମାନଙ୍କ ମଧ୍ୟରୁ କେହି କେବେ ପ୍ରଶ୍ନ କରିନାହାନ୍ତି କାହିଁକି ଗୋରା ଶାସକଙ୍କର ହୃଦୟରେ ଓଡ଼ିଆ ମଲେ କି ବଞ୍ଚିଲେ ସେ ନେଇ ଦରଦ ରହିବ। ସାଧାରଣରେ ଅନ୍ୟ ଦେଶକୁ ଶାସନ କରୁଥିବା ବାହ୍ୟଶକ୍ତି କେବେହେଲେ ସ୍ଥାନୀୟ ଲୋକଙ୍କ ମଙ୍ଗଳ କାମନା କରନ୍ତି ନାହିଁ। ଏହା ସବୁ ଯୁଦ୍ଧପରର ପରିସ୍ଥିତି ଭାବେ ଇତିହାସରୁ ଜଣାପଡ଼େ। ଆଜି ଆମେ ଜାଣିଛୁ ଯେ, ଯଦି ଓଡ଼ିଶାରେ ମରୁଡ଼ି ପଡୁଛି ; ତେବେ ପଡ଼ୋଶୀ ଆନ୍ଧ୍ର କିମ୍ବା ମଧ୍ୟପ୍ରଦେଶରେ ବିପୁଳ ଧାନ ଅମଳ ହେଉଛି। ଯେତେବେଳେ ଆସାମ ଭଳି ରାଜ୍ୟରେ ବନ୍ୟା ହେଉଛି, ସେତେବେଳେ ଓଡ଼ିଶାରେ ଧାନ ଅମଳ ଯଥାରୀତି ଚାଲିଛି। ଅର୍ଥାତ୍ ଏହି ଉପମହାଦେଶରେ କେଉଁ ଅଞ୍ଚଳରେ ସ୍ଥିତି କ’ଣ ରହୁଛି, ତାହାର ଅବିକଳ ବିପରୀତ ଅନ୍ୟ ରାଜ୍ୟରେ ରହୁଛି। ୧୮୬୬ରେ ଯଦି ହିନ୍ଦୁ ଭାରତରେ ହିନ୍ଦୁମାନଙ୍କ ଏକତା ଥାଆନ୍ତା, ହୁଏତ ଏତେ ଓଡ଼ିଆଙ୍କ ମୃତ୍ୟୁ ଘଟି ନ ଥା’ନ୍ତା। ବାସ୍ତବ ଚିତ୍ର ଦେଖିଲେ ଓଡ଼ିଶାକୁ ସାହାଯ୍ୟ କରିବା ପାଇଁ କୌଣସି ଅନ୍ୟ ଅଞ୍ଚଳ ଆଗେଇ ଆସି ନ ଥିଲେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଜଣାପଡୁଛି ଭାରତବର୍ଷ ଗୋଟିଏ ଦେଶ ବୋଲି ଯାହା ଏବେ କୁହାଯାଉଛି, ତାହା ସପକ୍ଷରେ କୌଣସି ଐତିହାସିକ ପ୍ରମାଣ ନାହିଁ।

ଏହି ପ୍ରଚ୍ଛଦପଟରେ ଭାରତର ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଭାଷା, ସଂସ୍କୃତି, ବେଶଭୂଷା ଓ ଖାଦ୍ୟକୁ ବଞ୍ଚାଇ ରଖିବା ଅତ୍ୟନ୍ତ ଆବଶ୍ୟକ। ଲିଖିତ ଭାଷାକୁ ବଞ୍ଚାଇ ରଖିବାରେ ଖବରକାଗଜର ଭୂମିକା ଅନ୍ୟତମ। ଯେମିତି ୧୮୬୬ର ନ’ଅଙ୍କ ଦୁର୍ଭିକ୍ଷ ସମ୍ପର୍କରେ କିଛିଟା ଜାଣିବାକୁ ହେଲେ, ଆମେ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା ‘ଉତ୍କଳ ଦୀପିକା’କୁ ପଢ଼ିବାକୁ ପଡ଼ିଥାଏ। ସେହିଭଳି ଭାବରେ ସବୁ ସମୟର ବାସ୍ତବ ସ୍ଥିତି ଜାଣିବାକୁ ହେଲେ ସେହି ସମୟର ପ୍ରକାଶିତ ଖବରକାଗଜ, ପତ୍ରିକା, ପୁସ୍ତକ ଇତ୍ୟାଦି ଖୋଜାପଡ଼େ।

କରୋନା ସମୟରେ ସବୁ ଖବରକାଗଜର କ୍ଷତି ଘଟିଥିଲା ବୋଲି ପ୍ରତ୍ୟେକ ପାଠିକାପାଠକ ଅନୁଭବ କରିଥିବେ। ୨୦୨୦-୨୧ ସମୟର କରୋନାଜନିତ କରୁଣ କାହାଣୀ ଉପରେ ୧୦୦ ବର୍ଷ ପରେ ଯଦି କେହି ଗବେଷଣା କରନ୍ତି, ଏବକାର ଖବରକାଗଜ ଖୋଜିବେ ; ଯେମିତି କରୋନା ଆରମ୍ଭ ସମୟରେ ୧୦୦ ବର୍ଷ ପୂର୍ବର ସ୍ପାନିଶ ଫ୍ଲୁ ସମ୍ପର୍କରେ ସମସ୍ତେ ଲେଖା ଖୋଜିଥିଲେ। ଅବଶ୍ୟ ସେହି ଲେଖା ଛପା ହୋଇ କାଗଜରେ ରହୁ କିମ୍ବା ଡିଜିଟାଲ ହୋଇ ଗୁଗଲରେ ରହୁ, ଲିଖିତ ଶବ୍ଦର ଗୁରୁତ୍ୱ କେବେହେଲେ ହ୍ରାସ ପାଇବ ନାହିଁ। ଡିଜିଟାଲ ମାଧ୍ୟମକୁ ବ୍ୟବହାର କରିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଲେଖା ଶିଖିବାକୁ ପଡ଼ିଥାଏ। ଭାରତରେ ଆଞ୍ଚଳିକ ଭାଷାର ଗୁରୁତ୍ୱ ଡିଜିଟାଲ ବିଶ୍ୱରେ ନିଶ୍ଚିତ ବୃଦ୍ଧିପାଇବ।

‘ଧରିତ୍ରୀ’ ତା’ର ୪୯ତମ ବର୍ଷ ଶେଷ କରି ଅର୍ଦ୍ଧଶତାବ୍ଦୀରେ ପ୍ରବେଶ କରୁଛି। ଓଡ଼ିଆ ଭାଷାକୁ ବଞ୍ଚାଇବା ଓ ବ୍ୟାବହାରିକ ପ୍ରୟୋଗ କଲାଭଳି ଉଦ୍ୟମ ସବୁବେଳେ ‘ଧରିତ୍ରୀ’ ପକ୍ଷରୁ କରାଯାଇଛି। ଅନେକ ଥର ଶୁଣାଯାଏ ଯେ, ପୂର୍ବରୁ ଓଡ଼ିଆ ଭାଷା ଅତ୍ୟନ୍ତ କଷ୍ଟକର ହୋଇଥିବାରୁ ସେଥିରେ ସଂସ୍କୃତକୁ ମିଶାଇ ସହଜ କରାଯାଇଥିଲା। ଏହି ଯୁକ୍ତିକୁ ଅନେକ ଓଡ଼ିଆ ସାହିତ୍ୟିକ ଖଣ୍ଡନ କରିଥିବାର ଶୁଣାଯାଏ। ସେମାନଙ୍କ ଯୁକ୍ତି ହେଉଛି ଯେ, ମାତୃଭାଷା ଅର୍ଥାତ୍ ମା’ କହୁଥିବା ଭାଷା ସବୁବେଳେ ପିଲାଙ୍କ ପାଇଁ ସରଳ ହୋଇଥାଏ। ଏହା ମଧ୍ୟ କୁହାଯାଏ ଯେ, ବୁଦ୍ଧ ବ୍ୟବହାର କରୁଥିବା ଅନେକ ଭାଷା ମଧ୍ୟରୁ ‘ଉଡ୍ର’ ଥିଲା ଅନ୍ୟତମ। ବହୁ ଅପଚେଷ୍ଟା ଯୋଗୁ ଆଜି ଓଡ଼ିଆ ଭାଷା ତା’ର ମୂଳ ପବିତ୍ରତା ହରାଇଛି। ଆଜି ମଧ୍ୟ ସେହିଭଳି ଅପଚେଷ୍ଟା, ଜାଣତରେ ହେଉ ବା ଅଜାଣତରେ ଲାଗି ରହିଛି। ଗୋଟିଏ ଛୋଟିଆ ଉଦାହରଣ ଭାବେ ଦେଖିବାକୁ ଗଲେ କ୍ୱଚିତ୍ ଓଡ଼ିଆ ଏବେ ‘କନା’ ଶବ୍ଦ ବ୍ୟବହାର କରୁଛନ୍ତି। ସମସ୍ତେ କହୁଛନ୍ତି ‘କପଡ଼ା’। ଏହା ଅତି କ୍ଷୁଦ୍ର ଦେଖାଯାଉଥିଲେ ମଧ୍ୟ ତାହାର ମାରାତ୍ମକ ପରିଣତି କିଛି ଦଶନ୍ଧି ମଧ୍ୟରେ ଜଣାପଡ଼ିପାରେ। ତେଣୁ ଭାଷାର ଏହି ସୂକ୍ଷ୍ମଦିଗକୁ ବଞ୍ଚାଇ ରଖିବାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କ ଉପରେ ନ୍ୟସ୍ତ ରହିଛି। ଆମେ ଯଦି ୧୮୬୬ର ଦୁର୍ଭିକ୍ଷକୁ ଦେଖି ଶିକ୍ଷା ନେବାକୁ ଚାହିଁବା ଓଡ଼ିଶା ରାଜ୍ୟ ନିଜସ୍ୱ ଶକ୍ତିରେ ବଞ୍ଚି ଶିଖିବା ଦରକାର। ଯଦି ଓଡ଼ିଆ ଜାତି ଭାବିବ ଯେ ଆମକୁ କେହି ବାହାରୁ ଆସି ଜ୍ଞାନ ବା ଖାଦ୍ୟ ଦେଉ, ତେବେ ତାହା ଭବିଷ୍ୟତରେ ମଧ୍ୟ ଘଟି ନ ପାରେ।

୪୯ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାର ପକ୍ଷରୁ ଆମେ ଆମର ପାଠିକାପାଠକ, ବିଜ୍ଞାପନଦାତା, ବିତରକ ଏବଂ ଶୁଭେଚ୍ଛୁମାନଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରୁଛୁ।




**ଆଜିର ମନ୍ତବ୍ୟ**

"ଗୁଜରାଟରେ କଂଗ୍ରେସ ସରକାର ଥିବାବେଳେ ଅସାମାଜିକ ତତ୍ତ୍ୱମାନେ ସୁରକ୍ଷା ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଖିଲା ଲୋକ ଦେଖ**
**କଇଁଚ କାଢ଼ିଛି ବେକ।**

ହାତରେ ଧନ ଓ କ୍ଷମତା ମିଳିଗଲେ ଲୋକେ ଧରାକୁ ସରା ମନେକରିଥାନ୍ତି। ନିଜର ପଦମର୍ଯ୍ୟାଦା ତଥା ଐଶ୍ୱର୍ଯ୍ୟକୁ ଆଳ କରି ସେମାନଙ୍କଠାରେ ଆତ୍ମବଡ଼ିମା ପ୍ରକାଶ ପାଇଥାଏ। ଏହିପରି ନୂଆ କ୍ଷମତାଧାରୀ ଓ ଧନଶାଳୀ ବ୍ୟକ୍ତିଙ୍କ ମତ୍ତଗର୍ବକୁ ଇଙ୍ଗିତ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିଆଁ ନାହିଁ ଧୂଆଁ ହଉଛି**
**ତିନିଦିନ ହେଲା ଚୁଲି ଲାଗି ନାହିଁ**
**ନିଇତି ତବତ ଖାଉଛି।**

ରନ୍ଧାବଢ଼ା ନାହିଁ କି ଖାଇବାକୁ ମୁଠେ ଦାନା ବି ନାହିଁ। କିଛି ଲୋକ ଅନ୍ୟକୁ ଜଣେଇବାକୁ ଖାଇପିଇ ବେଶ୍ ଆରାମରେ ରହୁଥିବାର ତୁଛା ବାହାନା ବା ଛଳନା କରି ବସିଥାନ୍ତି। ନିଜର ଅଭାବ ଅନଟନକୁ ଲୁଚାଇବାକୁ ଯାଇ ଚେଷ୍ଟା ଚଳାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶ୍ରଦ୍ଧାଞ୍ଜଳି, ଖଗେଶ୍ୱର, ଅକ୍ଷୟଙ୍କୁ ମୁହାଁମୁହିଁ ଜେରା

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ରହସ୍ୟ ଖୋଳୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ରାଜ୍ୟର ଏହି ବଡ଼ ହନିଟ୍ରାପ ମାମଲାରେ ଶ୍ରଦ୍ଧାଞ୍ଜଳି ବେହେରା ହିଁ ମୋହରା ସାଜିଥିଲେ। ଶ୍ରଦ୍ଧାଞ୍ଜଳିଙ୍କୁ ଅର୍ଚ୍ଚନା ବ୍ୟବହାର କରି ବଡ଼ବଡ଼ିଆଙ୍କୁ ମାୟାଜାଲରେ ଫସାଉଥିଲେ। ତେଣୁ ବୁଧବାର ଶ୍ରଦ୍ଧାଞ୍ଜଳି, ରିମାଣ୍ଡରେ ଥିବା ଅର୍ଚ୍ଚନାଙ୍କ ବିଜ୍‌ନେସ୍ ପାର୍ଟନର୍ ଖଗେଶ୍ୱର ଏବଂ ହନିଟ୍ରାପରେ ଫସିଥିବା ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଇଡି ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଜେରା କରି ବହୁ ତଥ୍ୟ ହାସଲ କରିଛି। ଏଥିସହ ଇଡି ଅଧିକାରୀମାନେ ସମସ୍ତଙ୍କୁ ଏକାଠି ବସାଇ ତ୍ରିକୋଣୀୟ ଜେରା କରିଥିବା ସୂଚନା ମିଳିଛି।

ସକାଳ ପ୍ରାୟ ୮ଟାରେ ଇଡି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ପହଞ୍ଚିଥିଲେ। ଏହା ପୂର୍ବରୁ ଗଣମାଧ୍ୟମର ପ୍ରତିନିଧିମାନେ ସେଠାରେ ଜଗି ରହିଥିଲେ। ସେ କାର୍‌ରୁ ବାହାରିମାତ୍ରେ ସେମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ହେଲେ ଶ୍ରଦ୍ଧାଞ୍ଜଳି କିଛି ନ କହି ଇଡି ଅଫିସ୍ ଭିତରକୁ ଚାଲିଯାଇଥିଲେ। ସେତେବେଳେ ସେ ଏକ ସ୍କାର୍ପ ବାନ୍ଧିଥିବାରୁ ତାଙ୍କ ମୁହଁ ଦିଶୁ ନ ଥିଲା। ଏହା ପରେ ଅର୍ଥାତ ପୂର୍ବାହ୍ନ ୧୦ଟାରେ ଇଡି ଅଫିସରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ପହଞ୍ଚିଥିଲେ। ମଙ୍ଗଳବାର ମଧ ସେଠାରେ ତାଙ୍କୁ ୮ ଘଣ୍ଟା ଜେରା କରାଯାଇଥିଲା। ଇଡି ଅଧିକାରୀମାନେ ପ୍ରଥମେ ଶ୍ରଦ୍ଧାଞ୍ଜଳୀ ଏବଂ ଅକ୍ଷୟଙ୍କୁ ମୁହାଁମୁହିଁ ଜେରା କରିଥିଲେ। ଏଥିସହ ରିମାଣ୍ଡରେ ଥିବା ଖଗେଶ୍ୱରଙ୍କ ସହ ସେମାନଙ୍କୁ ବସାଇ ତ୍ରିକୋଣୀୟ ଜେରା କରାଯାଇଥିଲା। ଅକ୍ଷୟ ପରିଜାଙ୍କୁ ଶ୍ରଦ୍ଧାଞ୍ଜଳି କେମିତି ଚିହ୍ନିଥିଲେ, ହନିଟ୍ରାପରେ କେବେଠୁ ବ୍ୟବହାର ହେଉଥିଲେ ଶ୍ରଦ୍ଧାଞ୍ଜଳି, ଏଥିପାଇଁ ଅର୍ଚ୍ଚନା ତାଙ୍କୁ କେତେ ଟଙ୍କା ଦେଉଥିଲେ, ଅର୍ଚ୍ଚନାଙ୍କ ଆର୍ଥିକ କାରବାର ପଛର ସତ୍ୟତା କ'ଣ, କେଉଁ ଆଧାରରେ ସମ୍ପତ୍ତି ଅର୍ଜନ କଲେ ନାଗଚାନ୍ଦ ଦମ୍ପତି, ଶ୍ରଦ୍ଧାଞ୍ଜଳିଙ୍କୁ ଅକ୍ଷୟ କେତେ ଟଙ୍କା ଦେଇଛନ୍ତି, କେଉଁ ବଡ଼ବଡ଼ିଆମାନେ ହନିଟ୍ରାପରେ ଫସି ଟଙ୍କା ଦେଇଛନ୍ତି, ଅର୍ଚ୍ଚନାଙ୍କ ପାଖକୁ କାହା ମାଧ୍ୟମରେ ଆସୁଥିଲା ଟଙ୍କା ? ଇଡି ପକ୍ଷରୁ ୩ଜଣଙ୍କୁ ଏଭଳି ଏକାଧିକ ପ୍ରଶ୍ନ ପଚରାଯାଇ ପ୍ରକୃତ ସତ ଓ ତଥ୍ୟ ପାଇବାକୁ ଚେଷ୍ଟା କରିଥିଲେ ଇଡି ଅଧିକାରୀ।

ଅନ୍ୟପକ୍ଷରେ ଏହି ହନିଟ୍ରାପ ମାମଲାରେ ସବୁଠୁ ବଡ଼ ରହସ୍ୟ ଲୁଚି ରହିଛି ଅର୍ଚ୍ଚନାଙ୍କ ପାଖରେ। ତେଣୁ ଅର୍ଚ୍ଚନାଙ୍କୁ ଜେରା କରି ଇଡି ବହୁ ତଥ୍ୟ ହାସଲ କରିବ। ସେ ଏବେ ଝାରପଡ଼ା ଜେଲରେ ଥିବାରୁ ଗୁରୁବାର ତାଙ୍କୁ ରିମାଣ୍ଡ ଆଣିବାକୁ ଇଡି ଯୋଜନା କରୁଛି। ରିମାଣ୍ଡ ସମୟରେ ସମାନ ଭାବେ ଶ୍ରଦ୍ଧାଞ୍ଜଳି ଓ ଅକ୍ଷୟ ପରିଜାଙ୍କୁ ବସାଇ ମୁହାଁମୁହିଁ ଜେରା କରିବାକୁ ଯୋଜନା ଚାଲିଥିବା ଜଣାପଡ଼ିଛି। ସେପଟେ ଖଗେଶ୍ୱରଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଗୁରୁବାର ସରୁଛି। ପ୍ରଥମେ ଖଗେଶ୍ୱର ୧୦ଦିନିଆ ରିମାଣ୍ଡରେ ଆସିଥିବାବେଳେ ସୋମବାରଠାରୁ ପୁଣି ୩ଦିନିଆ ରିମାଣ୍ଡରେ ଆସିଛନ୍ତି। ଗୁରୁବାର ତାଙ୍କୁ କୋର୍ଟରେ ହାଜର କରି ପୁଣିଥରେ ରିମାଣ୍ଡ ଲାଗି ଆବେଦନ କରିପାରେ ବୋଲି ସୂଚନା ମିଳିଛି।

### ଅର୍ଚ୍ଚନାଙ୍କ ଗୁମର ଖୋଜୁଛି ଇଡି

- ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଦ୍ୱିତୀୟଥର ଜେରା
- ଆଜି ସରୁଛି ଖଗେଶ୍ୱରଙ୍କ ୩ ଦିନିଆ ରିମାଣ୍ଡ ଅବଧି
- ଅର୍ଚ୍ଚନାଙ୍କୁ ରିମାଣ୍ଡ ଆଣିବାକୁ ଇଡିର ପ୍ରସ୍ତୁତି


ଶ୍ରଦ୍ଧାଞ୍ଜଳି ବେହେରା

### ଭାଇରାଲ୍ ହେଉଛି ଶ୍ରଦ୍ଧାଞ୍ଜଳିଙ୍କ ରିଲ୍ସ ଭିଡିଓ


ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ କଳାସାମ୍ରାଜ୍ୟର ଅନ୍ୟତମ ଅଭିଯୁକ୍ତ ତଥା ହନିଟ୍ରାପ୍ ଘଟଣାର ମୋହରା ହେଉଛନ୍ତି ଶ୍ରଦ୍ଧାଞ୍ଜଳି। ତାଙ୍କର ଅଭିନୟ ପ୍ରତି ବହୁତ ଆଗ୍ରହ ଥିଲା। ଏପରି କି ସିନେମାରେ ମଧ ଅଭିନୟ କରିବାକୁ ଚାହିଁ ରହିଥିଲେ। ଏଥିପାଇଁ ସେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ ନିବେଦନ କରିଥିଲେ। ଗୁରୁବାର ତାଙ୍କୁ ଇଡି ଅଫିସ୍‌ରେ ଜେରା ଚାଲିଥିବାବେଳେ ସୋସିଆଲ ମିଡିଆରେ ତାଙ୍କର କିଛି ଭିଡିଓ ବେଶ୍ ଭାଇରାଲ ହୋଇଥିଲା। ସେ ଭିନ୍ନ ଭିନ୍ନ ଭଙ୍ଗୀରେ ନାଚ ସହ ଅଭିନୟ କରୁଥିବା ମଧ ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ଏକ ଭିଡିଓରେ ତାଙ୍କ ସହ ନାଚୁଥିବା ଲମ୍ବା ନିଶ ଓ ହଳଦିଆ ପୋଷାକ ପିନ୍ଧିଥିବା କଳାକାର ଜଣକ କିଏ? ତାଙ୍କର ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟ ସହ ଲିଙ୍କ୍ ରହିଛି କି ନାହିଁ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

# ପୂର୍ବତନ ମନ୍ତ୍ରୀ ଗୋଲକ ନାଏକଙ୍କ ପରଲୋକ

ବାରିପଦା ଅଫିସ/ଖୁଣ୍ଟା, ୨୩।୧୧ (ଡି.ଏନ୍.ଏ.)

ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକ(୬୫)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ଘରୁ ବାରିପଦାର ଏକ ଘରୋଇ ନର୍ସିଂହୋମକୁ ବୁଧବାର ସକାଳେ ଡାଏଲିସିସ ପାଇଁ ଆସିଥିବା ବେଳେ ପୂର୍ବାହ୍ନ ୧୦ଟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ବ୍ୟକ୍ତ କରିବା ସହ ଆଦିବାସୀଙ୍କ ଉନ୍ନତି ପାଇଁ ସେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି ବୋଲି ଟ୍ୱିଟ ମାଧ୍ୟମରେ ଜଣାଇଛନ୍ତି। ବିଭିନ୍ନ ରାଜନୈତିକ ଦଳ ନେତା, ସମର୍ଥକ ଓ ଆତ୍ମୀୟମାନେ ତାଙ୍କ ଶେଷଦର୍ଶନ କରିଛନ୍ତି। ମୃତଦେହକୁ ବାସସ୍ଥାନ ବେତନଟୀ ଫାର୍ମହାଉସକୁ ନିଆଯିବା ପରେ ସେଠାରୁ ପୈତୃକ ଗ୍ରାମ ବଡ଼ସାହି ବ୍ଲକ ଶିଆଳିଘାଟି ପଞ୍ଚାୟତ ଅନ୍ତର୍ଗତ ବୁଢ଼େଇରଣାରେ ଗାର୍ଡ ଅଫ୍ ଅନର ପ୍ରଦାନ ପୂର୍ବକ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ନାଏକ ୨୦୦୦ରେ ଖୁଣ୍ଟା ବିଧାନସଭା ନିର୍ବାଚନମଣ୍ଡଳୀରୁ ଦ୍ୱାଦଶ ବିଧାନସଭା ସଦସ୍ୟ ଭାବେ ପ୍ରତିନିଧିତ୍ୱ କରିଥିଲେ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଦୁଇ ଥର ଭାଜପାରୁ ନିର୍ବାଚିତ ହୋଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ରହିଥିଲେ । ପରବର୍ତ୍ତୀ ସମୟରେ ଉଦଳା ନିର୍ବାଚନମଣ୍ଡଳୀରୁ ୨୦୧୪-୨୦୧୯ ପର୍ଯ୍ୟନ୍ତ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ମଧ ସେ ଦାୟିତ୍ୱ ତୁଲାଇଥିଲେ। ଦେହ ଅସୁସ୍ଥ ପାଇଁ ପ୍ରତ୍ୟକ୍ଷ ରାଜନୀତିରୁ ଓହରି ଯାଇଥିଲେ। ତାଙ୍କର ଶିକ୍ଷୟିତ୍ରୀ ପତ୍ନୀ ସୁବାସିନୀଙ୍କୁ ରାଜନୀତିକୁ ଆଣି ବଡ଼ସାହି ନିର୍ବାଚନମଣ୍ଡଳୀର ୨୩ନଂ. ଜିଲା ପରିଷଦ ଜୋନରୁ ବିଜୟୀ କରାଇଥିଲେ । ସେ ଜଣେ ମିଷ୍ଟଭାଷୀ ଓ ମେଳାପି ସ୍ୱଭାବର ନେତା ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଶୋକବ୍ୟକ୍ତ କରିଛନ୍ତି।

### ଶୋକ ବ୍ୟକ୍ତ କଲେ ରାଷ୍ଟ୍ରପତି


ଗୋଲକ ବିହାରୀ ନାଏକ

# ଜଙ୍ଗଲରୁ ଇଭିଏମ୍, ବିପୁଳ ବିସ୍ଫୋରକ ଜବତ

ମାଲକାନଗିରି/ଚିତ୍ରକୋଣ୍ଡା, ୨୩।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ପୋଲିସ ଏବଂ ସୁରକ୍ଷା ବାହିନୀ ପକ୍ଷରୁ କୋମ୍ବିଂ ଅପରେଶନ ବେଳେ ଇଭିଏମ୍(ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ସହ ବିପୁଳ ପରିମାଣର ବିସ୍ଫୋରକ ଏବଂ ମାଓବାଦୀ ସାମଗ୍ରୀ ମଙ୍ଗଳବାର ରାତିରେ ଜବତ କରାଯାଇଛି। ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତ ଜୋଡ଼ାମ୍ବ ଥାନା ଅଧୀନ ଧାକଡ଼ପଦର ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀ ସାମଗ୍ରୀ ଗଚ୍ଛିତ ଥିବା ସୂଚନା ପାଇଁ ମଙ୍ଗଳବାର ସନ୍ଧ୍ୟାରେ କୋମ୍ବିଂ ଅପରେଶନ ଆରମ୍ଭ ହୋଇଥିଲା। ଜଙ୍ଗଲ ମଧ୍ୟରେ ଏକ ଗର୍ତ୍ତରେ ମାଓବାଦୀ ଉକ୍ତ ସାମଗ୍ରୀ ପୋତିଥିବା ବେଳେ ପୋଲିସ ଏବଂ ସୁରକ୍ଷା ବାହିନୀ ପକ୍ଷରୁ ଏସବୁ ଜବତ କରାଯାଇଛି। ଏନେଇ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନୀ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଜବତ ବିସ୍ଫୋରକ ଏବଂ ମାଓବାଦୀ ସାମଗ୍ରୀ ମଧ୍ୟରେ ଗୋଟିଏ ଏସ୍‌ଏମ୍‌ବିଏଲ୍ ବନ୍ଧୁକ, ରାଇଫଲ, ଟେଲିସ୍କୋପ ମାଉଣ୍ଟ, ଦେଶୀ ପିସ୍ତଲ, ୧୦ ଟିଫିନ୍ ଆଇଇଡି, ୨ ହ୍ୟାଣ୍ଡ ଗ୍ରେନେଡ୍, ଡିଟୋନେଟର ତାର, କ୍ୟାମେରା ଫ୍ଲାଶ, ଫ୍ଲାଶ ଲାଇଟ ତାର, ଲାଲ କପଡ଼ା, ମାଓବାଦୀ ପୋଷାକ, ଔଷଧ, ସାଲାଇନ ବୋତଲ ଏବଂ ଅନ୍ୟ ସାମଗ୍ରୀ ରହିଛି। ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ତେଣୁ ସେମାନେ ସଙ୍ଗଠନ ଛାଡ଼ି ଫେରନ୍ତୁ ବୋଲି ଏସ୍‌ପି ୱାଧୱାନୀ ଆହ୍ୱାନ କରିଛନ୍ତି।

### ପୋତିଥିଲେ ମାଓବାଦୀ


ଜବତ ମାଓବାଦୀ ସାମଗ୍ରୀ

# 'ଶାନ୍ତିବାର୍ତ୍ତା ଦ୍ୱାରା ତୃତୀୟ ବିଶ୍ୱଯୁଦ୍ଧ ରୋକିଛନ୍ତି ମୋଦି'


ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି। (ଫଟୋ- ମନୋରଞ୍ଜନ)

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଦ୍ୱିତୀୟ ବିଶ୍ୱନେତା। ଶାନ୍ତିର ବାର୍ତ୍ତା ଦ୍ୱାରା ସେ ତୃତୀୟ ବିଶ୍ୱଯୁଦ୍ଧକୁ ରୋକି ପାରିଛନ୍ତି। ୟୁକ୍ରେନ ଓ ରୁଷିଆକୁ ଉଦାହରଣ ଭାବେ ନେଲେ ପ୍ରଧାନମନ୍ତ୍ରୀ ମୋଦି ଏ ଦିଗରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସୁଭଦ୍ରା ଆର୍ଟ ଗ୍ୟାଲେରି ପକ୍ଷରୁ ସ୍ଥାନୀୟ ପ୍ରେସକ୍ଲବଠାରେ ଆୟୋଜିତ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ମୋଦି @୨୦'ର ବୁଧବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱଭୂଷଣ ଏହା କହିଛନ୍ତି। ମୋଦିଙ୍କ ଜୀବନୀକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିଥିବାରୁ ଚିତ୍ରଶିଳ୍ପୀଙ୍କୁ ସେ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଅରୁନ୍ଧତୀ ଦେବୀ, ସାହିତ୍ୟିକ ମିହିର ସାହୁ ଯୋଗଦେଇ ଚିତ୍ରକଳାର ନିଖୁଣତା ଓ ବାର୍ତ୍ତାକୁ ପ୍ରଶଂସା କରିଥିଲେ। ଆଗାମୀ ୧ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସହରରେ ଏହି ପ୍ରଦର୍ଶନୀ ଆୟୋଜିତ ହେବ। ଏହାଦ୍ୱାରା ଯୁବ ସମାଜକୁ ମୋଦିଙ୍କ ବାର୍ତ୍ତାର ପ୍ରସାର ହୋଇପାରିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ.ସୂର୍ଯ୍ୟରଥ କହିଥିଲେ। ମୋଦିଙ୍କ ଜୀବନାଦର୍ଶକୁ ନେଇ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀରେ ସାରା ଭାରତରୁ ପ୍ରାୟ ୪୫ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀ ରବିନାରାୟଣ ରଥ, ସୁବୋଧ କୁମାର ସାହୁ, ଅନନ୍ତ ମହାନ୍ତି, ରଞ୍ଜନ ମଲ୍ଲିକ, ମିନକେତନ ପଟ୍ଟନାୟକ, ଚିନ୍ତାମଣି ବିଶ୍ୱାଳ, ପ୍ରିୟଦର୍ଶିନୀ ମହାନ୍ତି, ରଞ୍ଜନ ପଟ୍ଟନାୟକ, ସୁଜାତା ବେହେରା, ମମତା ସାମନ୍ତରାୟ, ରାଜନନ୍ଦିନୀ ମହାପାତ୍ର ପ୍ରମୁଖଙ୍କ ଚିତ୍ରକଳା ବେଶ୍ ପ୍ରଶଂସିତ ହୋଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶଙ୍କର ପରିଡ଼ା ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ସାମ୍ବାଦିକ କିଶୋର ଦ୍ୱିବେଦୀ ପ୍ରଦର୍ଶନୀର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଗ୍ୟାଲେରିର ନିର୍ଦ୍ଦେଶକ ଅଶୋକ ନାୟକ ଉପସ୍ଥିତ ଥିଲେ। ପୂର୍ବାହ୍ନରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ପ୍ରଦର୍ଶନୀ ବୁଲି ଦେଖିବା ସହ ଚିତ୍ରଶିଳ୍ପୀଙ୍କ ସହ ଆଲୋଚନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶିଳ୍ପୀ ରବିନାରାୟଣ ରଥ ଧନ୍ୟବାଦ ଜଣାଇଥିଲେ।

### ସରିଲା ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ମୋଦି @୨୦'

# ଏମ୍‌ବିବିଏସ୍ ଛାତ୍ରୀଙ୍କୁ କାମୁଡ଼ି ଡାକ୍ତର ଗିରଫ

ବ୍ରହ୍ମପୁର ଅଫିସ,୨୩।୧୧

ଗଞ୍ଜାମ ଜିଲାର ବ୍ରହ୍ମପୁର ସହରରେ ଥିବା ଦୁଇଟି କଲେଜରେ ଗତ କିଛିଦିନ ମଧ୍ୟରେ ରାଗିଂ ହୋଇ ଚର୍ଚ୍ଚାର ବିଷୟ ପାଲଟି ଥିଲା। ଏବେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବଡ଼ ଡାକ୍ତରଖାନା ପରିସରରେ ଜଣେ ଡାକ୍ତର ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। କୌଣସି ଏକ କାରଣକୁ କେନ୍ଦ୍ରକରି ଜଣେ ହାଉସ୍ ସର୍ଜନ ଏମ୍‌ବିବିଏସ୍‌ର ଶେଷବର୍ଷ ଛାତ୍ରୀଙ୍କୁ କାମୁଡ଼ି ରକ୍ତାକ୍ତ କରି ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ପୀଡ଼ିତା ଛାତ୍ରୀଙ୍କ ଅଭିଯୋଗ କ୍ରମେ ବୈଦ୍ୟନାଥପୁର ଥାନା ପୋଲିସ ମାମଲା ରୁଜୁ କରି ଡା. ସୁପ୍ରନ କୁମାର ପାଢ଼ୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ପୋଲିସ ସୂଚନାନୁସାରେ ବଡ଼ ଡାକ୍ତରଖାନାରେ ହାଉସ୍ ସର୍ଜନ ଭାବେ କାମ କରୁଥିବା ଡା. ସୁପ୍ରନ ଓ ଏମ୍‌ବିବିଏସ୍‌ର ଶେଷବର୍ଷ ଛାତ୍ରୀ ମଙ୍ଗଳବାର ଭୋରୁ ଛାତ୍ରୀ ନିବାସ ହଷ୍ଟେଲ୍ ନିକଟରେ କଥା ହେଉଥିଲେ। ଏହି ସମୟରେ ହଠାତ୍ ଡା. ସୁପ୍ରନ ସମ୍ପୃକ୍ତ ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହିତ ନାନା ଧମକ ଦେଇଥିଲେ। ଏପରିକି ତାଙ୍କର ହାତ, ବେକ ଓ ଗାଲକୁ କାମୁଡ଼ି ଦେଇଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିଥିବା ବେଳେ ଡା. ସୁପ୍ରନ ତାଙ୍କୁ ମାଡ଼ ମାରିଥିଲେ। ଛାତ୍ରୀ ଜଣକ ସେଠାରୁ ପ୍ରାଣବିକଳରେ ଦୌଡି ଯାଇ ହଷ୍ଟେଲ୍‌ରେ ପଶି ଯାଇଥିଲେ। ଶେଷରେ ବୁଧବାର ଛାତ୍ରୀ ଜଣକ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ କ୍ରମେ ପୋଲିସ ହତ୍ୟା ଉଦ୍ୟମ ମାମଲାରେ ଡା. ସୁପ୍ରନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବ୍ରହ୍ମପୁର ବଡ଼ ମେଡିକାଲ

# ଛାତ୍ରଙ୍କୁ ରାସ୍ତାରେ ଆଣ୍ଠେଇ ମାଡ଼ ଭିଡିଓ ଭାଇରାଲ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

କଟକ ଫୁଲନଖରାଠାରେ ରାସ୍ତାରେ ଆଣ୍ଠେଇ ସର୍ବସମ୍ମୁଖରେ ମାଡ଼ ମାରି ଜଣେ ମନ୍ତ୍ରୀଙ୍କ ପୁତୁରା ଗିରଫ ଘଟଣା ମନରୁ ନ ଲିଭୁଣୁ ରାଜଧାନୀ ଭୁବନେଶ୍ୱରରେ ତାହାର ପୁନରାବୃତ୍ତି ହୋଇଛି। ଜଣେ ଛାତ୍ରଙ୍କୁ ଆଉ କେତେଜଣ ଛାତ୍ର ରାସ୍ତାରେ ଆଣ୍ଠେଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ଉକ୍ତ ଭିଡିଓଟି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ବୋଲି ଜଣାପଡୁଛି। ପ୍ରେମଜନିତ କାରଣକୁ ନେଇ କଲେଜ ପିଲାଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି। ଜଣେ ଛାତ୍ର ରାସ୍ତାରେ ଆଣ୍ଠେଇଥିବାବେଳେ ଆଉ କେତେଜଣ ଛାତ୍ର ଚାରିପଟୁ ଘେରି ଯାଇ ନିର୍ଯାତନା ଦେଉଥିବା ଦୃଶ୍ୟମାନ ହେଉଛି। ତେବେ ଏନେଇ ପୀଡିତ ଛାତ୍ର କିମ୍ବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ସମ୍ପୃକ୍ତ ୩ ଛାତ୍ରଙ୍କୁ ଥାନାକୁ ଉଠାଇ ଆଣି ପଚରାଉଛରା କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଟକ ୩ ଯୁବକଙ୍କଠାରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। କିଏ କହୁଛି ରିଲ୍ ଚାଲିଥିଲା, ତ କିଏ କହୁଛି ରୁମ୍‌ମେଟ୍ ଭିତରେ ମଜା ଚାଲିଥିଲା। ପୁଣି କିଏ କହୁଛି ଗୋଟିଏ ଝିଅକୁ ୨ ଯୁବକ ପ୍ରେମ କରୁଥିବାରୁ ଏହି ଗଣ୍ଡଗୋଳ ଘଟିଥିଲା। ଏନେଇ ନିର୍ଯାତନାର ଶିକାର ଛାତ୍ର ଅଭିଯୋଗ କରିବା ପରେ ପୂରା ଘଟଣା କଣ ଜଣାପଡିବ ବୋଲି ପୋଲିସ କହିଛି। ରାଜଧାନୀରେ ଏଭଳି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତପ୍ରକାଶ ପାଇଛି।

### ୩ ଯୁବକଙ୍କୁ ଉଠାଇଆଣିଲା ପୋଲିସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅତୀତ କଥାକୁ ମନରେ ସ୍ଥାନ ଦେଇ ବିଫଳତାର କାରଣ ଖୋଜିବୁଲିବେ। ଏକାଧିକ ଗ୍ରହ ଧନସ୍ଥାନକୁ ଦେଖୁଥିବାରୁ ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। କର୍ମକ୍ଷେତ୍ରରେ ସାଧାରଣ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। ଘରକଥା ଆଲୋଚନା କରି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମ କରିପାରନ୍ତି।

**ବୃଷ** ଚାରୋଟି ଗ୍ରହ ରାଶିକୁ ଦେଖୁଥିବାରୁ ଏକାଧିକ କାମରେ ଅନୁପ୍ରବେଶ କରିପାରନ୍ତି। ଆପଣ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଆଶା କରିଥିବା ଦିଗରୁ ଅର୍ଥ ଓ ସମ୍ମାନ ପାଇବା କଷ୍ଟକର ହେବନାହିଁ। ଅବହେଳାଜନିତ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**ମିଥୁନ** ବନ୍ଧୁଙ୍କ ପରାମର୍ଶକ୍ରମେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାହାଯ୍ୟ ସହଯୋଗ ମନୋବୃତ୍ତିରୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ପ୍ରଶଂସିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଚୁପ୍ ରହିବାକୁ ବାଧ ହେବେ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତିର ସହ କାମଟି କରିଦେବାର ପ୍ରତିଶ୍ରୁତି ଦେବେ। ସାହିତ୍ୟ, ସାମ୍ବାଦିକତା, କଳା, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଖଳ ଲୋକଙ୍କ କଥାରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ବୁଝି ଦୂରେଇ ରହିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମହିଳାଙ୍କ ମନରେ ସରସତା ରହିବ ନାହିଁ।

**ସିଂହ** ଅନ୍ୟମାନଙ୍କ ବିରୋଧ ସାଙ୍ଗକୁ ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ମାନସିକ ଚାପରେ ଅନ୍ୟମନସ୍କ ରହିପାରନ୍ତି। ଅଭାବ ଓ ଅସୁବିଧା ସମ୍ପର୍କରେ ବନ୍ଧୁଙ୍କ ସହାନୁଭୂତିପୂର୍ଣ୍ଣ କଥାରୁ ଆଶ୍ୱସ୍ତି ମିଳିବ। ଆଜି ପ୍ରବାସୀଙ୍କ ପକ୍ଷରେ ଘରକଥା ମନକୁ ବେଶି ଆନ୍ଦୋଳିତ କରିପାରେ।

**କନ୍ୟା** ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକଜନିତ କାର୍ଯ୍ୟହାନିରୁ କ୍ଷୋଭ ପ୍ରକାଶ କରିବେ। ମାନସିକ ଅଶାନ୍ତି କାରଣରୁ ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ। ଉପରିସ୍ଥଙ୍କ ଅନୁଗ୍ରହରୁ ଅଟକି ରହିଥିବା କାମଟି ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା** ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ।

**ବିଛା** ବହୁତ ଦିନରୁ ଚିନ୍ତା କରୁଥିବା କାମରେ ସଫଳତା ପାଇପାରନ୍ତି। ବନ୍ଧୁଙ୍କ ଅନୁରୋଧବଶତଃ ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଆଳାପରେ ସମୟ କଟାଇବାର ସୁଯୋଗ ମିଳିବ। ସାହିତ୍ୟ, ସାମ୍ବାଦିକତା, ସଭାସମିତି, ଚୁକ୍ତିପତ୍ର ସମ୍ପର୍କିତ କାମଗୁଡିକ ସହଜସାଧ ହୋଇପାରିବ।

**ଧନୁ** ପରିବାରରେ ତର୍କବିତର୍କ ସାଙ୍ଗକୁ ଭୁଲ୍ ବୁଝାମଣା କାରଣରୁ ଟେନ୍‌ସନ ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ଲାଗି ଜଣେ ବନ୍ଧୁ ସାହାଯ୍ୟ କରିବେ। ସାମାଜିକସ୍ତରରେ ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। କିନ୍ତୁ ସାମୟିକ ଭାବେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ମାନସିକ ଅସ୍ଥିରତା ରହିଲେ ମଧ କାମ ହାସଲରେ କୌଣସି ଅସୁବିଧା ରହିବନାହିଁ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ଜିନିଷପତ୍ର ହଜିଯାଇପାରେ। ସଭାସମିତିରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କ୍ରୀଡ଼ା, ସଙ୍ଗୀତ ଏବଂ ଯୋଗାଭ୍ୟାସ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ଆଲୋଚନା କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଲାଗିରହିଥିବା ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପଡ଼ୋଶୀଙ୍କ ରୁକ୍ଷ ବ୍ୟବହାର ମନରେ ଆଘାତ ଦେଇପାରେ। କାମଗୁଡ଼ିକ ବିଳମ୍ବିତ ହେଉଥିବାରୁ ଅଧସ୍ତନ କର୍ମଚାରୀଙ୍କ ଉପରେ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ** ବନ୍ଧୁମାନଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ସହଯୋଗରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜି ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ।

ଆଜି ନଭେମ୍ବର ୨୪ ତାରିଖ, ମାର୍ଗଶିର ଶୁକ୍ଳ ପ୍ରତିପଦା ଗୁରୁବାର, ଶ୍ରୀମନ୍ଦିରରେ ଶେଷ ଦୀପାବଳି, ଶ୍ରୀଜୀଉଙ୍କ ଶ୍ରାଦ୍ଧବେଶ। ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ମାଣବସା ଗୁରୁବାର ତୃତୀୟ ପାଳି, ରାଶି ନକ୍ଷତ୍ର- ଅନୁରାଧା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬/୦୪ମି ଗତେ ଘ.୦୭/୩୧ମି ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨/୪୫ମି ଗତେ ଘ.୦୨/୧୭ମି ମଧ୍ୟେ ରାହୁକାଳ।


MARUTI SUZUKI ARENA
₹1
Down Payment^
ସ୍ୱପ୍ନର କାର କିଣିବା କେବେବି ଏତେ ସହଜ ନଥିଲା ।
ଘରକୁ ନେଇ ଆସନ୍ତୁ ସମ୍ପୂର୍ଣ୍ଣ ନୂତନ ମାରୁତି ସୁଜୁକୀ ଏରିନା କାର ଆକର୍ଷଣୀୟ ଫାଇନାନ୍ସ ଅଫର୍ସ ଗୁଡ଼ିକ ସହିତ ।
ALTO
S-PRESSO
WAGONR
CELERIO
ALTO K10
BIG SAVINGS
ALTO ₹45 100*
S-PRESSO ₹65 100*
WAGONR ₹55 100*
CELERIO ₹40 100*
ALTO K10 ₹55 100*
FINANCE OFFERS
100%^ ON-ROAD FUNDING AVAILABLE
EMI STARTING FROM ₹799^ -PER LAKH-
Low Rate of INTEREST Starting from 7.85%^
BOOK NOW AND AVAIL ₹10 000* OFFER
ALTO S-PRESSO WAGONR CELERIO ALTO K10
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in
ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.
ORBIT MOTORS
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.
LEGEND CARS
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.
SKY AUTOMOBILES
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.
*Offer includes consumer offer, exchange bonus, institutional offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme/credit/Down payment mentioned in the advertisement are at the sole discretion of the financier (ICICI Bank, SBI, HDFC Bank, Axis Bank, Mahindra Finance and Cholamandalam Finance) and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. All offers are for limited period and for limited stock only .Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

ସବୁ କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି। ତୁମକୁ ଏହି କଥା ଭଲ ଲାଗିବା ଉଚିତ। ... ଏହା ହିଁ ତୁମର ସ୍ୱପ୍ନ ଓ ଆକାଂକ୍ଷାର ବିଷୟବସ୍ତୁ ହେବା ଉଚିତ। -ଶ୍ରୀମା




# ଉତ୍ତର ପୂର୍ବାଞ୍ଚଳର କୃଷ୍ଣଭାବ



ଦେବଦତ୍ତ ପଟ୍ଟନାୟକ

ଭାରତୀୟ ଧର୍ମୀୟ ଧାରାରେ କୃଷ୍ଣ ଭକ୍ତିର ସ୍ଥାନ ଅନନ୍ୟ। ଜଣେ କୃଷ୍ଣଙ୍କ କଥା ବର୍ଣ୍ଣନା କରିବା ସମୟରେ ସାଧାରଣତଃ ସୁରଦାସ ଏବଂ ମୀରାବାଈଙ୍କ ଉତ୍ତର ଭାରତୀୟ ପରମ୍ପରା କିମ୍ବା ଅନ୍ଦଲ ଓ ଅଲୱାରଙ୍କ ଦକ୍ଷିଣ ଭାରତୀୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥା'ନ୍ତି। ଏହା ବ୍ୟତୀତ ଚୈତନ୍ୟ ମହାପ୍ରଭୁ ବି ଥିଲେ କୃଷ୍ଣଙ୍କର ପରମ ଭକ୍ତ। ସେ ପୂର୍ବଭାରତୀୟ କୃଷ୍ଣ ପରମ୍ପରାରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ସେହିଭଳି ପଶ୍ଚିମ ଭାରତର ପରମ୍ପରାରେ ବଲ୍ଲଭାଚାର୍ଯ୍ୟ ଏବଂ ଦାନେଶ୍ୱରଙ୍କ କୃଷ୍ଣ ଭକ୍ତି ବା ପ୍ରେମଭାବର ପ୍ରଭାବ ରହିଛି। ଆମେ ଭାରତର ବିଭିନ୍ନ ଭାଗର କୃଷ୍ଣ ପରମ୍ପରା ସମ୍ପର୍କରେ ଆଲୋଚନା କରୁଥିବା ସମୟରେ ଉତ୍ତର ପୂର୍ବାଞ୍ଚଳ ପ୍ରତି କମ୍ ଧ୍ୟାନ ଦେଇଥାଉ। ସେଠାକାର କୃଷ୍ଣଙ୍କ ଭକ୍ତିଭାବ ବିଷୟ ଉତ୍ଥାପନ କରି ନ ଥାଉ। ଉତ୍ତର ପୂର୍ବାଞ୍ଚଳ ଆସାମଠାରୁ ଆଗକୁ ଲମ୍ବିଛି। ଏହା ମଧ୍ୟରେ ଏବେ ଅନେକ ରାଜ୍ୟ ରହିଛି। ପୁରାଣ ଯୁଗରେ ଏହା ଥିଲା ଗାନ୍ଧର୍ବ ଦେଶ । ଏହି ଅଞ୍ଚଳର ବୈଦିକ ଦେବୀ ଉଷାଙ୍କ ସହ ସମ୍ପର୍କ ରହିଛି। ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ ଏହା ଥିଲା ରୁକ୍ମିଣୀଙ୍କ ଭୂମି। ରୁକ୍ମିଣୀ କୃଷ୍ଣଙ୍କୁ ବିବାହ କରିଥିଲେ। ଏହା ମଧ୍ୟ ଥିଲା ଅର୍ଜୁନଙ୍କୁ ବିବାହ କରିଥିବା ଚିତ୍ରାଙ୍ଗଦା ଓ କୃଷ୍ଣଙ୍କ ନାତି ଅନିରୁଦ୍ଧଙ୍କ ପତ୍ନୀ ଉଷାଙ୍କ ଜନ୍ମମାଟି। ଭାରତରେ କୃଷ୍ଣଙ୍କ ପରମ୍ପରା କିମ୍ବା ଭକ୍ତିରେ କିଛି ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ। ଆସାମ ଓ ମଣିପୁରର ଧର୍ମୀୟ ପରମ୍ପରାରେ କୃଷ୍ଣ ଭକ୍ତି ଅଛି, କିନ୍ତୁ ଏହି ଦୁଇ ସ୍ଥାନରେ ଭକ୍ତି ଭାବରେ ପ୍ରଭେଦ ରହିଛି। ଜଣେ ଆସାମ ଗଲେ କୃଷ୍ଣ ଭକ୍ତି ଶଙ୍କରଦେବଙ୍କ ଦ୍ୱାରା ପ୍ରଚାର କରାଯାଇଥିବା ଦେଖିବାକୁ ପାଇବେ। ଶଙ୍କରଦେବ ୫୦୦ ବର୍ଷ ପୂର୍ବେ ସେଠାରେ ରହି କୃଷ୍ଣ ପ୍ରେମଭାବ ପ୍ରଚାର କରିଥିଲେ। କିନ୍ତୁ ଜଣେ ଆସାମର ଆହୁରି ପୂର୍ବ ଆଡ଼କୁ ଯାତ୍ରା କରି ମଣିପୁରରେ ପହଞ୍ଚିଲେ ଏହାଠାରୁ ଅଲଗା ପ୍ରକାର କୃଷ୍ଣ ଭକ୍ତି ଦେଖିବାକୁ ପାଇବେ। ଏଠାରେ କୃଷ୍ଣ ଭକ୍ତି ଚୈତନ୍ୟ ମହାପ୍ରଭୁଙ୍କ ଭକ୍ତି ଓ ବିଚାର ଆଧାରିତ ବୋଲି ସ୍ପଷ୍ଟ ହୁଏ।

ଆସାମର ଶଙ୍କରଦେବଙ୍କ କୃଷ୍ଣଭକ୍ତି ସମ୍ପୂର୍ଣ୍ଣ ନିର୍ଗୁଣ (ନିରାକାର କୃଷ୍ଣ) ଓ ଏଥିରେ ରାଧାଙ୍କ ସ୍ଥାନ ନାହିଁ। ମଣିପୁରରେ ଚୈତନ୍ୟ ଭକ୍ତି ସଗୁଣ(ସାକାର କୃଷ୍ଣ)ର ମହତ୍ତ୍ୱ ପ୍ରତିପାଦନ କରେ ଓ ଏହା ରାଧାଙ୍କୁ ଆରାଧନା କରିଥାଏ। ଶଙ୍କରଦେବ ଥିଲେ ଦାସ୍ୟ ଭାବର ଉପାସକ। ସେ ସେବକ ଭାବରେ ପ୍ରଭୁଙ୍କ ନାମ (ଏକ -ନାମ -ଶରଣ) ଗାନର ମହତ୍ତ୍ୱ ଉପସ୍ଥାପନ କରିଛନ୍ତି। ମଣିପୁରର କୃଷ୍ଣ ଭକ୍ତିରେ ନୃତ୍ୟର ମହତ୍ତ୍ୱ ଅଧିକ। ଏହା ମାଧ୍ୟମରେ କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କ ପ୍ରେମ ଭାବନା(ମାଧୁର୍ଯ୍ୟ ଭାବ) ମହତ୍ତ୍ୱକୁ ଦର୍ଶାଯାଇଥାଏ; ଯାହା ଦିବ୍ୟତାର ପଥ ବୋଲି ମନେକରାଯାଏ। ବୈଷ୍ଣବବାଦର ଏହି ଉଭୟ ଭକ୍ତିର ଧାରା ପୁରୁଣା ଜନଜାତି ପରମ୍ପରା ତଥା ଶାକ୍ତ ପ୍ରଥାଗୁଡ଼ିକଠାରୁ ଅଧିକ ମାତ୍ରାରେ ପରିପ୍ରକାଶ ଲାଭ କରିଥିଲା।



ଶଙ୍କରଦେବ ଥିଲେ ଜଣେ ଶିକ୍ଷିତ ବ୍ୟକ୍ତି ଓ ଅଗାଧ ଜ୍ଞାନର ଅଧିକାରୀ। ସେ କୃଷ୍ଣଙ୍କ ଜୀବନକୁ ଆଧାର କରି ଅନେକ ଗୀତ ଓ ନାଟକ ରଚନା କରିଥିଲେ। ତାଙ୍କ ଭକ୍ତି ଭାବ ଓ ବିଚାରଧାରା ପ୍ରଚାରରେ ନାଟକ ଓ ନୃତ୍ୟ ମୁଖ୍ୟ ଭୂମିକା ନେଇଥିଲା। ଆସାମରେ ଅଙ୍କିୟ ନାଟକରେ ଏହା ଦେଖିବାକୁ ମିଳେ। ଶଙ୍କରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟଦଳଗୁଡ଼ିକ ଦ୍ୱାରା ପ୍ରଦର୍ଶିତ ଉକ୍ତ ନାଟକରେ କୃଷ୍ଣଙ୍କ ଜୀବନୀର ବହୁ ଝଲକ ରହିଛି। ସତ୍ୟଭାମା ଓ ରୁକ୍ମିଣୀଙ୍କ ସ୍ୱାମୀ ଭାବେ କୃଷ୍ଣ ଏହି ନାଟକରେ ଦେଖାଯାଇନାହାନ୍ତି। ସବୁଠୁ ବଡ଼ କଥା ହେଉଛି, ଅଙ୍କିୟ ନାଟକରେ ରାଧାଙ୍କ ସମ୍ପର୍କରେ କୌଣସି ବର୍ଣ୍ଣନା ନାହିଁ କି ନାଟକରେ ଏଭଳି ଚରିତ୍ର ଦେଖିବାକୁ ମିଳେନାହିଁ। ଶଙ୍କରଦେବଙ୍କ ଭଳି ଚୈତନ୍ୟ କିଛି ଲେଖି ନ ଥିଲେ। ମହାପ୍ରଭୁ ଚୈତନ୍ୟଙ୍କର ବହୁ ଶିଷ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ବୃନ୍ଦାବନରେ ରହିବାକୁ ପସନ୍ଦ କରିଥିଲେ ଓ ଶେଷ ଜୀବନ ପର୍ଯ୍ୟନ୍ତ ସେଠାରେ ରହିଥିଲେ। ବୃନ୍ଦାବନରେ ଏହି ଶିଷ୍ୟଗଣ କୃଷ୍ଣ ପରମ୍ପରା ଓ ଭକ୍ତିକୁ ପୁନଃ ଉଜ୍ଜୀବିତ କରିଥିଲେ। ଏହି ଶିଷ୍ୟମାନଙ୍କ ମଧ୍ୟରୁ ଅନେକ ମଣିପୁର ଯାଇଥିଲେ। ଚୈତନ୍ୟଙ୍କ ଭକ୍ତିରେ ରାଧାଙ୍କ ସ୍ଥାନ ରହିଥିବାରୁ ମଣିପୁରରେ ମଧ୍ୟ କୃଷ୍ଣ ଭକ୍ତିରେ ଶ୍ରୀରାଧାଙ୍କ ପ୍ରମୁଖ ସ୍ଥାନ ଅଛି। ଶଙ୍କରଦେବଙ୍କ ସମକାଳୀନ ଥିଲେ ଚୈତନ୍ୟ ମହାପ୍ରଭୁ। ଚୈତନ୍ୟ ଦେବଙ୍କର ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ସହ ନିବିଡ଼ ସମ୍ପର୍କ ରହିଛି। ସେ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିବା ପରେ ଶେଷ ଜୀବନ ପୁରୀ ଶ୍ରୀକ୍ଷେତ୍ରରେ କଟାଇଥିଲେ। ଶଙ୍କରଦେବ ଭାଗବତ ପୁରାଣ ଉପରେ ଆଧାରିତ ବୈଷ୍ଣବବାଦର ଅଦ୍ୱୈତ ଧାରାର ଅନୁଗାମୀ ଥିଲେ।

ସାରା ବିଶ୍ୱର ସ୍ରଷ୍ଟା ହେଉଛନ୍ତି ଏକ ଦିବ୍ୟ ଶକ୍ତି। ଏହା ହିଁ ହେଉଛି ଅଦ୍ୱୈତବାଦ। ଅଦ୍ୱୈତବାଦ ଅନୁଯାୟୀ ବିଶ୍ୱରେ ଯେତେ ଯାହା ସୃଷ୍ଟି ହୋଇଛି ତାହା ସବୁ କୃଷ୍ଣ ହିଁ କରିଛନ୍ତି । ଏଥିରେ ଆଉ କାହାର ସ୍ଥାନ ନାହିଁ, ଅର୍ଥାତ୍ ଦ୍ୱିତୀୟ ବୋଲି କେହି ନାହାନ୍ତି। ସେ ହିଁ ବୃକ୍ଷ , ସେ ହିଁ ଜଙ୍ଗଲ। ଅର୍ଥାତ୍ ସେ ହିଁ ଆତ୍ମା ଓ ପରମାତ୍ମାର ସମଷ୍ଟି। କିନ୍ତୁ ଆମେ ଅଜ୍ଞାନତାବଶତଃ ଆତ୍ମା ପରମାତ୍ମା ଓ କୃଷ୍ଣଙ୍କ ମଧ୍ୟରେ ପାର୍ଥକ୍ୟ ଦେଖିଥାଉ। ଅଦ୍ୱୈତବାଦ ୧,୨୦୦ ବର୍ଷ ପୂର୍ବେ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରଚାର କରାଯାଇଥିଲା ଓ ଏହା ଲୋକଙ୍କ ମଧ୍ୟରେ ଅଧିକ ଗ୍ରହଣୀୟ ହୋଇଥିଲା। ଏହା ୯୦୦ ବର୍ଷ ପୂର୍ବେ ରାମାନୁଜଙ୍କ ଦ୍ୱାରା ପ୍ରଚାରିତ ଭକ୍ତି ଧାରା ସହ ସମ୍ପର୍କ ରହିଥିଲା। ସେହି ସମୟରେ ରାମାନୁଜଙ୍କ କୃଷ୍ଣ ଭକ୍ତି ଭାବ ଭାରତର ଉତ୍ତରାଞ୍ଚଳକୁ ସମ୍ପ୍ରସାରିତ ହୋଇଥିଲା ଓ ଶଙ୍କରଦେବଙ୍କ ମାଧ୍ୟମରେ ୫୦୦ ବର୍ଷ ପୂର୍ବେ ଆସାମରେ ପହଞ୍ଚିଥିଲା। ଶଙ୍କରଦେବଙ୍କ ଭଳି ଶ୍ରୀଚୈତନ୍ୟ ତାଙ୍କ ଭକ୍ତିକୁ ବେଦାନ୍ତ ମାଧ୍ୟମରେ ବୁଝାଇଛନ୍ତି । ଏହା ବ୍ୟକ୍ତିର ଆତ୍ମା (ଜୀବାତ୍ମା) ଏବଂ ବ୍ରହ୍ମାଣ୍ଡ ଆତ୍ମା (ପରମାତ୍ମା) ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବର୍ଣ୍ଣନା କରିଛି। କିନ୍ତୁ ଚୈତନ୍ୟ ଭେଦାଭେଦ ବେଦାନ୍ତକୁ ପସନ୍ଦ କରନ୍ତି ; ଯାହା ଗୋଟିଏ ବାସ୍ତବତା ବା ସୃଷ୍ଟିର ଦୁଇଟି ଅଂଶକୁ ସୂଚିତ କରେ। ଗୋଟିଏ ଭାଗ କୃଷ୍ଣ ହୋଇଥିବାବେଳେ ଅନ୍ୟ ଭାଗଟି ରାଧାଙ୍କର ପ୍ରତିନିଧିତ୍ୱ କରେ। ଆତ୍ମା ଓ ପରମାତ୍ମା ହିଁ ଏକ। କେହି କାହାଠାରୁ ଭିନ୍ନ ନୁହନ୍ତି,କିନ୍ତୁ ସ୍ୱରୂପରେ ଭିନ୍ନ। ଯେଭଳି ଗଛଟିଏ ଗଛର ପରିଚୟ ନେଇ ରହିଲେ ମଧ୍ୟ ଏହା ଜଙ୍ଗଲର ଏକ ଅଂଶ । ଠିକ୍ ସେହିଭଳି ଭଳି ଆମେ ସେହି କୃଷ୍ଣ ରୂପୀ ପରମାତ୍ମାଙ୍କର ଗୋଟିଏ ଗୋଟିଏ ଆତ୍ମା ସଦୃଶ। ସବୁ ଭକ୍ତଙ୍କ ଭିନ୍ନ ଭିନ୍ନ ଭକ୍ତି ଭାବ ମଧ୍ୟରେ ସେ ହିଁ ବିରାଜିତ। ଦେଖିବାକୁ ଗଲେ ଏହିସବୁ ଦର୍ଶନ ମଧ୍ୟରେ ବାସ୍ତବରେ ଉତ୍ତରପୂର୍ବାଞ୍ଚଳରେ କୃଷ୍ଣ ଭକ୍ତିର ଆଧ୍ୟାତ୍ମିକ ଭାବ ପ୍ରକାଶ କରିବାକୁ ନାଟକ ଓ ନୃତ୍ୟ ପ୍ରଦର୍ଶନର ମହତ୍ତ୍ୱ ରହିଛି ।

devduttofficial@gmail.com

## ସୂର୍ଯ୍ୟ ଓ ପରିବେଶ



ଡ. ଭାରତ ଭୂଷଣ ରଥ

ସୂର୍ଯ୍ୟ ବିଶ୍ୱର ଏକ ଶକ୍ତିଶାଳୀ ତତ୍ତ୍ୱ। ବିଶ୍ୱର ପ୍ରତ୍ୟେକ ଦେଶର ପାରମ୍ପରିକ ପ୍ରାଚୀନ ଶାସ୍ତ୍ର ତଥା ଆଧୁନିକ ବିଜ୍ଞାନ ସୂର୍ଯ୍ୟଙ୍କୁ ଜୀବନଦାୟକ ଶକ୍ତି ଭାବରେ ସମ୍ମାନ ଦିଅନ୍ତି। ଋଗ୍‌ବେଦରେ ସୂର୍ଯ୍ୟଙ୍କୁ ଜଗତର ଆତ୍ମା ରୂପରେ ଅଭିବନ୍ଦିତ କରାଯାଇଛି। ଯେଉଁଭଳି ପ୍ରାଣୀଶରୀରରେ ଆତ୍ମା ନ ରହିଲେ ପ୍ରାଣୀ ଜୀବରୁ ଶବ ରୂପରେ ପରିଣତ ହୋଇଯାଏ ଠିକ୍ ସେହିଭଳି ପୃଥିବୀପୃଷ୍ଠରେ ସୂର୍ଯ୍ୟ ନ ରହିଲେ ଏ ଜଗତ ଧ୍ୱଂସ ହୋଇଗଲା ବୋଲି ବୁଝାପଡ଼ିବ। ଅଥର୍ବବେଦ ଅନ୍ତର୍ଗତ ସୂର୍ଯ୍ୟ ଉପନିଷଦ କୁହନ୍ତି; ଆଦିତ୍ୟଙ୍କ ପ୍ରଭାବରୁ ବାୟୁ, ଭୂମି, ଜଳ ତଥା ଅଗ୍ନିର ସୃଷ୍ଟି। ବାସ୍ତବରେ ଯଦି ସୂର୍ଯ୍ୟ ଗୋଟିଏ ଦିନ ନଭୋମଣ୍ଡଳରେ ଉଦ୍ଭାସିତ ନ ହେବେ ତେବେ ସମ୍ପୂର୍ଣ୍ଣ ଜଗତ ଅନ୍ଧକାରମୟ ହୋଇଯିବ। ସୂର୍ଯ୍ୟାଲୋକରୁ ଯେଉଁ ଅମ୍ଳଜାନ ସୃଷ୍ଟି ହୁଏ ତାହା ହୋଇପାରିବ ନାହିଁ। ପ୍ରାଣବାୟୁର ଅଭାବରେ ବିଶ୍ୱ କିଭଳି ବଞ୍ଚିରହିବ ତାହା ଅନୁମାନ କରିବା ଅସମ୍ଭବ। ସମସ୍ତ ଜୀବଜଗତ ସୂର୍ଯ୍ୟଙ୍କ ପ୍ରଭାବରେ ପ୍ରଭାବିତ। ମହାକବି କାଳିଦାସ ପ୍ରକୃତିର ଆଠଗୋଟି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱକୁ ନେଇ ନିଜର ବିଜ୍ଞାନସମ୍ମତ ସିଦ୍ଧାନ୍ତକୁ ଅଭିଜ୍ଞାନଶକୁନ୍ତଳମ୍ ନାଟକର ପ୍ରଥମ ପଦ୍ୟରେ ପ୍ରତିପାଦନ କରିଛନ୍ତି। ସେ କହିଛନ୍ତି; ଜଳ, ଘୃତ ପ୍ରଭୃତି ପୁଷ୍ଟିକର ଦ୍ରବ୍ୟ ଯାହା ଯଜ୍ଞରେ ବ୍ୟବହୃତ ହୁଏ, ଅଗ୍ନି, ଯଜମାନ ବା ବ୍ୟକ୍ତି, ସୂର୍ଯ୍ୟ, ଚନ୍ଦ୍ର, ଆକାଶ ଏବଂ ପୃଥିବୀ ଏହି ଆଠଗୋଟି ଶକ୍ତିକୁ ନେଇ ବିଶ୍ୱ ପରିଚାଳିତ। ଏହି ଶକ୍ତିଗୁଡ଼ିକ ଶିବଙ୍କର ଅଷ୍ଟ ଶକ୍ତି, ତେଣୁ ସେହି ଶିବ ସଂସାରର ମଙ୍ଗଳ କରନ୍ତୁ ବୋଲି କାଳିଦାସଙ୍କର ପ୍ରାର୍ଥନା। ଏହି ବର୍ଣ୍ଣନାରୁ ଜଣାଯାଏ ଭାରତୀୟ ଶାସ୍ତ୍ରମାନେ ବିଶ୍ୱ ପରିଚାଳକ ଶକ୍ତିମାନଙ୍କୁ ହିଁ ଦେବତା ରୂପରେ ସ୍ଥାନ ଦେଇଛନ୍ତି ନିଜ ହୃଦୟରେ। କାଳିଦାସଙ୍କର ଏହି ଚିନ୍ତନ ଖୁବ୍ ବିଜ୍ଞାନସିଦ୍ଧ। ଆମେ ଦେଖୁ ବରଫ ଖଣ୍ଡ ତରଳିବା ଦ୍ୱାରା ବୈଜ୍ଞାନିକମାନେ ଚିନ୍ତିତ। ପ୍ରତିବର୍ଷ ସମୁଦ୍ରରେ ବିଭିନ୍ନ ସାମୁଦ୍ରିକ ବିପ୍ଳବ ଆସି ମହାବାତ୍ୟା ପ୍ରଭୃତି ଖଣ୍ଡପ୍ରଳୟ ଦେଖାଦେଉଛି। ଏହା କ'ଣ ମହାକବି କାଳିଦାସଙ୍କର ଜଳ ସୁରକ୍ଷା ପ୍ରତି ସଚେତନତା ନୁହେଁକି ? ଅଗ୍ନି ; ଯାହା ସାମାନ୍ୟ ଅନ୍ୟମନସ୍କତାରେ ବିଶ୍ୱକୁ ଧ୍ୱଂସ କରିଦେବ, ସୂର୍ଯ୍ୟ ; ଉଦୟ ନ ହେଲେ ଅମ୍ଳଜାନ ମିଳିବା ଅସମ୍ଭବ, ଚନ୍ଦ୍ର ; ଯଦି ଉଦୟ ନ ହେବେ ଗଛଲତାଙ୍କୁ ଭୋଜନ ମିଳିବ ନାହିଁ ଏବଂ ଗଛଲତାଙ୍କର ଅବର୍ତ୍ତମାନରେ ବିଶ୍ୱ ଧ୍ୱଂସ ହେବ। ଆକାଶରେ ଯଦି ବିପ୍ଳବ ହୁଏ ତେବେ ସଂସାର ଧ୍ୱଂସାଭିମୁଖୀ ହେବ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବିଗତ କିଛିବର୍ଷ ତଳର କେଦାରନାଥ ଖଣ୍ଡପ୍ରଳୟ ତଥା ପୃଥିବୀ ; ଯାହାର ଅବକ୍ଷୟ ଫଳରେ ଜଳସ୍ତର ହ୍ରାସ ତଥା ମୃତ୍ତିକା ସଂରକ୍ଷଣର ଅଭାବ ପ୍ରଭୃତି ଭୂକମ୍ପର ରୂପ ନେଉଛି। ତେଣୁ ପ୍ରାଚୀନ ମୁନିଋଷି ତଥା କବିମାନଙ୍କର ଚିନ୍ତନରେ ଭରିରହିଥିଲା ବିଶ୍ୱରକ୍ଷାର ବୈଜ୍ଞାନିକ ଉପାୟ, ପରିବେଶ ସୁରକ୍ଷାର ମନ୍ତ୍ର। ସେହି ଉପାୟକୁ ସେମାନେ ଶାସ୍ତ୍ରମାଧ୍ୟମରେ ବର୍ଣ୍ଣନା କରି ସମାଜକୁ ଉପଦେଶ ଦେଇଥିଲେ। କିନ୍ତୁ ଆମେ ତାହାକୁ ଅଣଦେଖା କରି ପରିବେଶକୁ କ୍ଷତି କରିଚାଲିଛୁ ଓ ବିଶ୍ୱକୁ ବିପର୍ଯ୍ୟୟ ମୁହଁକୁ ଠେଲି ଦେଉଛୁ।

ଆଜି ଏକବିଂଶ ଶତକରେ ମାନବ ପାଦଦେଇଛି ଏକ ଅତ୍ୟାଧୁନିକ ପରିବେଶରେ। ମାନବ ହୋଇଛି ନିଜ ଇଚ୍ଛାର ମାଲିକ। ପରିବେଶ ସୁରକ୍ଷାକୁ ଛାଡ଼ି ସୂର୍ଯ୍ୟଙ୍କ ଜାଗତିକ ପ୍ରକ୍ରିୟାକୁ ନେଇ ନେଇ ବିତର୍କରେ ମାତୁଛି। ଏହା ଦ୍ୱାରା କୋମଳମତି ଛାତ୍ରୀଛାତ୍ର ତଥା ଯୁବସମାଜ ବିଶେଷ ପ୍ରଭାବିତ ହେଉଛନ୍ତି। ସୂର୍ଯ୍ୟ ଏକ ତତ୍ତ୍ୱ, ଯାହାକୁ ପ୍ରାଚୀନ ମୁନିଋଷିମାନେ ଦୃଷ୍ଟିଗୋଚର କରିଥିଲେ ଓ ପରବର୍ତ୍ତୀ ସମୟରେ ଆଧୁନିକ ବିଜ୍ଞାନ ସେହି ସମାନ ତଥ୍ୟକୁ ସୁଚିନ୍ତିତ ତଥା ସୁବୋଧ କରି ଉପସ୍ଥାପିତ କରିଛି। ସୂର୍ଯ୍ୟ ସକଳ ଶକ୍ତିର ଆଧାର ହେଲେ ପ୍ରକୃତି ବିଶ୍ୱର ଜୀବନୀ ଶକ୍ତି। ପ୍ରକୃତିର ସୁରକ୍ଷା ଚିନ୍ତା ନ କରି ଆମେ ଅଯଥା ବିତର୍କରେ ମାତୁଛୁ। ବିଶ୍ୱରେ ଅନେକ ବ୍ୟକ୍ତି ଅଛନ୍ତି ଦାରିଦ୍ର୍ୟର କଷାଘାତରେ ମାସମାସ ଧରି ଭୋକ ଉପାସରେ ରହୁଛନ୍ତି । ଗୋଟିଏ ଓଳି ଖାଇବା ନେଇ ଆମେ ଗଣମାଧ୍ୟମରେ ଦେଖେଇହେବା ଅପେକ୍ଷା ଯେଉଁମାନେ ମାସମାସ ଧରି ଭୋକଉପାସରେ କାଳ କାଟୁଛନ୍ତି ସେମାନଙ୍କୁ ଓଳିଏ ଖାଇବା ଦେବାର ବାଟ ବତେଇଲେ ବିଶ୍ୱର ଉନ୍ନତି ହେବ । ଏହାସହ ସୂର୍ଯ୍ୟଙ୍କ ଭଳି ପରମଶକ୍ତିଙ୍କୁ ମାନବ ଜାଣିବାକୁ ଚେଷ୍ଟା କରୁ। ଯେଉଁ ପରିବେଶକୁ ସୂର୍ଯ୍ୟ ସୁରକ୍ଷିତ ରଖିଛନ୍ତି ତାହାକୁ ମଣିଷ କ୍ଷତି ନ କରୁ।

ଉପନିର୍ଦ୍ଦେଶକ
ଦୂର ଶିକ୍ଷା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି ଆନ୍ଧ୍ରପ୍ରଦେଶ,
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

ଜଳ ସଙ୍କଟ ଓ ପରିବେଶ ସୁରକ୍ଷା ପ୍ରତି ସଚେତନ ପୁଣେର ୨୭ ବର୍ଷୀୟ କେଦାର କୁଲକର୍ନି ପବ୍ଲିକ୍ ୟୁରିନାଲଗୁଡ଼ିକୁ ଦୁର୍ଗନ୍ଧମୁକ୍ତ କରିବା ସହ ପାଣି ଅପଚୟ ରୋକୁଛନ୍ତି। ସେ ଆବିଷ୍କାର କରିଥିବା ୱାଟରଲେସ ଟେକ୍ନୋଲୋଜି ମାଧ୍ୟମରେ ଏହା କରୁଛନ୍ତି। 'ରୁତୁ ବାୟୋସିଷ୍ଟମ୍' ଷ୍ଟାର୍ଟଅପ୍ ଦ୍ୱାରା ସେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଦିଲ୍ଲୀ ଆଇଆଇଟି ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଥରେ ୟୁରିନାଲ ଫ୍ଲସ୍ କରିବା ଲାଗି ୪ ରୁ ୧୦ ଲିଟର ଯାଏ ପାଣି ଆବଶ୍ୟକ ହୁଏ। ଜଣେ ଦିନକୁ ୪ରୁ ୫ ଥର ପରିସ୍ରା କଲେ ଫ୍ଲସ୍ କରିବାକୁ ୨୦-୪୦ ଲିଟର ପାଣି ଲାଗିଥାଏ। କେଦାରଙ୍କ ନୂତନ ପଦ୍ଧତିରେ ଜଣେ ବ୍ୟକ୍ତି ୨୦ ଲିଟର ପାଣି ବଞ୍ଚାଇପାରୁଛି। ସେ ପ୍ରସ୍ତୁତ କରୁଥିବା ଉତ୍ପାଦଗୁଡ଼ିକରେ ଏକପ୍ରକାର ବ୍ୟାକ୍ଟେରିଆ ଓ ଏନ୍‌ଜାଇମ ରଖୁଛନ୍ତି, ଯାହାଦ୍ୱାରା ପରିସ୍ରାରେ ଥିବା ୟୁରିକ୍ ଏସିଡ୍ ପାଣି ସଂସ୍ପର୍ଶରେ ଆସିବା ପରେ ଆମୋନିଆ ବଦଳରେ ଯବକ୍ଷାରଜାନ ସୃଷ୍ଟି କରୁଛି। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇପାରୁଛି। ଏବେସୁଦ୍ଧା ରୁତୁ ବାୟୋସିଷ୍ଟମ୍ ଦ୍ୱାରା ୭୦୦ ମେଟ୍ରିକ ଟନ୍ କାର୍ବନ ନିର୍ଗମନ ରୋକାଯାଇପାରିଛି ; ଯାହା ୩୦,୦୦୦ ଗଛ ଲଗାଇବା ସହ ସମାନ। ଦେଶରେ ୧୫,୦୦୦ ପବ୍ଲିକ ୱାଶ୍‌ରୁମ୍‌ରେ ବାୟୋବ୍ଲକ ଲଗାଇବା ଓ ଅନ୍ୟ ଉତ୍ପାଦ ବ୍ୟବହାର କରାଯାଇ ୫୫ କୋଟି ଲିଟରରୁ ଊର୍ଦ୍ଧ୍ୱ ପାଣି ବଞ୍ଚାଯାଇପାରିଛି। ୨୦୩୦ ଶେଷ ସୁଦ୍ଧା କେଦାର ୫୦,୦୦୦ରୁ ଅଧିକ ୟୁରିନାଲକୁ ୱାଟର୍‌ଲେସ ୟୁରିନାଲ କରିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ନଭେମ୍ବର ୧୯୯୭

- ସାମରିକ ବିଦ୍ରୋହ ବେଳେ ନିହତ ହୋଇଥିବା କିମ୍ବା ଦେଶ ଛାଡ଼ି ଅନ୍ୟତ୍ର ଚାଲିଯାଇଥିବା କେତେକ ସରକାରୀ ଅଧିକାରୀଙ୍କ ସ୍ଥାନରେ କାମ୍ବୋଡ଼ିଆର ସହ ପ୍ରଧାନମନ୍ତ୍ରୀ ୧୯ ଜଣଙ୍କୁ ଅଣ୍ଡର ସେକ୍ରେଟାରୀ ଭାବେ ନିଯୁକ୍ତ କରିଛନ୍ତି।
- ବରିଷ୍ଠ ସାମ୍ବାଦିକ ନିଖିଳ ଚକ୍ରବର୍ତ୍ତୀ ପ୍ରସାର ଭାରତୀ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତ।
- ଲୋକସଭା ଭଙ୍ଗ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିବାକୁ ବାମହାତୀ ଦଳଙ୍କ ଦାବି ନେଇ ମିଳିତ ସାମ୍ମୁଖ୍ୟରେ ମତଭେଦ।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | 7 | 5 | |
| | | 1 | | | 4 | | | |
| | 6 | | | 5 | 9 | | | |
| | 8 | | | | 1 | 5 | | |
| 2 | | | | 6 | | | 9 | |
| | | 6 | 7 | | | | 4 | |
| | | 2 | | | 3 | 9 | | |
| | | | 2 | 8 | 5 | | | |
| | | | | 9 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 1 | 5 | 7 | 6 | 4 | 9 |
| 9 | 4 | 7 | 6 | 2 | 3 | 1 | 8 | 5 |
| 5 | 1 | 6 | 9 | 4 | 8 | 7 | 3 | 2 |
| 4 | 6 | 1 | 3 | 8 | 5 | 9 | 2 | 7 |
| 8 | 7 | 9 | 2 | 6 | 1 | 3 | 5 | 4 |
| 2 | 3 | 5 | 4 | 7 | 9 | 8 | 6 | 1 |
| 6 | 9 | 8 | 5 | 1 | 4 | 2 | 7 | 3 |
| 7 | 5 | 3 | 8 | 9 | 2 | 4 | 1 | 6 |
| 1 | 2 | 4 | 7 | 3 | 6 | 5 | 9 | 8 |

ଗତକାଲିର ଉତ୍ତର

# ଭାରତ-ଭାବନା: ଗାନ୍ଧୀ ବନାମ ଶ୍ରୀଅରବିନ୍ଦ



ଡ. ହୃଷୀକେଶ ମଲ୍ଲିକ


ଶ୍ରୀଅରବିନ୍ଦଙ୍କ ଭାରତ-ଭାବନା ଉପନିବେଶୀୟ ଶିକୁଳିରୁ ଦେଶକୁ ମୁକ୍ତ କରିବାରେ କେବଳ ସୀମିତ ନ ଥିଲା, ତହିଁରେ ନିହିତ ଥିଲା ମୁକ୍ତି ପରବର୍ତ୍ତୀ ଭାରତର ପୁନଃ ନିର୍ମାଣ ଓ ପୃଥିବୀରେ ତା'ର ଆଧ୍ୟାତ୍ମିକ ଭୂମିକାକୁ ନିଶ୍ଚିତ କରିବା। ରାଜନୈତିକ ଜୀବନରୁ ଆଧ୍ୟାତ୍ମିକ ଜୀବନକୁ ଲମ୍ଫ ପ୍ରଦାନ ସତ୍ତ୍ୱେ ଭାରତକୁ ନେଇ ତାଙ୍କର ସ୍ୱପ୍ନ ତିଳାର୍ଦ୍ଧେ ସଙ୍କୁଚିତ ହୋଇ ନ ଥିଲା। ସାମ୍ନାକୁ ଯେକୌଣସି ସମସ୍ୟା ଆସୁ, ଅବିଚଳିତ ଭାବେ ତା'ର ମୁକାବିଲା କରିବାରେ ଶ୍ରୀଅରବିନ୍ଦ କେବେ ବି ପରାଙ୍ମୁଖ ନ ଥିଲେ। କହୁଥିଲେ: ''ଆମର ବହୁ ନିଷ୍ଠୁର କଥା ଅଛି କହିବାକୁ, କଠୋର ସ୍ୱରରେ ସେସବୁକୁ କହିବାକୁ ହେବ।''

ଗାନ୍ଧୀ, ନେହରୁ ଓ ସୁଭାଷଙ୍କ ସମ୍ବନ୍ଧରେ ଟିପ୍ପଣୀ ଦେଲାବେଳେ ତାଙ୍କର ଯେଉଁ ଦୃଷ୍ଟି, ତାହା କୌଣସି ତଥାକଥିତ ଅଧ୍ୟାତ୍ମ-ବ୍ୟକ୍ତିତ୍ୱଙ୍କଠାରେ ଲକ୍ଷ୍ୟ କରିବା ଥିଲା ଦୁରୂହ। ଥରେ ଜଣେ ପ୍ରଶ୍ନକର୍ତ୍ତାଙ୍କ ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ: ''ସାମ୍ପ୍ରତିକ ଭାରତର ଆଗଧାଡ଼ିର ବହୁ ଜାତୀୟ କର୍ମୀ ପାଶ୍ଚାତ୍ୟ-ଚିନ୍ତାଧାରା ଦ୍ୱାରା ଗଭୀର ଭାବେ କବଳିତ। ଯେପରି ଗାନ୍ଧୀ। Gandhi is a European-truly a Russian Christian in an Indian body''. ଶ୍ରୀଅରବିନ୍ଦଙ୍କର ଏ ବିଚିତ୍ର ଉତ୍ତର ଶୁଣି ପ୍ରଶ୍ନକର୍ତ୍ତା ପୁଣି ପଚାରିଥିଲେ: ''ବହୁ ଶିକ୍ଷିତ ଭାରତୀୟ ଯେ ଗାନ୍ଧୀଙ୍କୁ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଭାବେ ବିବେଚନା କରନ୍ତି।'' ଶ୍ରୀଅରବିନ୍ଦଙ୍କ ଉତ୍ତର ଥିଲା - ''ଏହାର କାରଣ ୟୁରୋପୀୟମାନେ ଗାନ୍ଧୀଙ୍କୁ ଆଧ୍ୟାତ୍ମିକ ମଣୁଥିଲେ। କିନ୍ତୁ ବାସ୍ତବରେ ଗାନ୍ଧୀ ଯାହା ଉପଦେଶ ଦିଅନ୍ତି, ତାହା ଭାରତୀୟ ଆଧ୍ୟାତ୍ମିକତା ନୁହେଁ, ତାହା ରୁଷୀୟ ଖ୍ରୀଷ୍ଟଧାରଣା ଉପଜାତ; ତାଙ୍କ ଅହିଂସା, ଆତ୍ମପୀଡ଼ା ଭୋଗ, ସବୁକିଛି।''

ହିନ୍ଦୁ-ମୁସଲମାନ ବିଭେଦ କ୍ଷେତ୍ରରେ ଗାନ୍ଧୀ ମୁସଲମାନମାନଙ୍କୁ ଅଧିକ ଗୁରୁତ୍ୱଦେଇ ସେମାନଙ୍କ ଅସନ୍ତୋଷକୁ ଚାପିଦେବାର ଯେଉଁ ଆଶା ରଖୁଥିଲେ, ତାହା ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଥିଲା ଏକ ଛଳ କୂଟନୀତି; ଯହିଁରେ ନିହିତ ଥିଲା ହିନ୍ଦୁ-ମୁସଲମାନ ଐକ୍ୟ ପ୍ରତିଷ୍ଠାକୁ ଅଧିକ ସମସ୍ୟା ସଙ୍କୁଳ କରିଦେବାର ଅସଲ ମଞ୍ଜି। ମୁସଲମାନ ସଂସ୍କୃତିରେ ଉପଲବ୍ଧ ସକାରାତ୍ମକ ବୈଶିଷ୍ଟ୍ୟଗୁଡ଼ିକୁ ହିନ୍ଦୁମାନେ ଯେପର୍ଯ୍ୟନ୍ତ ଗ୍ରହଣ କରିବାରେ ସଫଳ ହୋଇ ନ ଥିବେ, ସେ ପର୍ଯ୍ୟନ୍ତ ହିନ୍ଦୁ-ମୁସଲମାନ ବିବାଦ ଏକ ଜଟିଳ ସମସ୍ୟା ହୋଇ ରହିଥିବ। ଅତୀତରେ ଆମେ କାହା କାହାଠୁଁ କେତେ କଥା ଗ୍ରହଣ ନ କରିଛେଁ! ଗ୍ରୀକ୍‌ମାନଙ୍କଠୁଁ ଶିଖିଛେଁ 'ସ୍ଥାପତ୍ୟ' ଓ ପାର୍ଶୀଙ୍କଠୁଁ 'ଅଙ୍କନକଳା'। କିନ୍ତୁ ଗ୍ରହଣୀୟ ହେବା ପୂର୍ବରୁ ମୁସଲମାନମାନଙ୍କୁ ସର୍ବପ୍ରଥମେ ସହନଶୀଳତା ଶିଖିବାକୁ ହେବ।

ଏ ଗଲା ଭାରତର ସାମ୍ପ୍ରଦାୟିକ ବିଭେଦ ସମାଧାନରେ ଗାନ୍ଧୀ ବିଚାରଧାରାରୁ ପୃଥକ୍ ଶ୍ରୀଅରବିନ୍ଦୀୟ ସୂତ୍ର। ଏହିପରି ଭାରତର ସ୍ୱାଧୀନତା ଓ ଉତ୍ତର-ସ୍ୱାଧୀନ ଭାରତ ନିର୍ମାଣକୁ ନେଇ ଶ୍ରୀଅରବିନ୍ଦଙ୍କର ମୌଳିକ ବହୁ ଭାବନା ରହିଛି, ଯାହା ନେହରୁ ଓ ସୁଭାଷଙ୍କ ବିଚାରଧାରାଠୁଁ ସ୍ୱତନ୍ତ୍ର ଓ ଅଧିକ ମହତ୍ତ୍ୱପୂର୍ଣ୍ଣ। ତାଙ୍କ ମତରେ ପୃଥିବୀର ମହତ୍ତର ପରିବର୍ତ୍ତନରେ ଭାରତର ଭୂମିକା ଅଶେଷ ସମ୍ଭାବନାରେ ପରିପୂର୍ଣ୍ଣ, କାରଣ ଏହାର ଏକ ସମୃଦ୍ଧ ଅତୀତ ଅଛି ଓ ଏଥିରେ ଠୁଳ ହୋଇଛି ଅନନ୍ତ ଆଧ୍ୟାତ୍ମିକ ଶକ୍ତି। ଏହା ସତ୍ତ୍ୱେ ଭାରତ ଯଦି ତା'ର ନିଜସ୍ୱ ସମ୍ଭାବନା ପ୍ରତି ବିମୁଖ ରହେ, ତେବେ ଭାରତକୁ ପରିତ୍ୟାଗ କରି 'ସତ୍ୟ' ହୁଏତ ଆଉ କେଉଁଠି ରୂପ ନେବ। କାରଣ 'ସତ୍ୟ'ର ମାଲିକାନା କେବଳ ଭାରତଠିଁ ନିହିତ ନାହିଁ।

'ଭାରତ ଉଦୟ'ର ଅର୍ଥ ହେଉଛି ଶ୍ରୀଅରବିନ୍ଦଙ୍କ ବିଚାରରେ ତା'ର ଆଧ୍ୟାତ୍ମିକତାର ଉଦୟ। 'ସ୍ୱରାଜ', 'ସ୍ୱଦେଶୀ' ଓ 'ଅସହଯୋଗ' ଭଳି ପ୍ରସଙ୍ଗରେ ସେ 'ବନ୍ଦେ ମାତରମ୍'ରେ ନିଜର ଖୁବ୍ ସ୍ପଷ୍ଟ ମତ ରଖି ଯାଇଛନ୍ତି । ପରେ ଗାନ୍ଧୀ ଏସବୁ ଗ୍ରହଣ କରିଛନ୍ତି। ଖିଲାଫତ୍ ଆନ୍ଦୋଳନକୁ ଗାନ୍ଧୀଙ୍କ ଆଖିବୁଜା ସମର୍ଥନକୁ ଶ୍ରୀଅରବିନ୍ଦ ଗ୍ରହଣ କରିପାରିନାହାନ୍ତି। କାରଣ ତାଙ୍କର ଅନୁମାନ ହୋଇଛି ଯେ, ଏହା ହିନ୍ଦୁ-ମୁସଲମାନ ବିଭାଜନକୁ ଅଧିକ ଜଟିଳ କରିବ। ଗାନ୍ଧୀଙ୍କ ସହ ଶ୍ରୀଅରବିନ୍ଦଙ୍କ ଅସହମତିର ଅନ୍ୟ ଦୁଇଟି ଦୃଷ୍ଟାନ୍ତ ହେଉଛି: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ଅଂଶଗ୍ରହଣ ଓ କ୍ରିପ୍‌ସଙ୍କ ୧୯୪୨ ପ୍ରସ୍ତାବକୁ ମାନିନେବା। ଶ୍ରୀଅରବିନ୍ଦ ଏହାକୁ ସମର୍ଥନ କରୁଥିବା ବେଳେ ଗାନ୍ଧୀ ଥିଲେ ଏହାର ବିରୋଧୀ। କ୍ରିପ୍‌ସ ପ୍ରସ୍ତାବ ଦେଇଥିଲେ ଯେ ଭାରତ ଯଦି ଯୁଦ୍ଧରେ ଇଂଲଣ୍ଡର ପକ୍ଷ ନିଏ, ତେବେ ଅଖଣ୍ଡ ଭାରତ ତା'ର ପ୍ରାପ୍ୟ ହେବ। ଜିନ୍ନା ଏହାକୁ ବିରୋଧ କରିବା ସ୍ୱାଭାବିକ ଥିଲା, କାରଣ ଏଥିରେ 'ପାକିସ୍ତାନ ଗଠନ'ର ପ୍ରତିଶ୍ରୁତି ନ ଥିଲା। କିନ୍ତୁ ଗାନ୍ଧୀ ଅମଙ୍ଗ ହେବାର କାରଣ ଥିଲା ଅବୋଧ। ସେ କାହିଁକି ଯେ କ୍ରିପ୍‌ସଙ୍କ ପ୍ରସ୍ତାବକୁ 'ଏକ ଖାଲି ଚେକ୍‌ରେ ଦସ୍ତଖତ ଦେବା' ବୋଲି ମନେକଲେ ବୁଝି ହୁଏନା। ଅବଶେଷରେ ଭାରତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂରେଜମାନଙ୍କର ପକ୍ଷ ନେଲା, କିନ୍ତୁ ମୂଳରୁ ଯଦି କ୍ରିପ୍‌ସଙ୍କ ପ୍ରସ୍ତାବକୁ ମାନିନେଇ ଥାଆନ୍ତା, ତେବେ ହୁଏତ ଭାରତର ବିଭାଜନକୁ ଏଡ଼ାଯାଇପାରିଥା'ନ୍ତା!



କୌଣସି ଘଟଣା ପଛରେ ଥିବା ବହୁଦୂର ଭବିଷ୍ୟକୁ ଦେଖିପାରିବାରେ ଏହାଥିଲା ଗାନ୍ଧୀ ଓ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ସାମର୍ଥ୍ୟଗତ ଫରକ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ସ୍ଥଳବିଶେଷରେ ଶକ୍ତି ପ୍ରୟୋଗର ଯାଥାର୍ଥ୍ୟରେ ଶ୍ରୀଅରବିନ୍ଦ ବିଶ୍ୱାସୀ ଥିଲେ। 'ମୁଁ ଜଣେ ନଂପୁସକ ନୀତିବାଦୀ ବା ଦୁର୍ବଳ ଶାନ୍ତିବାଦୀ ନୁହେଁ- ଏହା ଥିଲା ତାଙ୍କର ଅଭିବ୍ୟକ୍ତି।

ଗାନ୍ଧୀ ଓ ଶ୍ରୀଅରବିନ୍ଦଙ୍କ ମତାନ୍ତର (ମନାନ୍ତର ନୁହେଁ) ସବୁକୁ ଖୋଜି ବସିଲେ ଅନେକ ରୋଚକ ଓ କୌତୂହଳୋଦ୍ଦୀପକ ଘଟଣା ଆମ ଦୃଷ୍ଟିକୁ ଆସେ। ଥରେ ଶ୍ରୀଅରବିନ୍ଦ ତାଙ୍କର ଏକ ଲେଖାରେ ଜନ୍ମ ନିୟନ୍ତ୍ରଣକୁ କରାଯାଇଥିବା ଏକ ସମାଲୋଚନାର ବିପକ୍ଷରେ ଲେଖିଥା'ନ୍ତି। କହିଥା'ନ୍ତି: ''ବୈଜ୍ଞାନିକ ଓ ଡାକ୍ତରମାନେ ଜନ୍ମନିୟନ୍ତ୍ରଣ ପାଇଁ ଏପରି ଏକ ପଦ୍ଧତିର ଆବିଷ୍କାର କରିଛନ୍ତି, ଯଦ୍ୱାରା ବିନା କ୍ଷୟକ୍ଷତିରେ ଜନ୍ମ ନିୟନ୍ତ୍ରଣକୁ ଫଳପ୍ରଦ କରାଯାଇପାରିବ। ଏହାର ଲକ୍ଷ୍ୟ ଦୁଇଟି। ପ୍ରଥମଟି ହେଲା- ବହୁ ସନ୍ତାନ ପ୍ରସବକୁ ପ୍ରତିହତ କରିବା ଓ ଦ୍ୱିତୀୟଟି ମା'ମାନଙ୍କୁ ସୁସ୍ଥ ସବଳ ରଖିବା, ଯାହା ପରିଣତିରେ ସେମାନଙ୍କ ଜନ୍ମିତ ଅଳ୍ପସଂଖ୍ୟକ ସନ୍ତାନଙ୍କୁ ମଧ୍ୟ ସୁସ୍ଥ ରଖିପାରିବ। ଏହା ପଢ଼ି ଜଣେ ପ୍ରଶ୍ନ କଲେ- ''ଗାନ୍ଧୀ କିନ୍ତୁ ଜନ୍ମ ନିୟନ୍ତ୍ରଣ ପାଇଁ ପ୍ରସ୍ତାବିତ ଏଇ ପଦ୍ଧତିକୁ ଯେଉଁ ଡାକ୍ତରମାନେ ବିରୋଧ କରୁଛନ୍ତି, ସେ ସମସ୍ତଙ୍କ ନାମ ତାଲିକା ଦେଇଛନ୍ତି।'' ଏହା ଶୁଣି ଶ୍ରୀଅରବିନ୍ଦ ଚଟ୍‌କିନା ଉତ୍ତରଦେଲେ- ''ଗାନ୍ଧୀ ବୋଧହୁଏ ପଦ୍ଧତିଟିକୁ ସମର୍ଥନ କରୁଥିବା ଡାକ୍ତରମାନଙ୍କ ନାମ ଉଲ୍ଲେଖ କରିବାକୁ ଭୁଲି ଯାଇଛନ୍ତି। ପୁଣି ସେଇ ନୀତିବାଦୀ ରୋଗ।'' ମତାନ୍ତର କେବେକେବେ ଯେ ଅସୂୟା ପ୍ରଣୋଦିତ ନ ହୋଇ ରସିକତାପୂର୍ଣ୍ଣ ହୋଇପାରେ, ଗାନ୍ଧୀ ଓ ଶ୍ରୀଅରବିନ୍ଦଙ୍କ ଏପରି କଥା କଟାକଟି ବିଷୟରେ ଅବଗତ ନ ହେଲେ ଜାଣିହୁଏ ନାହିଁ।

ଭାରତର ସୁଦୀର୍ଘ ଯାତ୍ରାପଥରେ ସ୍ୱାଧୀନତା ହାସଲକୁ ଶ୍ରୀଅରବିନ୍ଦ ଏକ ପାହାଚ ମାତ୍ର ବୋଲି ବିଚାରୁଥିଲେ। ସେ କହୁଥିଲେ- ଅତୀତରେ ଦୃଢ଼ ଥିବା ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭିତ୍ତି, ଯାହା ପରିବର୍ତ୍ତନ ପ୍ରତି ବିମୁଖ ନୁହେଁ, ତଦ୍ୱାରା ହିଁ ନବଭାରତର ମୂଳଦୁଆ ପତନ ସମ୍ଭବ। କିନ୍ତୁ ଏସବୁକୁ ଭାଙ୍ଗିଦେଇ ଧୂଆଁଳିଆ 'ଧର୍ମନିରପେକ୍ଷତା'ର ପ୍ରବର୍ତ୍ତନ ଦ୍ୱାରା ଏହା କଦାପି ସମ୍ଭବ ନୁହେଁ। ଯେ ଯାହାହେଉ, ଭାରତ ନିର୍ମାଣକୁ ନେଇ ଗାନ୍ଧୀ ଓ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ଏକାଧିକ କ୍ଷେତ୍ରରେ ତୁମୁଳ ମତପାର୍ଥକ୍ୟ ସତ୍ତ୍ୱେ ଉଭୟ ଉଭୟଙ୍କ ପ୍ରତି ଯେ ଅତ୍ୟନ୍ତ ଶ୍ରଦ୍ଧାଶୀଳ ଥିଲେ, ଏଥିରେ ସନ୍ଦେହ ନାହିଁ। ଗୋଟିଏ ବାକ୍ୟରେ କହିଲେ ଭାରତ-ଭାବନାରେ ଉଭୟେ ଥିଲେ ଉଭୟଙ୍କର ପ୍ରତ୍ୟାଶିତ ପରିପୂରକ।

ମୋ-୯୮୫୩୨୮୭୭୫୫

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଓସାରିଆ ହେଉ

ମହାଶୟ,

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ୯୩୭ଟି ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କ ପାଇଁ ଭୁବନେଶ୍ୱରସ୍ଥିତ ପଟିଆ- ଶିଖରଚଣ୍ଡୀ ଅଞ୍ଚଳରେ ଏକ ଆବାସିକ କଲୋନୀ ପ୍ରତିଷ୍ଠା କରାଯାଇଥିଲା। ଏହି କଲୋନୀକୁ ୧୯୯୭-୯୮ରୁ ଆବାସିକମାନଙ୍କ ଅନୁରୋଧ କ୍ରମେ 'ପ୍ରଶାନ୍ତି ବିହାର' ନାମିତ କରାଯାଇଛି। ପଟିଆ ଶିଖରଚଣ୍ଡୀ ମନ୍ଦିର ରାସ୍ତାରୁ ପ୍ରଶାନ୍ତି ବିହାରକୁ ଏକମାତ୍ର ସଂଯୋଗକାରୀ ରାସ୍ତାର ପ୍ରସ୍ଥ ୮୦ ଫୁଟ ବୋଲି ସରକାରୀ ଅନୁମୋଦିତ ନକ୍ସାରେ ଦର୍ଶାଯାଇଥିଲା। କିନ୍ତୁ ଏହି ରାସ୍ତା ଏବେ କ୍ରମଶଃ ଅଣଓସାରିଆ ହୋଇଗଲାଣି। ଫଳରେ କଲୋନୀ ଅଧିବାସୀଙ୍କ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି । ଏଣୁ ସରକାରୀ ଅନୁମୋଦିତ ନକ୍ସା ଅନୁଯାୟୀ ପ୍ରଶାନ୍ତି ବିହାର ହାଉସିଂ ବୋର୍ଡ କଲୋନୀର ଏହି ଏକମାତ୍ର ସଂଯୋଗକାରୀ ରାସ୍ତାକୁ ପୁନଃ ୮୦ ଫୁଟ ଓସାରିଆ କରାଯିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷପେ ପଦକ୍ଷେପ ନେବା ଜରୁରୀ ।

**ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

### ଚିରନ୍ତନୀ

ସେ ବାରତା ପୂରେ ତା'ର
ରଚଇ କି ହାହାକାର
କାତର ନିଃଶ୍ୱାସ ସମ
ଲାଗେ କି ନୟନେ
ଯେ ବାରତା ପଠାଏଁ ପବନେ ?
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରକ୍ତହୀନତା ଦୂର ପାଇଁ 'ଅମ୍ଳାନ'



ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

## ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ୫୫ ହଜାର ସ୍କୁଲ, ୭୪ ହଜାର ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟକାରୀ ହେବ
- ଉପକୃତ ହେବେ ୧.୩୭ କୋଟି ଲୋକ

ରକ୍ତହୀନତା ରୋଗରୁ ରାଜ୍ୟ ମୁକ୍ତ ହେବ। ରାଜ୍ୟରେ କେହି ରକ୍ତହୀନତା ରୋଗୀ ରହିବେ ନାହିଁ। ଏଥିପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଜରିଆରେ ରକ୍ତହୀନତା ମୁକ୍ତ ଲକ୍ଷ୍ୟ ଅଭିଯାନ 'ଅମ୍ଳାନ' ଶୁଭାରମ୍ଭ କରିଛନ୍ତି। ବିଶେଷ କରି ମହିଳା, ବାଳିକା, ଶିଶୁ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା' ଫୋକସ୍‌ରେ ରହିବେ।

ଏଥିରେ ୧.୩୭ କୋଟି ଲୋକ ଲାଭବାନ ହେବେ। ରାଜ୍ୟର ୫୫ ହଜାର ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଏବଂ ୭୪ ହଜାର ଅଙ୍ଗନୱାଡି କେନ୍ଦ୍ରରେ ଏହି ଅଭିଯାନ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନଶକ୍ତି ବିଭାଗ ଏବଂ ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ସାମିଲ ହେବେ। ଏହା ରାଜ୍ୟର ନିଜସ୍ୱ କାର୍ଯ୍ୟକ୍ରମ। ଏଥିରେ ମହିଳା ଓ ଶିଶୁମାନଙ୍କୁ ରକ୍ତହୀନତା ରୋଗରୁ ମୁକ୍ତ କରିବା ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇରନ ଓ ଫୋଲିକ ବଟିକା ଯୋଗାଇବା ସହ ହିମୋଗ୍ଲୋବିନ ପରୀକ୍ଷା, ରକ୍ତହୀନତା ରୋଗୀଙ୍କୁ ଚିକିତ୍ସା କରାଯିବ। ପ୍ରତିଟି ଜୀବନ ମୂଲ୍ୟବାନ ଲକ୍ଷ୍ୟରେ ରାଜ୍ୟ ସରକାର କାମ କରୁଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଟିକାକରଣ, ଶିଶୁ ଓ ମା' ମୃତ୍ୟୁ ହାର ଅନୁପାତ ହ୍ରାସ ଆଦି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ହୋଇଛି। ରକ୍ତହୀନତା ସମଗ୍ର ଦେଶରେ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ରାଜ୍ୟରେ ରକ୍ତହୀନତା ରୋଗକୁ ଦୂର କରିବା ଦିଗରେ ଏହା ବଳିଷ୍ଠ କାର୍ଯ୍ୟକ୍ରମ। ଅମ୍ଳାନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମ୍ପୃକ୍ତ ବିଭାଗ ଏବଂ ସେବା ଯୋଗାଣକାରୀ ସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅମ୍ଳାନ ପାଇଁ ଗାଇଡ୍‌ଲାଇନର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସମସ୍ତ ବିଭାଗର ସହଯୋଗରେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହେବ। କୋଭିଡ୍‌-୧୯ ମୁକାବିଲା କ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।

# ମହୁମାଛି ଆକ୍ରମଣରେ ୧୨ ଛାତ୍ରୀଛାତ୍ର ଆହତ

ଆନନ୍ଦପୁର/ଘସିପୁରା, ୨୩।୧୧(ସ୍ୱ.ପ୍ର./ଡି.ଏନ୍.ଏ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଁପୁର ପଞ୍ଚାୟତ ଅଙ୍ଗାରୁଆ ନୋଡାଲ ଉ.ପ୍ରା ବିଦ୍ୟାଳୟର ୧୨ ଛାତ୍ରୀଛାତ୍ର ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୦ ଛାତ୍ରୀଛାତ୍ର ସୁସ୍ଥ ହୋଇ ଫେରିଥିବାବେଳେ ଦୁଇ ଜଣ ଚିକିତ୍ସାଧୀନ ଅଛନ୍ତି। ସୂଚନା ମୁତାବକ, ବିଦ୍ୟାଳୟ ପରିସରରେ ଥିବା ଏକ କଦମ୍ବ ଗଛରେ ମାଙ୍କଡ଼ ଲମ୍ଫ ମାରୁଥିଲା। ଫଳରେ ଗଛରେ ଝୁଲି ରହିଥିବା ମହୁଫେଣାରୁ ମାଛି ଇତସ୍ତତଃ ଭାବେ ବାହାରକୁ ଆସି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ୧୨ ଆହତ ହୋଇଥିଲେ। ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନୁର୍ଦ୍ଧର ସାହୁ ଦୁଃଖ ପ୍ରକାଶ କରିବା ସହିତ ଛାତ୍ରୀଛାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



ଅଟୋରେ ଜଣେ ଛାତ୍ର ମେଡ଼ିକାଲ ଯାଉଛନ୍ତି।

# କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ପ୍ୟାକେଜ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

## ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ତୋଳାଳିଙ୍କୁ ୧ ହଜାର, ସିଜନାଲ ଷ୍ଟାଫ୍ ଓ ବାଇଣ୍ଡରଙ୍କୁ ମିଳିବ ୧୫୦୦
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହେବେ ତୋଳାଳି, କର୍ମଚାରୀ
- ମେଧାବୀ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରରେ ପୁରସ୍କାର ଦିଆଯିବ
- ଜିଏସ୍‌ଟି ଉଠାଇ ନେବାକୁ ଅନୁରୋଧ

କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପ୍ୟାକେଜ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରତି ତୋଳାଳିଙ୍କୁ ୧ ହଜାର ଟଙ୍କା ଓ ପ୍ରତ୍ୟେକ ସିଜନାଲ ଷ୍ଟାଫ୍ ଓ ବାଇଣ୍ଡରଙ୍କୁ ୧୫୦୦ ଟଙ୍କା ଲେଖାଏ ଦିଆଯିବ। ସବୁ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପିଲାମାନଙ୍କୁ ବୃତ୍ତି ପ୍ରଦାନ କରାଯିବ। ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଜିଲାସ୍ତରରେ ପୁରସ୍କୃତ କରାଯିବ।

ସର୍କଲ ଚେକର୍ସ ଓ ବାଇଣ୍ଡିଂ ଚେକର୍ସମାନଙ୍କ ଗ୍ରାଚ୍ୟୁଟି ଦେୟ ୭ଦିନରୁ ବୃଦ୍ଧି କରି ୧୫ ଦିନ କରାଯିବ। ସମସ୍ତ ତୋଳାଳିମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। କେନ୍ଦୁପତ୍ର ବ୍ୟବସାୟ ଉପରେ କେନ୍ଦ୍ର ସରକାର ୧୮% ଜିଏସ୍‌ଟି ରଖିଛନ୍ତି। ଏହା ବହୁତ ଅଧିକ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନେ ଗରିବ ଲୋକ। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଠାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଉଛି। ଗରିବ ଲୋକଙ୍କ ହିତ ଦୃଷ୍ଟିରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପୁଣିଥରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୮ ଲକ୍ଷ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ଅଛନ୍ତି। ଏମାନେ ଗରିବ ଲୋକ। ବହୁ ଜନଜାତି ମା'ମାନେ ମଧ୍ୟ କେନ୍ଦୁପତ୍ର ତୋଳିବା କାମ କରନ୍ତି। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସବୁବେଳେ କାମ କରି ଆସୁଛନ୍ତି। ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ, ଯେଉଁଠାରେ କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ ଦିଆଯାଉଛି। ଏହି ନୀତି ଅନ୍ୟ ରାଜ୍ୟମାନଙ୍କ ପାଇଁ ମଡେଲ ହୋଇଛି। ଗତ ସପ୍ତାହ ମଧ୍ୟରେ କେନ୍ଦୁପତ୍ର ତୋଳାଳିମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ୩ଥର ଆଲୋଚନା କରିଛି। ଏହି ଆଲୋଚନା ପରେ ପ୍ୟାକେଜ ଘୋଷଣା କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟ ସରକାର ନେଉଥିବା ୯% ଜିଏସ୍‌ଟି ଛାଡ଼ କରନ୍ତୁ: ଜୟନାରାୟଣ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

କେନ୍ଦୁପତ୍ର ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା 'ପୋଡ଼ା ଘା'ରେ ଲୁଣ ଦେବା' ସଦୃଶ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଆଗରୁ କ'ଣ କେନ୍ଦୁପତ୍ର ଶ୍ରମିକମାନେ ସାମିଲ ନ ଥିଲେ କି ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜୟନାରାୟଣ କହିଛନ୍ତି ଯେ, ଏବେ ବିଏସ୍‌କେୱାଇରେ ସାମିଲ ହେଲେ ବୋଲି ଘୋଷଣା କରାଗଲା। ଫସଲ ବୀମା, ଇନପୁଟ ସବସିଡି, ପଦ୍ମପୁର ରେଳ ଲାଇନ ପ୍ରକଳ୍ପର ମିଥ୍ୟା ପରେ ଏହା ବିଜେଡି ସରକାରଙ୍କ ଆଉ ଏକ ମିଛ ଘୋଷଣା। ସାଧାରଣ ପିଲାଙ୍କ ପାଇଁ ମିଳୁଥିବା ଛାତ୍ରବୃତ୍ତିରୁ ବଞ୍ଚିତ ଥିଲେ କି କେନ୍ଦୁପତ୍ର ଶ୍ରମିକଙ୍କ ପିଲାମାନେ ନା ଆଜିର ଘୋଷଣା କେବଳ ମିଥ୍ୟା ପ୍ରଚାର। ରାଜ୍ୟ ସରକାର କେନ୍ଦୁପତ୍ରରୁ ୨ ଶହ କୋଟି ଟଙ୍କା ଆୟ କରୁଛନ୍ତି। ହେଲେ କେନ୍ଦୁପତ୍ର ଶ୍ରମିକ, କର୍ମଚାରୀଙ୍କ ଦୁଃଖ ବୁଝୁନାହାନ୍ତି। କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ଗୋଛା କଟାଳି, ସିଜନାଲ ଷ୍ଟାଫଙ୍କୁ ଓଡ଼ିଶା ସରକାର ଅବହେଳିତ, ଅଣଦେଖା ଓ ପ୍ରତାରଣା କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ୨୦୧୩ ଜାନୁୟାରୀ ୧୩ରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ସମାବେଶରେ ସିଜନାଲ ଷ୍ଟାଫଙ୍କ ଚାକିରି ସର୍ତ୍ତାବଳୀ ଲାଗୁ ହେବା ପାଇଁ ଘୋଷଣା କରିଥିଲେ। ସେ ଘୋଷଣା କୁଆଡେ ଗଲା ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ନିଜେ କେନ୍ଦୁପତ୍ର ଉପରେ ନେଉଥିବା ୯ ପ୍ରତିଶତ ଜିଏସଟି ଟିକସ ଛାଡ କରି ଉଦାହରଣ ସୃଷ୍ଟି କରନ୍ତୁ। ଜିଏସଟି କାଉନସିଲରେ କାହିଁକି ଅର୍ଥ ମନ୍ତ୍ରୀ ବିଧିବଦ୍ଧ ଭାବେ ରାଜ୍ୟ ସରକାର ଜିଏସଟି ଛାଡ କରିବା ପାଇଁ ପ୍ରସ୍ତାବ ରଖିନାହାନ୍ତି। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଦ୍ୱାରା ଦାବି କରାଯାଇଥିବା ୨୦୦ କୋଟି ଟଙ୍କାର ପ୍ୟାକେଜ ରାଜ୍ୟ ସରକାର କାହିଁକି ଲାଗୁ କରିନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ହଜାର ଟଙ୍କାର ଚେକ୍‌ରେ ୪୧ ହଜାର ଉଠାଇ ନେଲେ

ଧର୍ମଶାଳା,୨୩।୧୧(ଡି.ଏନ.ଏ.)

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ଠକେଇ ଅଭିଯୋଗରେ ଯୁବକ ଗିରଫ

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ କୃଷି ବିଭାଗରେ ନିଯୁକ୍ତି ଦେବା ପାଇଁ ୧ ହଜାର ଟଙ୍କାର ଚେକ୍ ନେଇ ଜଣେ ଯୁବକ ୪୧ ହଜାର ଟଙ୍କା ଠକେଇ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଠକେଇ କରିଥିବା ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳର ସୁଶାନ୍ତ ବଳ(୨୮)।

ସୁଶାନ୍ତ ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର କରଙ୍କୁ ଚାକିରି କରାଇ ଦେବା ପାଇଁ କହି ତାଙ୍କଠାରୁ ୧ ହଜାର ଟଙ୍କାର ଏକ ଚେକ୍ ନେଇଥିଲେ। ପରେ ଯୁବକ ଜଣକ ସେହି ଚେକ୍‌ରେ ୧ ହଜାର ପୂର୍ବରୁ ୪ ଲଗାଇ ୪୧ ହଜାର ଟଙ୍କା ଲେଖି ପାରାଦୀପର ଏକ ବ୍ୟାଙ୍କରୁ ଟଙ୍କା ଉଠାଇ ନେଇଥିଲେ। ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକ ଆକାଉଣ୍ଟରୁ ୪୧ ହଜାର ଟଙ୍କା କଟିବାର ମ୍ୟାସେଜ ପାଇବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଚେକ୍ ନେଇଥିବା ଯୁବକଙ୍କ ଉପରେ ସନ୍ଦେହ କରି ତାଙ୍କୁ ପାରାଦୀପ ଅଞ୍ଚଳରୁ ଗିରଫ କରିଥିଲା। ପଚରା ଉଚରା ପରେ ସେ ପୋଲିସ ଆଗରେ ସତ ମାନିଥିଲେ। ଏନେଇ ଥାନାରେ ନଂ.୬୩୩/୨୨ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।










ପୂଜା

# ପୂଜାଙ୍କ ନୂଆ ଯୋଜନା

ପୂଜା ହେଗ୍‌ଡେ ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ସେ ଅଭିନୟ ସହ ପରିବେଶ ସୁରକ୍ଷା ଏବଂ ସମାଜସେବାରେ ନିଜକୁ ନିୟୋଜିତ ରଖିବେ। ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏପରି ନିଷ୍ପତ୍ତି ସମ୍ପର୍କରେ ପୂଜା କୁହନ୍ତି, ''ନିକଟରେ ପରିବେଶ ଏବଂ ସମାଜସେବା ସମ୍ପର୍କିତ ଏକ ସିନେମା ଦେଖିବା ପରେ ମୁଁ ଏଭଳି ନିଷ୍ପତ୍ତି ନେଇଛି। ତା'ସହ ଏଭଳି ଅଭିଯାନରେ ମୋର ଜଣେ ସାଙ୍ଗ ସହଯୋଗର ହାତ ବଢ଼ାଇଛନ୍ତି। ଅନ୍ୟମାନେ ଯଦି ମୋ ସହ ଏଥିଲାଗି ଯୋଗଦେବେ ତେବେ ମୁଁ ସେମାନଙ୍କୁ ନିଶ୍ଚୟ ସ୍ୱାଗତ କରିବି।' ବିଶେଷଭାବରେ ତେଲୁଗୁ ଏବଂ ତାମିଲ ସିନେମା ଇଣ୍ଡଷ୍ଟ୍ରିରେ ପୂଜା ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି। ବଲିଉଡ୍‌ରେ ତାଙ୍କ ଅଭିନିତ ପ୍ରଥମ ଫିଲ୍ମ ଥିଲା 'ମହେଞ୍ଜୋଦାରୋ'। ଏବେ ତାଙ୍କ ହାତରେ ଦୁଇଟି ହିନ୍ଦୀ ସିନେମା-'ସର୍କସ' ଏବଂ 'କିସିକା ଭାଇ କିସିକା ଜାନ୍' ରହିଛି।

ଅପେରା ହାଲ୍‌ଚାଲ

# ଅଭିନୟରୁ ଆତ୍ମତୃପ୍ତି ମିଳିଛି

'ମୁଁ ପ୍ରଥମେ ରେକର୍ଡଡ୍ୟାନ୍ସ କରୁଥିଲି। ତା'ପରେ କିଛି ନାଟକରେ କମେଡି ଭୂମିକାରେ ଅଭିନୟ କଲି। ଥରେ ଗୋଟିଏ ନାଟକର ମୁଖ୍ୟ ନାୟିକା ସାଜିଥିବା ଅଭିନେତ୍ରୀ ରେଷ୍ଟ ନେବାକୁ ଚାହିଁବାକୁ ମୋ ଗୁରୁ ତଥା ଜଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ବିନୋଦ ରାଉତ ମୋତେ ସେହି ଭୂମିକା ତୁଲାଇବାକୁ କହିଥିଲେ। ସାହସର ସହ ତାହାକୁ ଗ୍ରହଣ କରିଥିଲି ଏବଂ ପରବର୍ତ୍ତୀ ସମୟରେ ନିଜକୁ ନାୟିକା ଦୌଡ଼ରେ ସାମିଲ କରିବାରେ ସକ୍ଷମ ହୋଇଛି। ମୋଟ୍ ଉପରେ କହିଲେ ଏବେ ଅଭିନୟରୁ ମୋତେ ଆତ୍ମତୃପ୍ତି ମିଳିଛି ବୋଲି କୁହନ୍ତି ଅପେରା ସାଇଦୁର୍ଗାର ଅନ୍ୟତମ ନାୟିକା ଦୀପିକା ନାୟକ ଓରଫ କୁନୁ।' ଧଉଳି ଗଣନାଟ୍ୟରେ ସେ ପ୍ରଥମେ ଏଣ୍ଟ୍ରି କରନ୍ତି ଜଣେ ରେକର୍ଡଡ୍ୟାନ୍ସର ଭାବେ। ତା'ପରେ କଳିଙ୍ଗ ଗଣନାଟ୍ୟର 'ରାଜଧାନୀ ତତେ ଦୂରୁ ଜୁହାର'ରେ ମୁଖ୍ୟ ଭୂମିକା ମିଳେ। ଏହାର ସଫଳତା ପରେ କୁନୁ ଆଉ କେବେ ପଛକୁ ଫେରି ଚାହିଁନାହାନ୍ତି। ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି 'ମା ଲୋ କଳିକତିଆ ଜୋଇଁ, ଶହେ ଶହେରେ ଖେଳ, ତୁ କେମିତିକା ଅର୍ଦ୍ଧାଙ୍ଗିନୀ, କହ ଗୌର ଦାସ କାହାର ଦୋଷ, କଳାକାହ୍ନୁ ମୋର କାଳିଆସୁନା ଏବଂ ଅପେରା ସାଇଦୁର୍ଗାର ଚଳିତବର୍ଷର ନାଟକ (ବାଟୋଇ ମୁଁ ଏକା ଏକା, ନା ଭୁଲ୍ ତୋର ନା ଭୁଲ୍ ମୋର, ପଡ଼ିଗଲି ତୋ ପ୍ରେମରେ ଏବଂ ପ୍ରେମର ଠିକଣା ସିନ୍ଦୂର ନୁହଁ)। ମ୍ୟୁଜିକ୍ ଇନ୍‌ଷ୍ଟ୍ରୁମେଣ୍ଟ ପ୍ଲେୟର ତଥା ତାଙ୍କ ସ୍ୱାମୀ ଧନଞ୍ଜୟ ନାୟକଙ୍କ ପ୍ରେରଣାକୁ ସବୁବେଳେ ସ୍ମରଣ କରନ୍ତି ଏହି ଅଭିନେତ୍ରୀ। ଏହା ପୂର୍ବରୁ ଦର୍ଶକମହଲ, ତୁଳସୀ, ସ୍ୱର୍ଣ୍ଣମହଲ, ସଚ୍ଚିଦାନନ୍ଦ, ବାଘାଯତୀନ ଲୋକନାଟ୍ୟ, ରାଜଧାନୀ ଅପେରାରେ ନିଜ ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି କୁନୁ।


ଦୀପିକା ନାୟକ (କୁନୁ)

# ଅଡୁଆ କରିଛି ଡେଟ୍

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଏବେ କ'ଣ କରିବେ ଜାଣିପାରୁନାହାନ୍ତି। କରୀନା କପୁର ଏବେ ଦୋ'ଛକିରେ ପଡ଼ିଛନ୍ତି। କାରଣ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ, କାହାକୁ ମନା କରିବେ ସେନେଇ ଅଡୁଆରେ ପଡିଛନ୍ତି। ହେଲେ ଅଡୁଆ ଏଇଥିପାଇଁ ହୋଇଛି ଯେ ସାଇନ୍ କରିଥିବା ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେବାକୁ ଯାଉଛି। ତେଣୁ କାହାକୁ କେତେବେଳେ ସମୟ ଦେବେ ତାହା ତାଙ୍କୁ ଦୋ'ଛକିରେ ପକାଇ ଦେଇଛି। ଏ ନେଇ ସୋନାକ୍ଷୀ କୁହନ୍ତି, 'ବ୍ୟାକ୍-ଟୁ-ବ୍ୟାକ୍ ମୁଁ ଫିଲ୍ମଦ୍ୱୟ ସାଇନ୍ କରିଥିଲି। ହେଲେ କେତେକ କାରଣରୁ ତନ୍ମଧ୍ୟରୁ ଗୋଟିଏ ଫିଲ୍ମର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। କେବଳ ସେତିକି ନୁହେଁ, ଅନ୍ୟ ଫିଲ୍ମଟି ମଧ୍ୟ ଆସନ୍ତା ମାସ ଦ୍ୱିତୀୟ ସପ୍ତାହରେ ଷ୍ଟାର୍ଟ ହେବ। ତେଣୁ ସେଥିଲାଗି ଡେଟ୍ ଫିକ୍ସ ମୋତେ ଅଡୁଆରେ ପକାଇ ଦେଇଛି। ଅନ୍ୟପକ୍ଷରେ ଫିଲ୍ମଦ୍ୱୟର କାହାଣୀ ମଧ୍ୟ ମୋତେ ବେଶ୍ ଇମ୍ପ୍ରେସ୍ କରିଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।' ତେବେ ଫିଲ୍ମ ଦୁଇଟି ପାଇଁ ସୋନାକ୍ଷୀ କିପରି ଡେଟ୍ ମ୍ୟାନେଜ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ନୂଆ ସିନେମା

# ଆଇନା କେବେ ମିଛ କହେନା


ଦୀପକ-ମୁସକାନ୍

ଏକ ଭିନ୍ନ ଧରଣର ପାରିବାରିକ କାହାଣୀ ଏବଂ ଲଭ୍ ଷ୍ଟୋରିର ଝଲକ ରହିଛି ନୂଆ ଓଡ଼ିଆ ସିନେମା 'ଆଇନା କେବେ ମିଛ କହେନା'ରେ। ଏହି ଫିଲ୍ମର ଡବିଂ କାମ ଏବେ ଚାଲୁ ରହିଛି। ଦୁଇ ଭାଇଙ୍କ ଭିତରେ ଥିବା ସ୍ନେହ କେତେ ଅନାବିଳ ହୋଇପାରେ ତାହା ଏଥିରେ ଦେଖିବାକୁ ମିଳିବ। ଏଥିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। ନିଜ ରୋଲ୍ ବିଷୟରେ ସେ କୁହନ୍ତି, 'ଏହି ଫିଲ୍ମର କାହାଣୀରେ ଅନେକ ନୂଆ କଥା ରହିଛି। ଲଭ୍, ଇମୋଶନ, କମେଡିର ମଜା ଦର୍ଶକ ଏଥିରୁ ପାଇପାରିବେ। ଏଥିରେ ମୁଁ ସାନଭାଇ ଭୂମିକାରେ ଅଭିନୟ କରିଛି। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମଧ୍ୟ ଆଶା ରହିଛି।' ଚିତ୍ରଟିର ପ୍ରଯୋଜନା ଆଶିଷ ସିହ୍ନା କରିଛନ୍ତି ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଶ୍ରୀତମ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ସିନେମାରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତ ମୁସ୍‌କାନ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ହରିହର ମହାପାତ୍ର ଏବଂ ସୁକାନ୍ତ ରଥଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

## ଅତୀତରୁ

❖ନିତାଇ ପାଲିତ୍‌ଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅନୁରାଗ'। ଏହାର ମୁଖ୍ୟ ଭୂମିକାରେ ମାଳବିକା ମହାନ୍ତି, ବୀରେନ୍ ରାଉତରାୟ, ଅରୁଣ ନନ୍ଦ, ବିନି ମିଶ୍ର, ରବି ରଥ, ନରି, ଜୟୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।

❖ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଅଜିତ ଦାସ, ମହାଶ୍ୱେତା ରାୟ, ଡଲି ଜେନାଙ୍କୁ ଚିତ୍ରର ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା।

❖ଜୟନ୍ତ କୁମାରଙ୍କ ପ୍ରଯୋଜନା ତଥା ମଳୟ ମିତ୍ରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାନସୀ'। ଏହାର ନାୟକ ସାଜିଥିଲେ ଶ୍ରୀରାମ ପଣ୍ଡା ଏବଂ ତାଙ୍କର ନାୟିକା ଭୂମିକାରେ ଅଭିନୟ କରିଥିଲେ ତ୍ରିପୁରା ମିଶ୍ର।

❖ଓଡ଼ିଆ ଚିତ୍ର 'ଅସ୍ତରାଗ'ର ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହାର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ଅଭିନୟ କରିଥିଲେ।

❖ଘନଶ୍ୟାମ ମହାପାତ୍ରଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ନିର୍ମିତ 'କନକଲତା'ର ନାୟକ ଭୂମିକାରେ ହରିଶ୍ ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା।

# ଶଶାଙ୍କଙ୍କ ପ୍ରଶଂସାରେ ଟାଇଗର


ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ ବର୍ତ୍ତମାନ ନିର୍ଦ୍ଦେଶକ ଶଶାଙ୍କ ଖୈତାନଙ୍କ ପ୍ରଶଂସାରେ ଶତମୁଖ। କାରଣ ସେ ଯେଉଁଭଳି ଏକ ଆକ୍ସନ ଭୂମିକା ଖୋଜୁଥିଲେ ତାହା ତାଙ୍କୁ ଶଶାଙ୍କଙ୍କ ଫିଲ୍ମରେ ମିଳିଯାଇଛି। ତେଣୁ ୟୁଆଡ଼େ ଗଲେ ସେ ଏବେ ନିର୍ଦ୍ଦେଶକଙ୍କୁ ଭୂରି ଭୂରି ପ୍ରଶଂସା କରୁଛନ୍ତି। ଯେତେବେଳେ ଏହି ଫିଲ୍ମରେ କିଏ ଲିଡ୍ ରୋଲ୍‌ରେ ଅଭିନୟ କରିବ ସେ ନେଇ ଟିକେ ଚିନ୍ତାରେ ପଡ଼ିଥିଲେ ନିର୍ଦ୍ଦେଶକ। ଠିକ୍ ସେତିକିବେଳକୁ ଟାଇଗରଙ୍କ ନାମ ତାଙ୍କ ମନକୁ ଆସିଥିଲା। ବାସ୍, କାଳ ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଟାଇଗର ମଧ୍ୟ ଏ ନେଇ ନିଜର ସମ୍ମତି ପ୍ରଦାନ କରିସାରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, 'ମୁଁ ସବୁବେଳେ ଭଲ ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆକ୍ସନ ସିନେମାରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ନୂଆ ଫିଲ୍ମଟିରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଭରି ରହିଛି।' ଏହାର ଶୁଟିଂ ଖୁବ୍ ଶୀଘ୍ର ପର୍ତ୍ତୁଗାଲରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ସୂଚନାଯୋଗ୍ୟ, ବର୍ତ୍ତମାନ ଟାଇଗର-କ୍ରିତି ସାନନ୍ ଅଭିନୀତ 'ଗଣପତ' ରିଲିଜ୍ ଅପେକ୍ଷାରେ ରହିଛି।


ଟାଇଗର

ଛୋଟ ପରଦା

# ଦିଦି ନମ୍ବର-୧ : ସିଜନ୍-୨

ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ 'ଦିଦି ନମ୍ବର-୧'ର ସଫଳତା ପରେ ପୁଣିଥରେ ଏହାର ସିଜନ୍-୨ର ପ୍ରସାରଣ ଆରମ୍ଭ ହୋଇଛି। ଏହି ଚ୍ୟାନେଲରେ ଚଳିତ ମାସ ୨୧ରୁ ସନ୍ଧ୍ୟା ୫ଟାରେ (ସୋମବାରରୁ ରବିବାର) ଉକ୍ତ ଶୋ' ପ୍ରସାରିତ ହେଉଛି। ତା'ସହ ଏଥିପାଇଁ ଅଡିଶନ ମଧ୍ୟ ଆରମ୍ଭ ହୋଇଯାଇଛି। ଅଡିଶନ ବିଷୟରେ ସବିଶେଷ ତଥ୍ୟ ଜାଣିବା ପାଇଁ 'ଜୀ-ସାର୍ଥକ'ର ସୋସିଆଲ ମିଡିଆ ପେଜ୍ ସହ ଯୋଡ଼ିହେବା ପାଇଁ ଦିଦି ନମ୍ବର-୧ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଜୀ ସାର୍ଥକର ଏହି ଲୋକପ୍ରିୟ ରିଅଲିଟି ଶୋ' ମନୋରଞ୍ଜନ ସହ ମହିଳାମାନଙ୍କ ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି। ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦିହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ 'ଦିଦି ନମ୍ବର-୧' ଏକ ମାଧ୍ୟମ ହୋଇଛି। ଦର୍ଶକ ଏବଂ ପ୍ରତିଯୋଗୀଙ୍କ ଦ୍ୱାରା ବହୁଳ ଭାବେ ଆଦୃତ 'ଦିଦି ନମ୍ବର-୧' ରିଅଲିଟି ଶୋ'ର ପ୍ରଥମ ସିଜନ ଅପେକ୍ଷା ସିଜନ-୨ରେ ନୂଆ ନୂଆ ଖେଳ ସହ ଆହୁରି ଅଧିକ ମଜାଦାର ହେବ ଓ ପ୍ରତିଯୋଗୀମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ଉପହାର ନେଇ ଆସିଛି। ଖାସ୍ କଥା ହେଲା, ପ୍ରଥମଥର ପାଇଁ ଜୀ ସାର୍ଥକ ଆଣିଛି ପ୍ରତିଯୋଗୀମାନଙ୍କ ପାଇଁ ସିଧାସଳଖ ଟଙ୍କା ଗଛରୁ ଟଙ୍କା ତୋଳିବାର ଏକ ଅଦ୍ଭୁତ ଖେଳ। ଏହା ବ୍ୟତୀତ ଖେଳରେ ଖେଳରେ ପ୍ରତିଯୋଗୀମାନେ ସୁନା ବି ଜିତି ନିଜ ଘରକୁ ନେଇପାରିବେ। ନିଜର ଚୁଲ୍‌ବୁଲି ଅନ୍ଦାଜ୍ ସହ ଲିପି ମହାପାତ୍ର ଏହାର ଉପସ୍ଥାପନା ଜାରି ରଖିବେ ବୋଲି ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।


ଲିପି

# 'ଦମନ'ର ଦମ୍ଭ

''ଓଡ଼ିଆ ଚଳଚ୍ଚିତ୍ର 'ଦମନ' କେବଳ ପ୍ରଯୋଜକମାନଙ୍କୁ ମାର୍ଗଦର୍ଶନ ଦେଲା ନାହିଁ, ବରଂ ସେମାନଙ୍କ ଭଲ ସିନେମାର ପ୍ରଭାବ କ'ଣ ତାହା ବୁଝେଇଦେଲା। ଆମେ ସିନେମାକୁ ଖେଳନା ପରି ମାସକ ମଧ୍ୟରେ ଉତ୍ତାରିଦେଲେ ତାହାର ଭଲ ପ୍ରଭାବ ଦର୍ଶକମାନଙ୍କ ଉପରେ ପଡ଼ିବ ନାହିଁ। ବର୍ତ୍ତମାନର ଯୁବପିଢ଼ି ଏତେ ସଚେତନ ଯେ, ତାଙ୍କୁ ଭଲ କାହାଣୀ ଥିବା ଚଳଚ୍ଚିତ୍ର ଦରକାର, ଠକାମିର ଯୁଗ ଶେଷ।''

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅନେକ ବର୍ଷ ପରେ ନୂତନ ଦିଗ 'ଦମନ' ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାକୁ ରାହା ଦେଲା। ଭଲ ସିନେମାର ପ୍ରଭାବ ସବୁବେଳେ ରହିଛି, ରହିବ। କପି କରି ଫେଲ୍ ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକମାନେ ଏଥିରୁ କିଛି ଶିକ୍ଷାଲାଭ କରନ୍ତୁ। ଓଡ଼ିଆ ସିନେମାର ସମୃଦ୍ଧି ପାଇଁ ଦକ୍ଷତା ଓ ବୈଷୟିକ ଜ୍ଞାନ ଥିବା ଯୁବପିଢି ଆଗେଇ ଆସିବା ଦରକାର। ସିନେମା ଏକ ବୃହତ୍ ଗଣମାଧ୍ୟମ। ଏହାକୁ ଖାମଖିଆଲ ଭାବେ କଲେ ପ୍ରଯୋଜକମାନେ କ୍ଷତିର ସମ୍ମୁଖୀନ ହେବେ। ଓଡ଼ିଆ ଚଳଚ୍ଚିତ୍ର ପାଇଁ କାହାଣୀର ଅଭାବ ନାହିଁ। ଅଭାବ ଅଛି ଆନ୍ତରିକତା, ନ ହେଲେ ନିକଟରେ ଭଲ ସିନେମା 'ପ୍ରତୀକ୍ଷା' କିପରି ଭାରତୀୟ ପାନୋରମାରେ ସ୍ଥାନିତ ହେଲା। ଓଡ଼ିଆ ଚଳଚ୍ଚିତ୍ର 'ଦମନ' କେବଳ ପ୍ରଯୋଜକମାନଙ୍କୁ ମାର୍ଗଦର୍ଶନ ଦେଲା ନାହିଁ, ବରଂ ସେମାନଙ୍କ ଭଲ ସିନେମାର ପ୍ରଭାବ କ'ଣ ତାହା ବୁଝେଇଦେଲା। ଆମେ ସିନେମାକୁ ଖେଳନା ପରି ମାସକ ମଧ୍ୟରେ ଉତ୍ତାରି ଦେଲେ ତାହାର ଭଲ ପ୍ରଭାବ ଦର୍ଶକମାନଙ୍କ ଉପରେ ପଡ଼ିବ ନାହିଁ। ବର୍ତ୍ତମାନର ଯୁବପିଢ଼ି ଏତେ ସଚେତନ ଯେ, ତାଙ୍କୁ ଭଲ କାହାଣୀ ଥିବା ଚଳଚ୍ଚିତ୍ର ଦରକାର, ଠକାମିର ଯୁଗ ଶେଷ। 'ଦମନ' ସମସ୍ତଙ୍କୁ ଚେତାବନୀ ଦେଲା ଆରେ ଓଡ଼ିଆମାନେ ନିଜ ଭାଷା, ନିଜ କଥା ଓ ନିଜ ପରିବେଶ ଉପରେ ସିନେମା କର। ତାହା ହେଲେ ହିଁ ପ୍ରଯୋଜକର ମାନ୍ୟତା ମିଳିବ। ଭଲ ସିନେମାଟିଏ ନର୍ମାଣ କଲେ ତାହା ଭଲ ବିଜନେସ୍ କରିବ। ତାହା ନୂଆ ସିନେମାଟିଏ ନିର୍ମାଣ କରିବାକୁ ପ୍ରେରଣା ଦେବ। ସିନେମାର ପ୍ରତିଟି ଦୃଶ୍ୟାବଳୀ, ସଙ୍ଗୀତ ଓ ଅଭିନୟ ଦିଗ ପ୍ରତି ଆମେ ଯେତେ ଯତ୍ନବାନ୍ ହେବା ତାହା ଦର୍ଶକମାନଙ୍କ ଦ୍ୱାରା ସେତେ ପ୍ରଶଂସାଯୋଗ୍ୟ ହେବ। ଚରିତ୍ର ସୃଷ୍ଟି କରାଯାଏ, ଭଲ କଳାକାରମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦେଇ ଆମେ ଶୁଟିଂ କଲେ ତା'ର ଫଳାଫଳ ନିଶ୍ଚିତ ଦର୍ଶକମାନଙ୍କୁ ବିସ୍ମିତ କରିବ। ପ୍ରତ୍ୟେକ କଳାକାର ପ୍ରତି ଯେତେ ଅଧିକ ଯତ୍ନବାନ୍ ହୋଇ ଆମେ କାର୍ଯ୍ୟ କରିବା, ଅଭିନୟ ପ୍ରତିଭାର ସଦୁପଯୋଗ ସେତେ ହେବ।

ଓଡ଼ିଆ ସିନେମା 'ଦମନ' ଷ୍ଟାର କଳାକାରମାନଙ୍କ ଅପେକ୍ଷା ନିଜ ନିଜର ଦକ୍ଷତା ପ୍ରମାଣ ଫଳରେ ବିଗ୍‌ଷ୍ଟାର କେବଳ ଯେ 'ଷ୍ଟାର', ଅନ୍ୟମାନେ ଅଭିନେତା ହିସାବରେ ପରିଗଣିତ ହେଉଥିଲେ। 'ଷ୍ଟାର'ର ସଂଜ୍ଞା ହେଲା ନିଜ ଚରିତ୍ର ଚିତ୍ରଣକୁ ଠିକ୍ ଭାବେ ଉପସ୍ଥାପନ କରିବା ଆଉ ତାହା ସାଧାରଣରେ ଆଦୃତ ହେବା। ଓଡ଼ିଆ ସିନେମାରେ କ୍ୱଚିତ୍ ଭଲ କଳାକାର ଅଛନ୍ତି। ସେମାନଙ୍କୁ ଠିକ୍ ମୂଲ୍ୟାୟନ ହେଲେ ସେମାନେ ଲୋକଲୋଚନକୁ ଆସିପାରନ୍ତେ। ସମ୍ପ୍ରତି ଆମର ଓଡ଼ିଆ ଟି.ଭି. ଚ୍ୟାନେଲ୍‌ଗୁଡ଼ିକରେ ବହୁ ନୂତନ ପ୍ରତିଭା ରହିଛନ୍ତି। ସେମାନଙ୍କୁ ସୁଯୋଗ ଦେଲେ ସେମାନେ ସିନେମାରେ ଠିକ୍ ମାର୍ଗଦର୍ଶକମାନଙ୍କ ପସନ୍ଦଯୋଗ୍ୟ ହେବେ।

ଆଗାମୀ ଦିନରେ 'ଦମନ' ପରି ଓଡ଼ିଆ ଚଳଚ୍ଚିତ୍ରର ସଫଳତା ପ୍ରଯୋଜନା ମହଲରେ ଆଶାର ସଞ୍ଚାର ଖେଳାଇ ଦେଇଛି। ଓଡ଼ିଆ ସିନେମା ପରିଣତ ବୟସରେ ଠିକ୍ ରାସ୍ତା ଆପଣାଇବାରେ ସମର୍ଥ ହେଲେ ତାହା ଓଡ଼ିଆ ସିନେ ସମାଜ ପାଇଁ ନିଶ୍ଚୟ ଖୁସିର ଖବର ହେବ।

**-ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଭାଗ୍ୟର ଦୋଷ


ବାଣୀ

ବାଣୀ କପୁର ଏବେ ନିଜ ବଲିଉଡ୍ କ୍ୟାରିୟର ହିସାବ କରୁଛନ୍ତି। ଯେଉଁ ଆଶା ନେଇ ସେ ବଲିଉଡ୍‌କୁ ଆସିଥିଲେ ତାହା ତ ପୂରଣ ହୋଇନାହିଁ, ତଥାପି ନିଜକୁ ନାୟିକା ଦୌଡ଼ରେ ସାମିଲ କରିବାର ଆଶା ହରାଇନାହାନ୍ତି ସେ। ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ' (୨୦୧୩)। ଗତ ୯ ବର୍ଷ ଭିତରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ତାହା ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଇତିମଧ୍ୟରେ ସେ ମାତ୍ର ୮ଟି ସିନେମାରେ ଆକ୍ଟିଂ କରିନ୍ତି। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ। ନିଜର କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, 'ମୋ ବଲିଉଡ୍ କ୍ୟାରିୟରକୁ ଏବେ ମାତ୍ର ୯ ବର୍ଷ ପୂରଣ ହେଲା। ଏହାଭିତରେ ମୁଁ ଆଠଟି ସିନେମାରେ ଆକ୍ଟିଂ କରିଛି। ଏ ନେଇ ଅବଶ୍ୟ ମନ ଦୁଃଖ ଲାଗୁଛି। ଏସବୁ ମୋ ଭାଗ୍ୟର ଦୋଷ ବୋଲି କହିବି। ହେଲେ ଏପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି।' ସୂଚନାଯୋଗ୍ୟ, ବାଣୀ ଏପର୍ଯ୍ୟନ୍ତ 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମ୍‌ସେରା' ଫିଲ୍ମରେ ଅଭିନୟ କରିଛନ୍ତି।

## ସଂକ୍ଷେପରେ

### ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୨୩।୧୧-ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତଙ୍କ ଜାମିନ ପାଇଁ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍‌ଙ୍କ କୋର୍ଟରେ ଆବେଦନ ହୋଇଥିଲା। ଏହାର ଶୁଣାଣି କରି ପୋକ୍‌ସୋ ଜଜ୍ ବିକ୍ରମ ପଟ୍ଟନାୟକ ଅଭିଯୁକ୍ତ ବିଦ୍ୟାଧର ମହାପାତ୍ରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏନେଇ ମୁଦାଲାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ବିଷ୍ଣୁପ୍ରସାଦ ମହାପାତ୍ରଙ୍କୁ ଜାମିନ ମିଳିଥିଲା।

୨୦୧୮ ଏପ୍ରିଲ ୧୯ରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇ ବଳାତ୍କାର କରାଯାଇଥିଲା। ଏନେଇ ପୁରୁଷୋତ୍ତମପୁର ଥାନାରେ ପୀଡ଼ିତାଙ୍କ ମା' ଅଭିଯୋଗ କରିଥିଲେ। ପୋଲିସ ନଂ. ୮୨/୧୮ରେ ବଳାତ୍କାରୀ ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରିଥିଲା। ଅନ୍ୟପଟେ ଯୋଜନା ମୁତାବକ ଘଟଣା ଦିନ ନାବାଳିକାଙ୍କୁ ଏକ ଗାଡ଼ିରେ ଅପହରଣ କରି ଅନ୍ୟ ସ୍ଥାନରେ ଛାଡିଥିବା ନେଇ ବିଦ୍ୟାଧର ମହାପାତ୍ରଙ୍କ ନାମରେ ମାମଲା ହୋଇଥିଲା। ପୋଲିସ ଉକ୍ତ ମାମଲାରେ ବିଦ୍ୟାଧରଙ୍କୁ ଫେରାର ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। କୋର୍ଟ ପକ୍ଷରୁ ବିଦ୍ୟାଧରଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ନଭେମ୍ବର ୪ରେ ପୋଲିସ ବିଦ୍ୟାଧରଙ୍କୁ ଗିରଫ କରି ମଣ୍ଡଳ କାରାଗାରକୁ ପଠାଇଥିଲା। ସେଠାରୁ ବିଦ୍ୟାଧରଙ୍କ ଜାମିନ ପାଇଁ ତାଙ୍କ ଓକିଲ ପୋକ୍‌ସୋ କୋର୍ଟରେ ଆବେଦନ କରିଥିଲେ।

### ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

ବ୍ରହ୍ମପୁର ଅଫିସ,୨୩।୧୧-ସଂସ୍କାରବାଦୀ ସଂଗଠନ ପକ୍ଷରୁ ବୁଧବାର ଗୋଷାଣୀନୂଆଗାଁ କେ.ସି. ବାଳିକା ହାଇସ୍କୁଲ ପରିସରରେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ହିମାଂଶୁ କୁମାର ପଟ୍ଟନାୟକ ଓ ଆଇନଜୀବୀ ପ୍ରଭାତ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ୨୦୧୬ ଅଗଷ୍ଟ ୧୨ରେ ୧୯୫୪ର ଓଡ଼ିଆ ଭାଷା ଆଇନକୁ ରାଜ୍ୟ ସରକାର କ୍ୟାବିନେଟ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେ ସମୟରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ପ୍ରଶାସନିକ ଅଧିକାରୀଙ୍କ ବୈଠକରେ ଓଡିଆ ଭାଷାରେ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ଯାଏ କୌଣସି ନିୟମ ପ୍ରଣୟନ ହୋଇ ନ ଥିବା ଅତିଥିମାନେ କହିଥିଲେ। ସଂଘ ପ୍ରତିଷ୍ଠାତା ତ୍ରିନାଥ ମହାରଣା ଓଡ଼ିଆରେ ନାମଫଳକ, ନିମନ୍ତ୍ରଣପତ୍ର ଓ ବିଜ୍ଞାପନ ପ୍ରକାଶ ପାଇଁ ସଚେତନ କରାଇଥିଲେ।

### ଜିଲାପରିଷଦ ଏସିଡିଓଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୨୩।୧୧(ଡି.ଏନ୍.ଏ.)-ଗଞ୍ଜାମ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ (ଏସିଡିଓ) ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ବୌଦ୍ଧ ଜିଲାର ଡିଆର୍‌ଡିଏ ଏପିଡି ଭାବେ କାର୍ଯ୍ୟ କରୁଥିଲେ। ପ୍ରଧାନ ପୂର୍ବରୁ ପୋଲସରା ତହସିଲଦାର, କୁକୁଡାଖଣ୍ଡି, ଦିଗପହଣ୍ଡି ଓ ବୁଗୁଡା ବିଡିଓ ଏବଂ ରାୟଗଡାର ଉପଜିଲାପାଳ ଭାବେ ମଧ କାର୍ଯ୍ୟ କରିଛନ୍ତି।



# ଜାନିବିଲି ଯନ୍ତ୍ରଣାରେ ବ୍ରହ୍ମପୁରବାସୀ ହନ୍ତସନ୍ତ

■ସରୁନି ବୃହତ୍ତର ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ
■ପାଇପ୍ ସଂଯୋଗ ପାଇଁ ରାସ୍ତାଗୁଡ଼ିକ ଖୋଳିତାଡ଼ି ଦିଆଯାଇଛି

ବ୍ରହ୍ମପୁର ଅଫିସ,୨୩।୧୧

ରେଶମ ସହର ବ୍ରହ୍ମପୁରରେ ବହୁ ବର୍ଷରୁ ଲାଗି ରହିଥିବା ଜଳ ସଙ୍କଟର ସ୍ଥାୟୀ ସମାଧାନ ଏବଂ ପ୍ରତିଦିନ ୨୪ ଘଣ୍ଟିଆ ବିଶୁଦ୍ଧ ପିଇବା ପାଣି ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ଯୋଜନା ଜାନିବିଲି ବୃହତ୍ତର ପ୍ରକଳ୍ପ ନିମନ୍ତେ ପଦକ୍ଷେପ ନିଆଗଲା। ୨୦୧୬ ନଭେମ୍ବର ୩୦ରେ ଏହାର ଶିଳାନ୍ୟାସ ବା ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ବାବଦରେ ପ୍ରାୟ ୫ ଶହ କୋଟି ଟଙ୍କା ବ୍ୟୟ ଅଟ୍ଟକଳ ହୋଇଛି। ଦୁଇବର୍ଷ ଅର୍ଥାତ୍ ୨୦୧୮ ନଭେମ୍ବର ୩୦ ସୁଦ୍ଧା ପ୍ରକଳ୍ପ ନିର୍ମାଣ ସରିବାର ନବୀନ ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୬ ବର୍ଷ ପୂରିବାକୁ ଯାଉଛି କିନ୍ତୁ ଏହି ଯୋଜନା ଏବେ ଅସମ୍ପୂର୍ଣ୍ଣ ରହିଛି। ୨୦୧୯ ନିର୍ବାଚନ ପୂର୍ବରୁ ଭୋଟ ରାଜନୀତି ପାଇଁ ସେହି ବର୍ଷ ମାର୍ଚ୍ଚରେ ଦରଖଣ୍ଡିଆ ଯୋଜନାକୁ ନବୀନ ଲୋକାର୍ପିତ କରିଥିଲେ। ରାଜ୍ୟ ସରକାରଙ୍କ ଏହା ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବା ଆୟୋଜିତ ଜନ ସମାବେଶରେ ଦର୍ଶାଇଥିଲେ। ଏହାର ମଧ୍ୟ ସାଢ଼େ ୩ ବର୍ଷ ବିତିଛି ଏବଂ ସାହିବସ୍ତି ଗୁଡିକରେ ପାଇପ୍ ବିଛା ଚାଲିଛି। ଏକ ନାମୀଦାମୀ ଘରୋଇ ଉଦ୍ୟୋଗକୁ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ସେହି ଉଦ୍ୟୋଗ ମନଇଚ୍ଛା କାର୍ଯ୍ୟ କରୁଛି। କେବେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତ ହୋଇଯାଇଛି। ଗତ କିଛି ମାସ ହେବ ମହାନଗରର ବିଭିନ୍ନ ସ୍ଥାନ ଓ ଗଳିକନ୍ଦିରେ ପାଇପ୍ ବିଛାଇବା ନିମନ୍ତେ ରାସ୍ତାଗୁଡ଼ିକ ଖୋଳି ତାଡ଼ି ନଷ୍ଟ କରି ଦିଆଯାଇଛି। ଫଳରେ ଯାନବାହନ ଓ ଲୋକଙ୍କ ଚଳପ୍ରଚଳ ବିପଜ୍ଜନକ ହୋଇଛି। ସହରର ପ୍ରମୁଖ ସ୍ଥାନ ଗିରିରୋଡ ଏବଂ ଗୋଷାଣୀନୂଆଗାଁ ୨୬ନଂ ୱାର୍ଡର ଶାସ୍ତ୍ରୀନଗର ସବୁ ସରଣୀ ଓ ଅନ୍ୟ ସାହିରେ ସ୍ଥିତି ସଂଗୀନ ହୋଇଯାଇଛି। ଖୋଳିତାଡ଼ି ଦିଆଯାଇଥିବା ରାସ୍ତାଗୁଡ଼ିକ ମାଟି ପକାଇ ପୋତା ଯାଉନଥିବାରୁ ଦୁର୍ଘଟଣା ନିତିଦିନିଆ ହୋଇଛି। ଜାନିବିଲିକୁ ଆୟୁଧ କରି ଗତ ସାଧାରଣ ଓ ପୌର ନିର୍ବାଚନ ଶାସକ ବିଜେଡି ଫାଇଦା ହାସଲ କରିଛି। ଅପରପକ୍ଷରେ ଜାନିବିଲି ଯନ୍ତ୍ରଣାରେ ମହାନଗରବାସୀ ହନ୍ତସନ୍ତ ହେଉଛନ୍ତି।

ବ୍ରିଟିଶ ଶାସନରେ ଶତାଧିକ ବର୍ଷ ତଳେ ନିର୍ମିତ ଧରାକୋଟ ବ୍ଲକ ଜାନିବିଲି ଡ୍ୟାମ୍‌ରୁ ପାଣି ଅଣାଯାଉଥିବାରୁ ପ୍ରକଳ୍ପର ନାମ ଜାନିବିଲି ରଖାଯାଇଛି। ଏହି ଯୋଜନାରେ କେବଳ ବ୍ରହ୍ମପୁର ନୁହେଁ ଡ୍ୟାମ୍ ନିକଟରୁ ବ୍ରହ୍ମପୁର ମଧ୍ୟରେ ୫୦ ଖଣ୍ଡ ଗ୍ରାମବାସୀଙ୍କୁ ମଧ୍ୟ ନିୟମିତ ପିଇବା ପାଣି ଯୋଗାଣ ଲାଗି ଲକ୍ଷ୍ୟ ଥିବା ଉଦ୍‌ଘାଟନ ଅବସରରେ କୁହାଯାଇଥିଲା। ତେବେ ସେହି ଗ୍ରାମଗୁଡ଼ିକ ତେଣେ ଥାଉ ବ୍ରହ୍ମପୁର ମହାନଗରବାସୀଙ୍କୁ ଏଯାବତ୍ ପୂର୍ଣ୍ଣାଙ୍ଗ ଜଳଯୋଗାଣ ହୋଇନାହିଁ। ନିର୍ମାଣ ଦାୟିତ୍ୱ ନେଇଥିବା ସମ୍ପୃକ୍ତ ଠିକା ସଂସ୍ଥା ବା ଉଦ୍ୟୋଗ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତୁରନ୍ତ ସମ୍ପୂର୍ଣ୍ଣ କରିବା ଏବଂ କଦର୍ଯ୍ୟ ହୋଇଥିବା ରାସ୍ତାଗୁଡ଼ିକୁ ପୁନଃ ନିର୍ମାଣ କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



ପାଇପ ବିଛାଇବା ପାଇଁ ଅନେକ ରାସ୍ତା ଖୋଳିତାଡ଼ି ଦିଆଯାଇଛି ।

### ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ପରୀକ୍ଷା

# ପ୍ରଥମ ଦିନରେ ପରୀକ୍ଷା ଦେଲେ ୪୨୨୬୯ ଛାତ୍ରୀଛାତ୍ର

ବ୍ରହ୍ମପୁର ଅଫିସ,୨୩।୧୧

ରାଜ୍ୟରେ ବୁଧବାରଠାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରଥମ ସମ୍ମେଟିଭ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ଛାତ୍ରୀଛାତ୍ରମାନେ ଇଂଲିଶ ପରୀକ୍ଷା ଦେଇଛନ୍ତି। ଗଞ୍ଜାମ ଜିଲାରେ ୨୧୬ ସେଣ୍ଟରରେ ପରୀକ୍ଷା ହୋଇଥିଲା। ଏଥିରୁ ୯ ସେଣ୍ଟରରେ ଓପନ ସ୍କୁଲିଂ, ୭ଟିରେ ମଧ୍ୟମା ଓ ୨୦୦ ସେଣ୍ଟରରେ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଥମ ଦିନ ପରୀକ୍ଷା ପରିଚାଳନା ଠିକ୍ ଥିବା ଜିଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କଠାରୁ ପ୍ରକାଶ। ପରୀକ୍ଷା ନିମନ୍ତେ ମୋଟ ୪୩୩୩୫ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୪୨୨୬୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୧୦୬୬ ଜଣ ଅନୁପସ୍ଥିତ ଅଛନ୍ତି। ପ୍ରଥମ ଦିନ ପରୀକ୍ଷାରେ ଜିଲାରେ ରେଗୁଲାର ଓ ଏକ୍ସ-ରେଗୁଲାରରେ ୪୨୬୬୬ଛାତ୍ରୀଛାତ୍ର ଫର୍ମପୂରଣ କରିଥିବା ବେଳେ ୪୧୬୮୨ ପରୀକ୍ଷା ଦେଇଛନ୍ତି। ୯୮୪ ଅନୁପସ୍ଥିତ ଅଛନ୍ତି। ସେହିପରି ଓପନ ସ୍କୁଲିଂରେ ପ୍ରାୟ ୫୩୪ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ୪୯୪ ପରୀକ୍ଷା ଦେଇଛନ୍ତି। ୪୦ ଅନୁପସ୍ଥିତ ଅଛନ୍ତି। ମଧ୍ୟମାରେ ୧୩୫ ଫର୍ମ ପୂରଣ କରିଥିଲେ।୯୩ ପରୀକ୍ଷା ଦେଇଛନ୍ତି। ୪୨ ଅନୁପସ୍ଥିତ ଥିଲେ। ଏଥିରେ ରେଗୁଲାର ଏକ୍ସ -ରେଗୁଲାର, ମଧ୍ୟମା ଏବଂ ଓପନସ୍କୁଲିଂରେ ମୋଟ ୪୦୫୧ ଫର୍ମ ପୂରଣ କରିଥିଲେ। ୮୪ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ବେଳେ ୩୯୬ ଜଣ ପରୀକ୍ଷା ଦେଇଥିଲେ।



ପରୀକ୍ଷାପରେ ଫେରୁଛନ୍ତି ଛାତ୍ରୀଛାତ୍ର ।

### କୃଷି କାର୍ଯ୍ୟାଳୟରେ ପାରା ସମ୍ପ୍ରସାରଣ କର୍ମଚରୀଙ୍କ କର୍ମଶାଳା

ଜି.ଉଦୟଗିରି,୨୩।୧୧

ସ୍ଥାନୀୟ କୃଷି ଜିଲା କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ପାରା ସମ୍ପ୍ରସାରଣ କର୍ମଚାରୀଙ୍କ କର୍ମଶାଳା ଜିଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଡ.ଆୟୁର୍ଦେହୀ ମିଶ୍ର ଯୋଗଦେଇଥିଲେ। ବୈଜ୍ଞାନିକ ଡ.ସିଦ୍ଧାର୍ଥ କର, ନୂଆଗାଁ କୃଷି ଜିଲା ଅଧିକାରୀ ସୁରେଶ ଚନ୍ଦ୍ର ନାୟକ, ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ଅନିଲ ପ୍ରହରାଜ, ଗୋଷ୍ଠୀ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ, ଚକାପାଦ ଗୋଷ୍ଠୀ କୃଷି ଅଧିକାରୀ ହେମନ୍ତ କୁମାର ଦାସ,ଟିକାବାଲି ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ରହି ରାଇକିଆ, ଜି.ଉଦୟଗିରି, ଟିକାବାଲି ଓ ଚକାପାଦ ଅଞ୍ଚଳର ପ୍ରାୟ ୧୫୦ ଚାଷୀ ଓ ପାରା ସମ୍ପ୍ରସାରଣ କର୍ମଚାରୀଙ୍କୁ ନେଇ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁଶାନ୍ତ କୁମାର ନାୟକ, କନିଷ୍ଠ ସହକାରୀ ଧୀରେନ କୁମାର ପ୍ରଧାନ ଓ କୃଷି ଅଧିଦର୍ଶକ କାଳୀଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୁନୀଲ



@ ସ୍ୱପ୍ନା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨୩।୧୧-ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଆସ୍କାରୋଡ ଶ୍ରୀରାମନଗରର ସଞ୍ଜୟ କୁମାର ମହାପାତ୍ର ଓରଫ ଭିକି (୨୫)। ମାମଲା ନମ୍ବର ୩୧୫/୨୨ରେ ତାଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ଅନ୍ୟପଟେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି।

ପ୍ରକାଶ ଯେ, ସଞ୍ଜୟ ଜଣେ ଯୁବତୀଙ୍କୁ ବହୁଦିନ ଧରି ପିଛା କରିବା ସହ ଏକତରଫା ପ୍ରେମ କରୁଥିଲେ। ଯୁବତୀ ଜଣଙ୍କ ଏହାର ପ୍ରତିବାଦ କରୁଥିଲେ। ଏଣୁ ସେ ଯୁବତୀଙ୍କୁ ତାଙ୍କର କେତେକ ଫଟୋ ଭାଇରାଲ କରିବେ ବୋଲି ଧମକ ଦେଇଥିଲେ। ଗତ ୨୧ ତାରିଖରେ ଯୁବତୀ ଜଣଙ୍କ ବଜାରକୁ ଯାଉଥିବା ବେଳେ ସଞ୍ଜୟ ତାଙ୍କ ପିଛା କରିଥିଲେ। ରାସ୍ତାରେ ସଞ୍ଜୟ ଯୁବତୀଙ୍କ ହାତକୁ ଟାଣି ସେଠାରେ ଅସଦାଚରଣ କରିଥିଲେ। ପରେ ସଞ୍ଜୟ ତାଙ୍କର କେତେକ ସାଙ୍ଗଙ୍କ ସହ ଯୁବତୀଙ୍କ ଘରେ ପଶିଥିଲେ। ସେମାନେ ମାରଣାସ୍ତ୍ର ଧରି ଯୁବତୀଙ୍କୁ ଭୟଭୀତ କରିଥିଲେ। ଏପରିକି ସଞ୍ଜୟ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ଧମକ ଦେଇଥିଲେ। ବିବାହ ନ କଲେ ହତ୍ୟା ଧମକ ମଧ୍ୟ ଦେଇଥିଲେ।



# କଲେଜ ଅଧ୍ୟକ୍ଷଙ୍କ ସହ ଏସ୍‌ପିଙ୍କ ମିଳିତ ବୈଠକ

ବ୍ରହ୍ମପୁର ଅଫିସ,୨୩।୧୧

କିଛିଦିନ ମଧ୍ୟରେ ବ୍ରହ୍ମପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ରାଗିଂ ଘଟଣା ଦୃଷ୍ଟିକୁ ଆସିଛି। ଏହାକୁ ପ୍ରତିହତ କରି କ୍ୟାମ୍ପସ ପରିସରକୁ ରାଗିଂମୁକ୍ତ କରିବା ନେଇ ବୁଧବାର ବ୍ରହ୍ମପୁର ଏସ୍‌ପି ଡା.ଶରବଣା ବିବେକ ଏମ୍ ସହରର ସମସ୍ତ ସରକାରୀ ଓ ବେସରକାରୀ କଲେଜ ଅଧ୍ୟକ୍ଷଙ୍କ ଏକ ବୈଠକ ଡକାଇଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ୨୯ ଜଣ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା ଯୋଗଦେଇଥିଲେ। ବୈଠକରେ ଆଲୋଚନା ପରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ, ସୁପ୍ରିମକୋର୍ଟ ଜାରି କରିଥିବା ଗାଇଡ୍‌ଲାଇନ୍ ଅନୁସାରେ ପ୍ରତ୍ୟେକ ମହାବିଦ୍ୟାଳୟରେ ଆଣ୍ଟିରାଗିଂ କମିଟି ରହିବ। ଉକ୍ତ କମିଟି ସର୍ବଦା ସକ୍ରିୟ ରହିବା ସହ ସଦସ୍ୟଙ୍କ ମୋବାଇଲ୍ ନମ୍ବର କନିଷ୍ଠ ବିଦ୍ୟାର୍ଥୀଙ୍କ ପାଖରେ ଉପଲବ୍ଧ ହେବ। ରାଗିଂ ନେଇ କାହାକୁ ଅଭିଯୋଗ କରିବେ ସେନେଇ ନବାଗତ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବ। କୌଣସି ଅଭିଯୋଗ ଆସିବା ମାତ୍ରେ ଆଣ୍ଟି ରାଗିଂ କମିଟି ତୁରନ୍ତ ତା'ର ତଦନ୍ତ କରିବ। ତଦନ୍ତରେ ଯଦି ରାଗିଂ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଛାତ୍ରୀ କିମ୍ବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଯଦି ତଦନ୍ତରୁ ରାଗିଂ ସହ କୌଣସି ଆପରାଧିକ କାର୍ଯ୍ୟ ଜଣାପଡ଼େ, ତେବେ ଅଧ୍ୟକ୍ଷ ଏନେଇ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇବେ। ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ ହେବ, ଏହ ଟିମ୍ ନିୟମିତ ବ୍ୟବଧାନରେ କଲେଜ କ୍ୟାମ୍ପସ ଗୁଡ଼ିକୁ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୫ ଜଣିଆ ନାକ୍ ଟିମ୍

ବ୍ରହ୍ମପୁର ଅଫିସ,୨୩।୧୧

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ସ୍ୱାୟତ୍ତ ସଂସ୍ଥାନ ପକ୍ଷରୁ (ରାଷ୍ଟ୍ରୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ) ନାକ୍ (ନ୍ୟାସନାଲ ଆସେସମେଣ୍ଟ ଏଣ୍ଡ ଆକ୍ରିଡେସନ କାଉନ୍‌ସିଲ)ର ୫ ଜଣିଆ ସଦସ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ତିନି ଦିନିଆ ଗସ୍ତରେ ଆସି ବୁଧବାର ପହଞ୍ଚିଛନ୍ତି। ଏହି ଟିମ୍‌ରେ ମିଜୋରାମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼.କେଆରଏସ୍ ସାମ୍ବଶିବ ରାଓ, କର୍ଣ୍ଣାଟକ ଟୁମକୁର ବିଶ୍ୱବିଦ୍ୟାଳୟର ଡ଼.ନୁର ଆଫଜା, ଗୁଜରାଟ ବିଶ୍ୱବିଦ୍ୟାଳୟର ପ୍ରଫେସର ମୋନଜ କୁମାର ଶାସ୍ତ୍ରୀ, ଜମ୍ମୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ଼ିନ୍ ପ୍ରଫେସର ଡ଼.ଦେବାନନ୍ଦ ପାଧା ଓ କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଜନ ମୁଲାକାଟୁ ଷ୍ଟିଫେନ ଅଛନ୍ତି। ବୁଧବାର ଏହି ଟିମ୍ ପ୍ରଥମ ଦିନରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ନାକ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। କୁଳପତି ପ୍ରଫେସର ଦାଶଙ୍କ ଅଧକ୍ଷତାରେ ପୁରୁଣା ସିଣ୍ଡିକେଟ ହଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କୁଳପତିଙ୍କ ଦ୍ୱାରା ପ୍ରସ୍ତୁତ ଏକ ପ୍ରେଜେଣ୍ଟେଶନ ପ୍ରଦର୍ଶିତ ହୋଇଥିଲା। ନୂତନ ସିଣ୍ଡିକେଟ ହଲଠାରେ ଆଇକ୍ୟୁଏସି ସେଲ୍ ସଦସ୍ୟ ଓ ନାକ୍ ସଦସ୍ୟଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଦ୍ୱିତିୟ ପର୍ଯ୍ୟାୟରେ ନାକ୍ ଟିମ୍ ସଦସ୍ୟ ଏ ଓ ଟିମ୍ ବି ଦୁଇ ଭାଗରେ ବିଭକ୍ତହୋଇ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ପରିଦର୍ଶନ କରିଥିଲେ। ପ୍ରଥମ ଦିନରେ ନାକ୍ ଟିମ୍-ଏ ସ୍ନାତକୋତ୍ତର ବିଜ୍ଞାନ ବିଭାଗ ପ୍ରାଣୀବିଜ୍ଞାନ, ରସାୟନ ବିଜ୍ଞାନ, ସାମୁଦ୍ରିକ ବିଜ୍ଞାନ, ବାୟୋଟେକ୍ନୋଲୋଜି, କମ୍ପ୍ୟୁଟର ସାଇନ୍ସ, ଗଣିତ, ଇଲେକ୍ଟ୍ରୋନିକ ସାଇନ୍ସ ଓ ପରିବେଶ ବିଜ୍ଞାନ ବିଭାଗ ପରିଦର୍ଶନ କରିଥିଲେ। ସେହିପରି ଟିମ୍ ବି-ଆଇଆରପିଏମ୍, ବାଣିଜ୍ୟ, ବିଜନେସ୍ ଆଡ଼ମିନିଷ୍ଟ୍ରେସନ, ଅର୍ଥନୀତି, ଗୃହବିଜ୍ଞାନ, ଓଡ଼ିଆ, ଇଂଲିଶ, ଇତିହାସ, ରାଜନୀତି ବିଜ୍ଞାନ, ଲିଙ୍ଗୁଇଷ୍ଟିକ୍ ଓ ଆଇନ ବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଦ୍ୱିତିୟ ପର୍ଯ୍ୟାୟରେ ସେଣ୍ଟ୍ରାଲ ଇନ୍‌ଷ୍ଟ୍ରୁମେଣ୍ଟେଶନ ସେଣ୍ଟର, ସେଣ୍ଟର ଅଫ ଏକ୍ସଲେନ୍ସ ଓ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ପରିଦର୍ଶନ କରିଥିଲେ।



## ଆସାମରେ ଅଗ୍ନିକାଣ୍ଡ

ଆସାମ କର୍ବି ଆଙ୍ଗଲୋଙ୍ଗ ଜିଲାର ଲାହୋରିଜାନ ଅଞ୍ଚଳରେ ବୁଧବାର ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏକାଧିକ ସିଲିଣ୍ଡର ଫାଟିବା ଫଳରେ ସ୍ଥାନୀୟ ଅଞ୍ଚଳରେ ନିଆଁ ଲାଗିଥିବା ପ୍ରଶାସନ କହିଛି। ଗୋଟିଏ ମୋଟରସାଇକେଲ, କାର୍ ଓ ଶତାଧିକ ଘର ଜଳିଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

# ମହାକାଶରେ ହେବ ସୋଲାର ଫାର୍ମ


## ଘରକୁ ବିଦ୍ୟୁତ୍ ଆଣିବ ୟୁରୋପୀୟ ମହାକାଶ ସଂସ୍ଥା

ପ୍ୟାରିସ୍,୨୩।୧୧

ବୈଦ୍ୟୁତିକ ଶକ୍ତି ଉତ୍ପାଦନର ପ୍ରମୁଖ ସମ୍ବଳ ହେଉଛି କୋଇଲା। ଜଳବାୟୁ ପରିବର୍ତ୍ତନ କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଏବେ କୋଇଲା ସଙ୍କଟ ମୁଣ୍ଡ ଟେକିଛି। ଏଥିଯୋଗୁ ଭବିଷ୍ୟତରେ ବିଦ୍ୟୁତ୍ ଶକ୍ତିର ଘୋର ଅଭାବ ବିଶ୍ୱବାସୀଙ୍କ ପାଇଁ ବିପଦ ସାଜିପାରେ। ଏ ପ୍ରକାର ଅସୁବିଧାକୁ ଦୂର କରିବା ସକାଶେ ୟୁରୋପୀୟ ବୈଜ୍ଞାନିକମାନେ ମହାକାଶରେ ସୋଲାର ଫାର୍ମ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରାକୃତିକ ଉତ୍ସ ସୂର୍ଯ୍ୟାଲୋକ ବ୍ୟବହାର ଦ୍ୱାରା ଅଧିକମାତ୍ରାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିବ। ସେହି ବିଦ୍ୟୁତ୍ ଶକ୍ତି ପୃଥିବୀବାସୀଙ୍କୁ ଆଲୋକିତ କରିବ ବୋଲି ୟୁରୋପୀୟ ମହାକାଶ ସଂସ୍ଥା (ଇଏସ୍ଏ) ଆଶା ବାନ୍ଧିଛି। ଏହି ଲକ୍ଷ୍ୟ ହାସଲ ପାଇଁ ସ୍ପେସ୍‌ରେ ସୋଲାର ଫାର୍ମ ସ୍ଥାପନ ଯୋଜନା ଚାଲିଛି।

ପୃଥିବୀରେ ପଡୁଥିବା ସୂର୍ଯ୍ୟାଲୋକର ୧୦ ଗୁଣା ଆଲୋକ ମହାକାଶରେ ପଡ଼ିଥାଏ। ସୂର୍ଯ୍ୟଙ୍କ ଆଲୋକରୁ ପ୍ରଚୁର ପରିମାଣର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ସମ୍ଭବ। ଏ ନେଇ ଇଏସ୍ଏ ବୈଜ୍ଞାନିକଙ୍କ ଦ୍ୱାରା ଏକ ଅଧ୍ୟୟନ ଆରମ୍ଭ କରାଯିବ। ନିଷ୍କର୍ଷରେ ପହଞ୍ଚିବାକୁ ପାଖାପାଖି ୩ ବର୍ଷ ସମୟ ଲାଗିପାରେ। ଏହି ସୌର ପ୍ରକଳ୍ପ ଦ୍ୱାରା ଜାଏଣ୍ଟ ଅର୍ବିଟ୍ ସାଟେଲାଇଟ୍‌ଗୁଡ଼ିକ ସୂର୍ଯ୍ୟାଲୋକ ସଂଗ୍ରହ କରି ଏହାକୁ ଲୋ ପାୱାର୍ ଡେନ୍‌ସିଟି ମାଇକ୍ରୋୱେଭ୍‌ରେ ରୂପାନ୍ତରିତ କରିବ। ସୁରକ୍ଷିତ ଭାବେ ବିମ୍ ଆକାରରେ ଏହି ମାଇକ୍ରୋୱେଭ୍ ପୃଥିବୀର ରିସିଭର୍ ଷ୍ଟେଶନ୍‌ରେ ପହଞ୍ଚିବ, ଯେଉଁଠାରୁ ବିଦ୍ୟୁତ୍ ଉତ୍ପାଦନ କରାଯିବ। ମାଇକ୍ରୋୱେଭ୍ ଜରିଆରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷ ସାଙ୍ଗକୁ ବିମାନ ଚଳାଚଳ ଯେପରି ପ୍ରଭାବିତ ନ ହେବ ସେ ଦିଗକୁ ଦୃଷ୍ଟିରେ ରଖାଯିବ।


ପାୱାର ଜେନେରେଟିଂ ସୋଲାର ପାର୍କର ଓଜନ ୧ ଟନ୍‌ରୁ ଅଧିକ ହୋଇପାରେ। ପୃଥିବୀପୃଷ୍ଠରେ ୬ ନିୟୁତ ସୋଲାର ପ୍ୟାନେଲ୍‌ରୁ ୨ ଗିଗାୱାଟ୍ ବିଦ୍ୟୁତ୍ ଶକ୍ତି ମିଳୁଥିବାବେଳେ ଗୋଟିଏ ବୃହତ୍ ଉପଗ୍ରହ ସମାନ ପରିମାଣର



ବିଦ୍ୟୁତ୍ ଉତ୍ପାଦନ ପାଇଁ ସକ୍ଷମ। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଯେଉଁ ଶକ୍ତି ସଙ୍କଟ ଦେଖାଯିବା ଆଶଙ୍କା ରହିଛି, ତାହାକୁ ସୋଲାର ପାର୍କ ଦ୍ୱାରା ହିଁ ଦୂର କରାଯାଇ ପାରିବ ବୋଲି ପ୍ରୋଜେକ୍ଟ ମୁଖ୍ୟ ସଞ୍ଜୟ ବିଜେନ୍ଦ୍ରନ କହିଛନ୍ତି। ତେବେ ଏଥିଲାଗି ବହୁ ପରିମାଣର ଅର୍ଥ ସାଙ୍ଗକୁ ସରକାରୀ ସହାୟତା ଲୋଡ଼ା। ଇଏସ୍ଏ ବ୍ୟତୀତ ଆମେରିକା, ଜାପାନ ମଧ୍ୟ ସ୍ପେସ୍‌ରେ ସୋଲାର ଫାର୍ମ ପ୍ରତିଷ୍ଠା ଲକ୍ଷ୍ୟରେ ଦିଗରେ ଉଦ୍ୟମ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଖଣ୍ଡ ଖଣ୍ଡ କରିବାକୁ ଧମକ ଦେଉଥିଲେ ଆଫତାବ



### ଗୁମର ଫିଟାଉଛି ଶ୍ରଦ୍ଧାଙ୍କ ଚିଠି

**ମୁମ୍ବାଇ, ୨୩।୧୧:** ଦିନ ବିତିବା ସହ ଦିଲ୍ଲୀର ଶ୍ରଦ୍ଧା ୱାଲକର ହତ୍ୟାକାଣ୍ଡର ଗୁମର ଧୀର ଧୀରେ ଫିଟିବାରେ ଲାଗିଛି। ଦିଲ୍ଲୀ ପୋଲିସ ପକ୍ଷରୁ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ଯାଞ୍ଚ କାର୍ଯ୍ୟ ଚାଲିଛି। ଦୁଇବର୍ଷ ପୂର୍ବେ ୨୦୨୦ ନଭେମ୍ବର ୨୩ରେ ଆଫତାବ ପୁନାୱାଲାଙ୍କ ବିରୋଧରେ ଶ୍ରଦ୍ଧା ମୁମ୍ବାଇ ପାଲଘର ତୁଲିଞ୍ଜ ପୋଲିସ ଷ୍ଟେଶନ୍‌ରେ ଅଭିଯୋଗ କରିଥିଲେ। ଶ୍ରଦ୍ଧାଙ୍କୁ ମାରି ଆଫତାବ ତାଙ୍କ ମୃତଦେହକୁ ଖଣ୍ଡ-ଖଣ୍ଡ କରି ଫୋପାଡ଼ି ଦେବାର ଧମକ ହେଉଥିବା ଅଭିଯୋଗ ପତ୍ରରେ ସେ ଉଲ୍ଲେଖ କରିଥିଲେ। ଆଫତାବ ପ୍ରତିଦିନ ଶ୍ରଦ୍ଧାଙ୍କୁ ମାଡ଼ ମାରୁଥିବାବେଳେ ଥାନାରେ ଅଭିଯୋଗ ପାଇଁ ଶ୍ରଦ୍ଧାଙ୍କ ସାହସ ହୋଇ ନ ଥିବା ସେ ନିଜ ଅଭିଯୋଗ ପତ୍ରରେ ଲେଖିଥିଲେ। ଆଫତାବଙ୍କ ପରିବାର ଏ ବିଷୟରେ ଅବଗତ ଥିଲେ। ଅସୁସ୍ଥତା କାରଣରୁ ବୁଧବାର ଆଫତାବଙ୍କ ପଲିଗ୍ରାଫ୍ ଟେଷ୍ଟ ହୋଇପାରି ନାହିଁ। ରିମାଣ୍ଡ ଅବଧି ସରିଆସୁଥିବାବେଳେ ଗୁରୁବାର ପଲିଗ୍ରାଫ୍ ଟେଷ୍ଟ କରାଯିବ ବୋଲି ଦିଲ୍ଲୀ ପୋଲିସ କହିଛି।

### ଯୁବକଙ୍କୁ ଅପହରଣ ପରେ ବଳାତ୍କାର

**ଚଣ୍ଡିଗଡ଼, ୨୩।୧୧:** ପଞ୍ଜାବ ଜଳନ୍ଧରରେ ଜଣେ ଯୁବକଙ୍କୁ ଅପହରଣ ପରେ ୪ ଜଣ ଯୁବତୀ ବଳାତ୍କାର କରିଥିବା ଘଟଣା ସାମ୍ନାକୁ ଆସିଛି। ପୀଡ଼ିତ ଜଣକ ସ୍ଥାନୀୟ ଚମଡ଼ା କାରଖାନାରେ ଶ୍ରମିକ ଭାବେ କାମ କରନ୍ତି। ସୋମବାର ଘରକୁ ଫେରିବା ସମୟରେ କପୁରଥାଲାଠାରେ ଏକ ଧଳାକାର ତାଙ୍କୁ ଅଟକାଇଥିଲା। ସେଥିରେ ୪ ଜଣ ଯୁବତୀ ବସିଥିବା ପୀଡ଼ିତ କହିଛନ୍ତି। ଯୁବତୀମାନେ ଠିକଣା ପଚାରିବା ଆଳରେ ତାଙ୍କ ଆଖିରେ କିଛି ସ୍ପ୍ରେ ମାରି ତାଙ୍କୁ ଗାଡ଼ିରେ ବସେଇ ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ଜବରଦସ୍ତି ମଦ ପିଆଇଥିଲେ। ଏହାପରେ ୪ ଜଣ ଯୁବତୀ ତାଙ୍କୁ ବଳାତ୍କାର କରିଥିବା ସ୍ଥାନୀୟ ପୋଲିସ ଷ୍ଟେଶନରେ ପୀଡ଼ିତ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ଯୁବକଙ୍କ ଆଖିରେ ପଟି ଓ ହାତ ବାନ୍ଧି ଏକ ନିଛାଟିଆ ଜାଗାରେ ତାଙ୍କୁ ଛାଡ଼ି ଦେଇ ଚାଲିଯାଇଥିଲେ। ଯୁବତୀମାନେ ସଂଭ୍ରାନ୍ତ ପରିବାର ହୋଇଥିବାବେଳେ ସେମାନେ ଇଂଲିଶରେ କଥା ହେଉଥିବା ଯୁବକ ଜଣକ କହିଛନ୍ତି। ଅଭିଯୋଗ ପରେ ସ୍ଥାନୀୟ ପୋଲିସର ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଚଳାଇଛି।

# ରୁଷିଆ ଆତଙ୍କବାଦର ପୃଷ୍ଠପୋଷକ



## ୟୁରୋପୀୟ ପାର୍ଲାମେଣ୍ଟର ଘୋଷଣାକୁ ଜେଲେନ୍‌ସ୍କିଙ୍କ ସ୍ୱାଗତ

କିଭ୍,୨୩।୧୧

ୟୁରୋପୀୟ ପାର୍ଲାମେଣ୍ଟ ବୁଧବାର ରୁଷିଆକୁ 'ଆତଙ୍କବାଦର ପୃଷ୍ଠପୋଷକ ରାଷ୍ଟ୍ର' ଘୋଷଣା କରିଛି। ୟୁକ୍ରେନ୍‌ରେ ମସ୍କୋ ଲଗାତର ବର୍ବର ଆକ୍ରମଣ କରିବା ସହ ମାନବ ଅଧିକାର ଓ ଅନ୍ତର୍ଜାତୀୟ ମାନବାଧିକାର ଆଇନଗୁଡ଼ିକର ଉଲ୍ଲଂଘନ କରୁଛି ବୋଲି ପାର୍ଲାମେଣ୍ଟ ଦର୍ଶାଇଛି। ୫୯୬ ସଦସ୍ୟ ବିଶିଷ୍ଟ ୟୁରୋପୀୟ ପାର୍ଲାମେଣ୍ଟରେ ଏହି ପ୍ରସ୍ତାବ ସପକ୍ଷରେ ୪୯୪ ଆଇନପ୍ରଣେତା ଭୋଟ ଦେଇଥିବାବେଳେ ୫୮ ଏହା ବିରୋଧରେ ମତ ଦେଇଥିଲେ। ୪୪ ସଦସ୍ୟ ମତଦାନରୁ ବିରତ ରହିଥିଲେ।

ସଂକଳ୍ପନାମାରେ ଉଲ୍ଲେଖ କରାଯାଇଛି ଯେ, ରୁଷୀୟ ସଂଘ ପକ୍ଷରୁ ୟୁକ୍ରେନୀୟ ନାଗରିକମାନଙ୍କ ଉପରେ ଲଗାତର ଆକ୍ରମଣ କରାଯାଉଛି। ସାଧାରଣ ଲୋକଙ୍କ ଧନଜୀବନକୁ ଟାର୍ଗେଟ କରାଯାଉଛି। ମାନବାଧିକାର ସମ୍ପର୍କିତ ଅନ୍ତର୍ଜାତୀୟ ଆଇନର ଏଭଳି ଉଲ୍ଲଂଘନ ଆତଙ୍କବାଦୀ କାର୍ଯ୍ୟ ସହ ସମାନ। ତେବେ ଏହି ସଂକଳ୍ପନାମା ସପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା କ୍ଷମତା ୟୁରୋପୀୟ ପାର୍ଲାମେଣ୍ଟର ନ ଥିବାରୁ ଏହାକୁ ପ୍ରତୀକାତ୍ମକ ପଦକ୍ଷେପ ବୋଲି କୁହାଯାଉଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡିମିର ଜେଲେନ୍‌ସ୍କି ୟୁରୋପୀୟ ପାର୍ଲାମେଣ୍ଟର ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ଟୁଇଟରରେ ଜେଲେନ୍‌ସ୍କି କହିଛନ୍ତି, ୟୁକ୍ରେନ୍ ସମେତ ସାରା ବିଶ୍ୱରେ ଆତଙ୍କବାଦ ବିସ୍ତାରର ନୀତି ଯାଗୁ ରୁଷିଆକୁ ସବୁ ସ୍ତରରେ ଏକଘରକିଆ କରି ଉତ୍ତରଦାୟୀ କରାଯିବା ଜରୁରୀ। ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଅନୁରୂପ ସଂକଳ୍ପନାମା ନିଜ ନିଜ ପାର୍ଲାମେଣ୍ଟରେ ଗୃହୀତ କରିବା ଉଚିତ। ପ୍ରକାଶ ଯେ, ୟୁରୋପୀୟ ସଂଘ (ଇୟୁ), ଆମେରିକା ଓ ବ୍ରିଟେନ ରୁଷିଆ ଉପରେ କଠୋର କଟକଣା ଜାରି କରିସାରିଛନ୍ତି। ଆମେରିକା କଂଗ୍ରେସର ଉଭୟ ଗୃହ ରୁଷିଆକୁ ଆତଙ୍କବାଦୀ ରାଷ୍ଟ୍ର ତାଲିକାରେ ରଖିବା ପାଇଁ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଅନୁରୋଧ କରିଥିଲେ ହେଁ ସେ ମନା କରିଦେଇଛନ୍ତି। ଆମେରିକା ମତରେ ବର୍ତ୍ତମାନ କ୍ୟୁବା, ଉତ୍ତର କୋରିଆ, ଇରାନ ଓ ସିରିଆ ହେଉଛନ୍ତି ଆତଙ୍କବାଦକୁ ପ୍ରୋତ୍ସାହନକାରୀ ରାଷ୍ଟ୍ର। ଇୟୁର ୪ ସଦସ୍ୟ ଲିଥୁଆନିଆ, ଲାଟ୍‌ଭିଆ, ଏଷ୍ଟୋନିଆ ଏବଂ ପୋଲାଣ୍ଡ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ରାଷ୍ଟ୍ର ଘୋଷଣା କରିଥିବା ୟୁରୋପିଆନ୍ ପାର୍ଲାମେଣ୍ଟାରି ରିସର୍ଚ୍ଚ ସର୍ଭିସ୍ ସୂତ୍ରରୁ ଜଣାପଡ଼ିଛି।

## ୟୁକ୍ରେନୀୟଙ୍କ ଦୁର୍ଦ୍ଦଶା ଷ୍ଟାଲିନ୍‌ଙ୍କ ଗଣହତ୍ୟା ସଦୃଶ: ପୋପ୍

ଭାଟିକାନ୍ ସିଟି,୨୩।୧୧



କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ବୁଧବାର ୟୁକ୍ରେନବାସୀଙ୍କ ଦୁର୍ଦ୍ଦଶାକୁ ଷ୍ଟାଲିନ୍‌ଙ୍କ ୯୦ ବର୍ଷ ତଳର ବର୍ବରତା ସହ ତୁଳନା କରିଛନ୍ତି। ସୋଭିଏତ୍ ସଂଘର ପୂର୍ବତନ ପ୍ରଧାନମନ୍ତ୍ରୀ ଜୋଶେଫ୍ ଷ୍ଟାଲିନ୍ ୧୯୩୦ ଦଶକରେ ଏକ କୃତ୍ରିମ ମରୁଡ଼ି ସୃଷ୍ଟି କରିଥିଲେ। ଏଥିଯୋଗୁ ଅନାହାରରେ ୩ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ରୁଷିଆ ଗଣହତ୍ୟାର ଶିକାର ହୋଇ ୟୁକ୍ରେନରେ ପ୍ରାଣ ହରାଇଥିବା ଶିଶୁ, ମହିଳା, ବୟସ୍କ ଏବଂ ଶହୀଦ ହେବାକୁ ଯାଉଥିବା ଅନ୍ୟ ନାଗରିକଙ୍କ ପାଇଁ ପ୍ରାର୍ଥନା କରିବାକୁ ସେ ନିଜ ଅନୁଗାମୀଙ୍କୁ ପରାମର୍ଶ ଦେଇଛନ୍ତି।

## କିଏ ହେବେ ବାଜୱାଙ୍କ ଉତ୍ତରାଧିକାରୀ



### ପାକିସ୍ତାନ ସେନାମୁଖ୍ୟ ନିଯୁକ୍ତି ଖୁବ୍‌ଶୀଘ୍ର

ଇସ୍‌ଲାମାବାଦ,୨୩।୧୧

ଆଣବିକ ଅସ୍ତ୍ରସମ୍ପନ୍ନ ପାକିସ୍ତାନୀ ସେନା ଖୁବ୍‌ଶୀଘ୍ର ନୂଆ କମାଣ୍ଡର ପାଇବ। ସ୍ଥଳସେନା ମୁଖ୍ୟ ଜେନେରାଲ ଜାଭେଦ ବାଜ୍‌ୱାଙ୍କ ୬ ବର୍ଷର କାର୍ଯ୍ୟକାଳ ଆସନ୍ତା ୨୯ରେ ଶେଷ ହେବ। ସେ ଅବସର ନେବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ନୂଆ ସେନା ମୁଖ୍ୟଙ୍କୁ ନିଯୁକ୍ତ କରିବେ। ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୬ ଜଣଙ୍କ ନାମ ସୁପାରିସ କରାଯାଇଛି। ତେଣୁ ଦେଶର ସବୁଠୁ ଶକ୍ତିଶାଳୀ ପଦରେ କାହାକୁ ନିଯୁକ୍ତି ମିଳୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ୧୯୪୭ରେ ପାକିସ୍ତାନ ସ୍ୱାଧୀନ ହେବା ପରଠାରୁ ଦେଶରେ ସେନାକୁ ସବୁଠୁ ଶକ୍ତିଶାଳୀ ବିବେଚନା କରାଯାଇଆସୁଛି। ୭୫ ବର୍ଷ ମଧ୍ୟରେ ସେନା ୩ ଦଶନ୍ଧି ଧରି ସାମରିକ ଶାସନ ଜାରି କରିଛି। ୨୦୧୬ ନଭେମ୍ବରରେ ବାଜ୍‌ୱା ୬ ଲକ୍ଷ ସୈନ୍ୟ ବିଶିଷ୍ଟ ପାକିସ୍ତାନୀ ସେନାର ଦାୟିତ୍ୱ ନେଇଥିଲେ। ବାଜ୍‌ୱାଙ୍କ ୩ ବର୍ଷିଆ କାର୍ଯ୍ୟକାଳ ୨୦୧୯ରେ ଶେଷ ହେବା ପରେ ତତ୍କାଳୀନ ଇମ୍ରାନ୍ ଖାନ୍ ସରକାର ତାଙ୍କ ଅବଧି ଆଉ ୩ ବର୍ଷ ବଢ଼ାଇଥିଲେ। ପ୍ରଧାନମନ୍ତ୍ରୀ ଶରିଫ ଉପଯୁକ୍ତ ସମୟରେ ନୂଆ ସେନାମୁଖ୍ୟଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଟୁଇଟ୍ କରିଛନ୍ତି। ସେନା ମୁଖ୍ୟ ଦୌଡ଼ରେ ଥିବା ଅଧିକାରୀମାନେ ହେଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆସିମ୍ ମୁନିର, ସାହିର ଶମ୍‌ଶଦ ମିର୍ଜା, ଅଜହର ଅବ୍ବାସ, ନଉମାନ ମେହମୁଦ, ଫୈଜ୍ ମହିଦ ଏବଂ ମହମ୍ମଦ ଆମିର।

## ୱାଲ୍‌ମାର୍ଟରେ ଗୁଳି: ୬ ମୃତ

### ଆତ୍ମହତ୍ୟା କଲେ ହତ୍ୟାକାରୀ

**ୱାଶିଂଟନ୍, ୨୩।୧୧:** ଆମେରିକା। ଭର୍ଜିନିଆସ୍ଥିତ ୱାଲ୍‌ମାର୍ଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଭୟାବହ ଗୁଳିକାଣ୍ଡରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ମାର୍ଟରେ ଏହା ଦ୍ୱିତୀୟ ଗଣହତ୍ୟା ବୋଲି ସ୍ଥାନୀୟ ପୋଲିସ ଅଧିକାରୀ ଲେଓ କୋସିନସ୍କି କହିଛନ୍ତି। ଗୁଳିକାଣ୍ଡ ଘଟାଇଥିବା ବ୍ୟକ୍ତି ଜଣକ ୱାଲମାର୍ଟର କର୍ମଚାରୀ ବୋଲି ଜଣାପଡ଼ିଛି। ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିବାବେଳକୁ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜକୁ ଗୁଳି କରିଛନ୍ତି। ଚେସାପିକର ୱାଲ୍‌ମାର୍ଟ ଷ୍ଟୋର ଏବେ ବିପଦମୁକ୍ତ ଥିବା ପୋଲିସ ବିଭାଗ ଉଚ୍ଚାଧିକାରୀ ମାର୍କ ସୋଲେସ୍କି ସୂଚନା ଦେଇଛନ୍ତି। ଘଟଣାରେ ଆହତ ବ୍ୟକ୍ତିଙ୍କୁ ନୋରଫୋକ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଆମେରିକାରେ ରୀତିମତ ଏଭଳି ଘଟଣା ସାମ୍ନାକୁ ଆସିବାରେ ଲାଗିଛି। କିଛିଦିନ ପୂର୍ବରୁ କଲରାଡୋର ଏକ ନାଇଟ୍ କ୍ଲବ୍‌ରେ ଜଣେ ବ୍ୟକ୍ତିଙ୍କ ଆଖିବୁଜା ଗୁଳିଚାଳନା ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାପୂର୍ବରୁ ଟେକ୍ସାସ୍‌ର ଏକ ସ୍କୁଲରେ ଭୟାବହ ଗୁଳିକାଣ୍ଡରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଟିଭିରେ ଜେଲ ଭିଡିଓ ବନ୍ଦ ହେଉ: ସତ୍ୟେନ୍ଦ୍ର

ନୂଆଦିଲ୍ଲୀ, ୨୩।୧୧

ମନିଲଣ୍ଡରିଂ ମାମଲାରେ ତିହାର ଜେଲରେ ଥିବା ଦିଲ୍ଲୀ ଜେଲମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଭିଡିଓକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଭାଜପା ସତ୍ୟେନ୍ଦ୍ରଙ୍କୁ ବହିଷ୍କାର ଦାବି କରିଛି। ଜେଲ ଭିଡିଓର ପ୍ରସାରଣ ଟିଭିରେ ରୋକିବା ପାଇଁ ସତ୍ୟେନ୍ଦ୍ର ଦିଲ୍ଲୀ କୋର୍ଟରେ ଆବେଦନ କରିଛନ୍ତି। ଗୁରୁବାର କୋର୍ଟରେ ଶୁଣାଣି କରାଯିବା ପରେ ତିହାର ଜେଲ କର୍ତ୍ତୃପକ୍ଷ ଏ ନେଇ ଉତ୍ତର ରଖିବେ ବୋଲି କୁହାଯାଉଛି। ମସାଜ ଭିଡିଓ ପରେ ସତ୍ୟେନ୍ଦ୍ରଙ୍କ ଆଉଏକ ଭିଡିଓ ଭାଇରାଲ ହେଉଛି।

## ପରିବାରର ୪ ଜଣଙ୍କୁ ହତ୍ୟା କଲେ ଯୁବକ

### ଦିଲ୍ଲୀରେ ଚାଞ୍ଚଲ୍ୟ

ନୂଆଦିଲ୍ଲୀ, ୨୩।୧୧

ରାଜଧାନୀ ଦିଲ୍ଲୀରୁ ଆଉ ଏକ ଚାଞ୍ଚଲ୍ୟକର ହତ୍ୟା ଘଟଣା ସାମ୍ନାକୁ ଆସିଛି। ୨୫ ବର୍ଷୀୟ କେଶବ ନିଜ ମା'ବାପା, ଭଉଣୀ ଓ ଜେଜେମା'ଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ଦିଲ୍ଲୀ ପଲାନସ୍ଥିତ କେଶବଙ୍କ ଘରୁ ମଙ୍ଗଳବାର ରାତିରେ ୪ ଜଣଙ୍କ ମୃତଦେହ ମିଳିବା ପରେ ଦକ୍ଷିଣ-ପୂର୍ବ ପୋଲିସ କେଶବଙ୍କୁ ଗିରଫ କରିଛି। ଧାରୁଆ ଛୁରିରେ ସେମାନଙ୍କ ଗଳାକାଟି ହତ୍ୟା କରାଯାଇଛି। ମା' ଦର୍ଶନା ଓ ବାପ ଦୀନେଶଙ୍କ ମୃତଦେହ ଗାଧୁଆ ଘରୁ ମିଳିଥିବାବେଳେ ଅନ୍ୟଏକ କୋଠରିରୁ ଜେଜେମା' ଦ୍ୱିୱାନା ଦେବୀ ଓ ଭଉଣୀ ଉର୍ବଶୀଙ୍କ ମୃତଦେହ ପୋଲିସ ଜବତ କରିଛି। ଘରେ ଜୋର ଚିତ୍କାର ଶୁଣି ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ହତ୍ୟାକାଣ୍ଡ ଘଟାଇବାର କିଛିଦିନ ପୂର୍ବରୁ କେଶବ ରିହାବ ସେଣ୍ଟର (ନିଶା ନିବାରଣ ଓ କାଉନ୍‌ସେଲିଂ କେନ୍ଦ୍ର)ରୁ ଘରକୁ ଫେରିଥିଲେ। କେଶବ ମାତ୍ରାଧିକ ଡ୍ରଗ୍ସ ସେବନ କରୁଥିବା କଥା ଘରେ ଜାଣିବା ପରେ ତାଙ୍କୁ ରିହାବ ସେଣ୍ଟର ପଠାଇ ଦିଆଯାଇଥିଲା।

## ଫୁର୍‌ସତ୍

# ଭୂତ ସହରରେ ରହିଲେ ମିଳିବ ୨୫ ଲକ୍ଷ



ରୋମ୍

ଭୂତ ନାଁ ଶୁଣିଲେ ଲୋକଙ୍କ ମନରେ ଛନକା ପଶେ। ଭୂତ ଭୟରେ ଅନେକ ଲୋକ ଗାଁ ଘର ଛାଡ଼ି ଅନ୍ୟତ୍ର ବସବାସ କରିଥାନ୍ତି। କିନ୍ତୁ ଇଟାଲୀର ଏକ ଭୂତ ସହରରେ ରହିବା ପାଇଁ ଲୋକଙ୍କୁ ଆମନ୍ତ୍ରଣ କରାଯାଉଛି। ଯିଏ ସେଠାକୁ ଯାଇ ବସବାସ କରିବେ ତାଙ୍କୁ ୩୦ ହଜାର ୟୁରୋ (ପ୍ରାୟ ୨୫ ଲକ୍ଷ ଟଙ୍କା)ର ଅଫର୍ ଦିଆଯାଉଛି।

ଇଟାଲୀର ଦକ୍ଷିଣ-ପୂର୍ବରେ ଥିବା ପ୍ରେସିସ୍ ସହର ଏହାର ସୌନ୍ଦର୍ଯ୍ୟ ଓ ଚିତ୍ତାକର୍ଷକ ଶୋଭାରାଜି ପାଇଁ ପ୍ରସିଦ୍ଧ। ସେଠାରେ ୧୯୯୧ ମସିହା ପୂର୍ବରୁ ନିର୍ମିତ ଅନେକ ଘର ଏବେ ବି ଖାଲି ପଡ଼ିଛି। ଏହି ସହରରେ ରହିବା ପାଇଁ ଲୋକେ ମଙ୍ଗୁ ନାହାନ୍ତି। ତେଣୁ ସହରକୁ ଚଳଚଞ୍ଚଳ କରିବା ପାଇଁ ସ୍ଥାନୀୟ କାଉନ୍‌ସିଲର୍ ଆଲଫ୍ରେଡୋ ପଲେସ୍ ଏହି ଅଭିନବ ଉପାୟ ଆପଣାଇଛନ୍ତି। ଆଲଫ୍ରେଡୋ କହିଛନ୍ତି, ଏଠାକୁ ଯିଏ ଆସି ରହିବ ତାଙ୍କୁ ୩୦ ହଜାର ୟୁରୋ ମିଳିବ। ସେହି ଅର୍ଥ ଦୁଇଭାଗ ହେବ। ସମ୍ପୃକ୍ତ ଆଗ୍ରହୀ ବ୍ୟକ୍ତି କୋଠାକୁ ଆଂଶିକ ଭାବେ କିଣିବା ବାବଦରେ ୧୫ ହଜାର ୟୁରୋ ଖର୍ଚ୍ଚ କରିବେ। ଆଉ ୧୫ ହଜାର ୟୁରୋରେ କୋଠାକୁ ନୂଆ ଶୈଳୀରେ ସଜାଯିବ।

ସାଣ୍ଟା ମାରିଆ ଡି ଲେଉକା ଉପକୂଳରୁ ୧୫ ମିନିଟ ଯାତ୍ରା କଲେ ଏହି ସହର ପଡ଼େ। ୨୦୧୯ରେ ନିକଟସ୍ଥ ଏକ ସହର ସହିତ ପ୍ରେସିସ୍‌ର ମିଶ୍ରଣ ପରେ ଏହି ପ୍ରେସିସ୍-ଆକ୍ୱାରିକା ନାମରେ ପରିଚିତ। ମିଶ୍ରଣ ପରେ ଇଟାଲୀୟ ଆଇନ ଅନୁଯାୟୀ ପ୍ରିସେସ୍‌ରେ ଲୋକେ ରହିଲେ ବିସ୍ତୃତ ଭୂ-ଖଣ୍ଡକୁ ବିକାଶ ପାଇଁ ବାର୍ଷିକ ୧୦ ଲକ୍ଷ ୟୁରୋ ମିଳିବ। ୯ ହଜାର ଜନସଂଖ୍ୟା ବିଶିଷ୍ଟ ପ୍ରିସେସ୍‌ର ଅର୍ଦ୍ଧାଧିକ ଲୋକ ସହର ଛାଡ଼ି ଅନ୍ୟତ୍ର ରହୁଛନ୍ତି।

# ବଲିଉଡ୍‌ରେ ଡେବ୍ୟୁ କରିବେ ଅଲିଜେହ

ମୁମ୍ବାଇ



ଖୁବ୍ ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ଅଲିଜେହ ଅଗ୍ନିହୋତ୍ରୀ। ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଝିଆରୀ ଅଲିଜେହଙ୍କର ଡେବ୍ୟୁ ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଛି। ପ୍ରକାଶିତ ଖବର ଅନୁସାରେ ଫିଲ୍ମ ନିର୍ଦ୍ଦେଶକ ସୌମେନ୍ଦ୍ର ପାଢ଼ୀଙ୍କ ଫିଲ୍ମରେ ସେ ଅଭିନୟ କରିବେ। ସୌମେନ୍ଦ୍ରଙ୍କ ଫିଲ୍ମ 'ବୁଧିଆ ସିଂ: ବର୍ନ ଟୁ ରନ୍' ନ୍ୟାଶନାଲ ପୁରସ୍କାର ପାଇଛି। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ନାମକରା ଫିଲ୍ମ ନିର୍ଦ୍ଦେଶକ ହେଉଛନ୍ତି ସୌମେନ୍ଦ୍ର। ତେବେ ମାମୁ ସଲମାନ ଖାନ୍ ଫିଲ୍ମ କରିବାକୁ ଅନୁମତି ଦେବା ପରେ ଅଲିଜେହ ବଲିଉଡ୍ ଡେବ୍ୟୁ କରିବାକୁ ଯାଉଥିବା କୁହାଯାଉଛି। ଅଭିନୟ କରିବା ପୂର୍ବରୁ ଅଲିଜେହ ସରୋଜ ଖାନ୍‌ଙ୍କଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରିଛନ୍ତି। ସରୋଜ ଖାନ୍‌ଙ୍କ ବିୟୋଗରେ ଆଲିଜାହ ଏକ ହୃଦୟ ବିଦାରକ ପୋଷ୍ଟ କରିଥିଲେ। ତେବେ ଅଲିଜେହ ଅଭିନୟ କରୁଥିବା ଫିଲ୍ମର ନାଁ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

www.ohpcltd.com | /ohpc.odisha | /ohpc_odisha

# BUILDING A POWERFUL ODISHA



**OHPC,** a gold-rated state PSU of Odisha, has been enabling a future of sustainability by operating, maintaining and modernizing hydroelectric power and other non-conventional energy sources by supplying 25%-40% power demand of its people, single-handedly.

## OUR PROJECTS AT A GLANCE

TOTAL INSTALLED CAPACITY: **2099.80 MW**

**BURLA**-287.80 MW | **CHIPLIMA**-72 MW | **BALIMELA**-510 MW | **RENGALI**-250 MW

**UPPER KOLAB**-320 MW | **UPPER INDRAVATI**-600 MW

**MACHKUND**-60 MW (ODISHA SHARE)

OHPC

## ODISHA HYDRO POWER CORPORATION LTD.

Odisha State Police Housing & Welfare Corporation Building

Vanivihar Chowk, Janpath, Bhubaneswar – 751022, Tel: 0674-2542983, 2542802, 2542826, Fax: 0674-2542102

canonfire 22

## ଯୁବକ ନିଖୋଜ ଅଭିଯୋଗ

ଜି.ଉଦୟଗିରି, (ଡି.ଏନ.ଏ.)-ଜି.ଉଦୟଗିରି ଥାନା ଅନ୍ତର୍ଗତ ମାଲିକାପଡ଼ି ପଞ୍ଚାୟତ ଗୁନ୍ଦାବାଜୁ ଗ୍ରାମର ଲୁଲୁ ପ୍ରଧାନ ନିଖୋଜ ଥିବା ବୁଧବାର ଅଭିଯୋଗ ହୋଇଛି। ସେ ଶନିବାରରୁ ମଜୁରୀ କାମ କରିବା ପାଇଁ କିଛି ସାଙ୍ଗସାଥୀ ମାନଙ୍କ ସହ ମିଶି ଲାଇନପଡାକୁ ଯାଇଥିଲେ। କିନ୍ତୁ ଆଜିସୁଦ୍ଧା ୪ ଦିନ ହେବ ଘରକୁ ନଫେରିବା ଓ ତାଙ୍କ ଭାଇଙ୍କୁ କେଉଁ ଅଜଣା ସ୍ଥାନରେ ନିର୍ଯାତନା ଦିଆଯାଉଥିବା ଭିଡିଓ ଭାଇରଲ ହେବା ଶୁଣି ତାଙ୍କ ଭାଇ ବୁଲୁ ପ୍ରଧାନ ଜି.ଉଦୟଗିରି ଥାନାରେ ଭାଇଙ୍କ ନିଖୋଜ ସମ୍ପର୍କରେ ବୁଧବାର ଏତଲା ଦେଇଛନ୍ତି ବୋଲି କହିଛନ୍ତି। ଜି.ଉଦୟଗିରି ଆଇଆଇସି ଅଜୟ କୁମାର ସ୍ୱାଇଁଙ୍କୁ ପଚାରିବାରେ ବର୍ତ୍ତମାନ ସୁଦ୍ଧା ଏତଲା ସମ୍ପର୍କରେ ତାଙ୍କ ନିକଟରେ ଖବର ନାହିଁ ବୋଲି କହିଛନ୍ତି। ଏତଲା ପାଇବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବଢ଼ିଲା ତାପମାତ୍ରା ସର୍ବନିମ୍ନ ୧୫.୫ ଡିଗ୍ରୀ

ଦାରିଙ୍ଗବାଡି,୨୩।୧୧(ଡି.ଏନ.ଏ)-ଓଡିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ଶୀତ ଉଭାନ ହୋଇଯାଇଛି। ଗତ ଏକ ସପ୍ତାହକରେ ତାପମାତ୍ରା ୧୦ଡିଗ୍ରୀରୁ ୧୫.୫ଡିଗ୍ରୀରେ ପହଞ୍ଚିଛି। ଫଳରେ ଶୀତରୁ ଟିକେ ନିସ୍ତାର ମିଳିଛି। ଚଳିତ ଥର ଶୀତ ବିଳମ୍ବରେ ଆସିଥିବା ବେଳେ ମଝିରେ ମଝିରେ ପାଗ ମେଘୁଆ ରହୁଛି ତେଣୁ ତାପମାତ୍ରାରେ ବୃଦ୍ଧି ହେଉଥିବା କୁହାଯାଇଛି। ଶୀତ କମିଥିବାରୁ ପର୍ଯ୍ୟଟକମାନେ ଦାରିଙ୍ଗବାଡି ଆସିବାକୁ ଇଚ୍ଛା ପ୍ରକାଶ କରୁନଥିବା ଜଣାପଡିଛି। ବ୍ଲକ ପ୍ରଶାସନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ଗତ ବୁଧବାର ୧୬ ରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ରହିଥିବା ବେଳେ ସପ୍ତାହକ ପରେ ପୁଣି ତାପମାତ୍ରା ୫ଡିଗ୍ରୀକୁ ବୃଦ୍ଧି ପାଇଛି।

### ବ୍ଲକସ୍ତରୀୟ ସରଗିଫୁଲ

ଆର.ଉଦୟଗିରି,୨୩।୧୧(ଡି.ଏନ.ଏ.)-ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ପଞ୍ଚାୟତ କୁଷପଲି ସ୍ଥିତ କଳିଙ୍ଗ ବିଦ୍ୟାଳୟରେ ବ୍ଲକସ୍ତରୀୟ ସରିଗିଫୁଲ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଲକ୍ଷ୍ମିନାରାୟଣ ଶବର, ଜିଲା ଶିକ୍ଷାଧିକାରୀ ପ୍ରେମ ରଞ୍ଜନ ସତପଥି, ପିଏଆଇଟିଡିଏ ଫାଲଗୁନି ମାଝି, ଡିଡବ୍ଲୁଓ ସନ୍ତୋଷ କୁମାର ରଥ, ସ୍ଥାନୀୟ ସରପଞ୍ଚ କୁମୁଦିନି ଗମାଙ୍ଗ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା ଯୋଗ ଦେଇ ଉଦ୍‌ଘାଟନ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଲେଙ୍କା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମିୟ ପଟ୍ଟନାୟକ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଗ୍ରାମର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ କନିଷ୍ଠ ଏବଂ ବରିଷ୍ଠ ବିଭାଗ ୧୪ଟି ବିଭାଗରେ ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଝାଲରସିଂ ଗ୍ରାମରେ ପଲ୍ଲିସଭା

ନୂଆଗଡ,୨୩।୧୧-ନୂଆଗଡ ବ୍ଲକ ଅଧିନ ଖ.ଝାଲରସିଂ ପଞ୍ଚାୟତର ଝାଲରସିଂ ଗ୍ରାମଠାରେ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ସରିତା ମଣ୍ଡଳ, ନାଏବ ସରପଞ୍ଚ ମାନସ ପାଣି, ସମିତିସଭ୍ୟ ସୁନିତା ପାଣି, ପୂର୍ବତନ ସରପଞ୍ଚ ମିନସି ରଇତ, ପିଇଓ ପି. ବାଲକୃଷ୍ଣ ଏବଂ ଜିଆର୍‌ଏସ୍ ଶେଷଦେବ ରାଉଳ ଉପସ୍ଥିତ ଥିଲେ। ଏହି ସଭାରେ ପଞ୍ଚାୟତର ସମସ୍ତ ପିଆରଆଇ ମେମ୍ବର, ଗ୍ରାମ ସାଥୀ ଓ ଅନ୍ୟାନ୍ୟ ଭଦ୍ର ବ୍ୟକ୍ତି ଉପସ୍ଥିତ ରହି ୧୪ତମ ସିଏଫସି, ୫ତମ ଏସଏଫସି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଷୟରେ ଆଲୋଚନା କରି ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ କାର୍ଯ୍ୟ ଖସଡ଼ା କରାଗଲା।

# ଗଞ୍ଜାମର ୨,୩୨୮ ଅଙ୍ଗନୱାଡି କେନ୍ଦ୍ରରେ ତାଲା

■ଦାବି ପୂରଣ ପାଇଁ ରାଜଧାନୀରେ କର୍ମୀ
■ଜାରି ହେବ କାରଣ ଦର୍ଶାଅ ନୋଟିସ୍

**ଛତ୍ରପୁର,୨୩।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ୫,୧୬୧ଟି ଅଙ୍ଗନୱାଡି କେନ୍ଦ୍ର ରହଥିବା ବେଳେ ସେଥିମଧ୍ୟରୁ ୨,୩୨୮ ଟି କେନ୍ଦ୍ରରେ ଗତ ୩ ଦିନ ହେଲା ତାଲା ପଡିଛି । ଫଳରେ ଉକ୍ତ କେନ୍ଦ୍ରର ଶିଶୁମାନଙ୍କ ପାଠପଢା ବନ୍ଦ ଥିବା ବେଳେ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ବାରଣ ସତ୍ତ୍ୱେ ନିଜର ହକ ପାଇଁ ରାଜଧାନୀ ରାଜରାସ୍ତାରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଧାରଣାରେ ବସିଛନ୍ତି। ଏବେ ଜିଲାରେ ବଳକା ୨,୮୩୩ଟି ଅଙ୍ଗନୱାଡି କେନ୍ଦ୍ର ଖୋଲା ରହିଛି।

ଗତ ୨୧ ତାରିଖରୁ ଏକ ନିର୍ଦ୍ଦିଷ୍ଟ ରାଜ୍ୟ ସଂଘର ଡାକରାକ୍ରମେ ଗଞ୍ଜାମ ଜିଲାର ବହୁ କର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଯେଉଁ ସବୁ କେନ୍ଦ୍ରଗୁଡିକ ବନ୍ଦ ରହିଛି, ସମ୍ପୃକ୍ତ ଅଞ୍ଚଳର ସିଡିପିଓଙ୍କ ପକ୍ଷରୁ ସେଠାର ଅଙ୍ଗନୱାଡି କର୍ମୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଗତ ୧୯ ତାରିଖରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ସମସ୍ତ କର୍ମୀଙ୍କୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଗଲେ ମମତା ଦିବସ, ପ୍ରାକ ବିଦ୍ୟାଳୟ ପରିଚାଳନା, ଶିଶୁଙ୍କୁ ଖାଦ୍ୟ ପ୍ରଦାନ, ପୋଷଣ ଟ୍ରାକିଂ ତାଲିକା ଆଦି କାର୍ଯ୍ୟରେ ବାଧାସୃଷ୍ଟି ହେବ ବୋଲି ଚିଠିରେ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ଜିଲାରେ ୨୩୨୮ ଟି କେନ୍ଦ୍ରରେ ତାଲା ପଡିଥିବାରୁ ନାନା ସମସ୍ୟା ଉପୁଜୁଛି। ସେହିପରି ଛତ୍ରପୁରରେ ୨୩୯ ଟି କେନ୍ଦ୍ର ମଧ୍ୟରୁ ୪୭ ଟି କେନ୍ଦ୍ରରେ ତାଲା ପଡିଛି । କର୍ମୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସୂଚନା ମିଳିଛି।

# ଟିଟାନିୟମ୍ ପ୍ଲାଣ୍ଟରେ ମହିଳାଙ୍କୁ ନିଯୁକ୍ତି ନାହିଁ

## ଭାରତୀୟ ବିକାଶ ପରିଷଦର ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଛତ୍ରପୁର,୨୩।୧୧(ଡି.ଏନ.ଏ)**

ଛତ୍ରପୁର ଉପକଣ୍ଠରେ ଥିବା ସରାଫ୍ ଟିଟାନିୟମ ପ୍ଲାଣ୍ଟ ସମ୍ମୁଖରେ ବୁଧବାର ଭାରତୀୟ ବିକାଶ ପରିଷଦ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିନା ନୋଟିସ୍‌ରେ ୧୨ଜଣ ମହିଳାଙ୍କ ସମେତ ୧୬ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ନେଇ ତୀବ୍ର ନିନ୍ଦା କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏମାନଙ୍କୁ ପୁଣି ନିଯୁକ୍ତି ପାଇଁ ଦାବି କରାଯାଇଥିଲା। ଅନ୍ୟପକ୍ଷରେ ଉକ୍ତ ପ୍ଲାଣ୍ଟରେ ଜଣେ ମଧ୍ୟ ମହିଳା ଚାକିରି କରୁନାହାନ୍ତି। ଏଠାରେ ୪୦୦ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଥିବାବେଳେ ଜଣେ ମଧ୍ୟ ମହିଳା ସେଥିରେ ନ ଥିବା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏପରିକି ସ୍ଥାନୀୟ ମହିଳାଙ୍କୁ କମ୍ପାନୀ ପକ୍ଷରୁ ଆପ୍ରେଣ୍ଟିସ୍ ଟ୍ରେନିଂ ଦିଆଯାଇଥିଲା ବେଳେ ପରେ ଏମାନଙ୍କୁ ହତାଦର କରାଯାଇଥିବା ଅଭିଯୋଗ କରାଯାଇଥିଲା । ବହିଷ୍କୃତ ମାନଙ୍କୁ ପୁନଃନିଯୁକ୍ତି ନଦେଲେ ସରାଫ୍ ଟିଟାନିୟମ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଦିବାରାତ୍ର ଆମରଣ ଅନଶନ କରାଯିବ ବୋଲି ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ଓ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ପାତ୍ର, ଗୁରୁନାଥ ବେହେରା, ଭୀମ ବେହେରା, ଏମ୍.ଜାଙ୍ଗମେୟା, ରାଜେନ୍ଦ୍ର ଦଳବେହେରା, ଶରତ ଚନ୍ଦ୍ର ପଣ୍ଡା, ତୁଷାରକାନ୍ତ ବେହେରା, ସୁରଜ ବେହେରା, ରାଧାମାଧବ ବେହେରା, ଯଶୋଦା କର ପ୍ରମୁଖ ସାମିଲ ଥିଲେ । କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଭଞ୍ଜନଗର ଆର୍‌ଟିଓ ଅଫିସ ରାସ୍ତା ଅବରୋଧ

## ବ୍ୟକ୍ତିଗତ ଜାଗା ଦର୍ଶାଇ ମାଟି ପକାଇଲେ


ତହସିଲଦାର ଆନ୍ଦୋଳନକାରୀଙ୍କୁ ବୁଝାଉଛନ୍ତି ।

**ଭଞ୍ଜନଗର,୨୩।୧୧(ଡି.ଏନ୍.ଏ.)**

ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ରାସ୍ତାକୁ ନିଜ ଜମି ଦର୍ଶାଇ ଲାଲସିଂର କେତେଜଣ ବ୍ୟକ୍ତି ବୁଧବାର ମାଟି ପକାଇ ଅବରୋଧ କରିଥିଲେ। ଫଳରେ ଆର୍‌ଟିଓ ପକ୍ଷରୁ ହେବାକୁ ଥିବା ହେବାକୁ ଥିବା ଡ୍ରାଇଭିଂ ଟେଷ୍ଟ ବ୍ୟାଘାତ ହୋଇଥିଲା । ଏଥିସହ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଘୁମୁସର ଆବାସିକ ମହାବିଦ୍ୟାଳୟ, ଆଇଟିଆଇ ଆଦି ଅଞ୍ଚଳର ଲୋକଙ୍କ ଯାତାୟାରେ ବାଧା ସୃଷ୍ଟି ହୋଇଥିଲା। ତହସିଲଦାର ଅଚ୍ୟୁତାନନ୍ଦ ଜାନି ପହଞ୍ଚି ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଜମି ମପାଯିବ ବୋଲି କହିବାରୁ ଅବରୋଧ ହଟିଛି। ୨୦୦୯ରେ ଘୁମୁସର ଆବାସିକ ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଯେଉଁ ରାସ୍ତାକୁ ନେଇ ବିବାଦ ଦେଖାଦେଇଛି, ତାହାକୁ ପ୍ରଥମେ ଉକ୍ତ ମହାବିଦ୍ୟାଳୟ ବ୍ୟବହାର କରୁଥିଲା। ପରେ ପ୍ରଶାସନ ତାହାକୁ ସର୍ବସାଧାରଣ ରାସ୍ତା ଦର୍ଶାଇ କଲେଜ ପଛପଟେ ଥିବା ସରକାରୀ ଜମିରେ ଆର୍‌ଟିଓ, ଆଇଟିଆଇ, କେନ୍ଦ୍ରୀୟ ବିଦ୍ୟାଳୟ ସମେତ ଅନେକ ଅନୁଷ୍ଠାନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ୬ବର୍ଷ ପୂର୍ବେ ଆର୍‌ଟିଓ ଏବଂ ଆଇଟିଆଇ କାର୍ଯ୍ୟାଳୟ କାମ ଆରମ୍ଭ ହୋଇଥିଲା । ଗୁରୁତ୍ୱପୂର୍ଣ୍ଣ ଦୁଇଟି କାର୍ଯ୍ୟାଳୟ ଖୋଲୁଥିବା ଯୋଗୁ ବ୍ଲକ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉକ୍ତ ରାସ୍ତା କାମ ହୋଇଥିଲା। ପରେ ପୂର୍ତ୍ତ ବିଭାଗ ତାହାକୁ ପକ୍କା ରାସ୍ତା କରିଥିଲା। ଆର୍‌ଟିଓ କାର୍ଯ୍ୟାଳୟ ୧୭ମାସ ପୂର୍ବେ ଉଦ୍‌ଘାଟିତ ହୋଇଥିବା ବେଳେ ଆଉ କିଛିମାସ ପରେ ଆଇଟିଆଇ କାର୍ଯ୍ୟାଳୟ ଉଦ୍‌ଘାଟନ ହେବ । ସମ୍ପୃକ୍ତ ଅଞ୍ଚଳରେ ବହୁତ ସରକାରୀ ଜମି ଥିବାରୁ ଆଗାମୀ ଦିନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଖୋଲିବ। ଏଭଳି ସ୍ଥିତିରେ ଗତବର୍ଷ ଲାଲସିଂର କେତେକ ପରିବାର ଜାତୀୟ ରାଜପଥକୁ ଲାଗି ସେମାନଙ୍କ କିଛି ଜମିଥିବା ଦର୍ଶାଇ ଉକ୍ତ ରାସ୍ତାକୁ ଅବରୋଧ କରିଥିଲେ। ସେ ସମୟରେ ସ୍ଥାନୀୟ ପ୍ରଶାସନ ମାପଜୁପ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଇତିମଧ୍ୟରେ ଅନେକ ଦିନ ବିତିଥିଲେ ବି ସମସ୍ୟାର ସମାଧାନ ହେଲାନାହିଁ । ତେଣୁ ଉକ୍ତ ପରିବାର ଗୁଡ଼ିକ ପୁଣି ରାସ୍ତା ଅବରୋଧ କରିଥିଲେ ।

## ୨୭ରେ ଘୁମୁସର ଜିଲା ଆନ୍ଦୋଳନ ନେଇ ବୈଠକ

ଭଞ୍ଜନଗର,୨୩।୧୧(ଡି.ଏନ.ଏ)-ଘୁମୁସର ଜିଲା ଦାବିନେଇ ଆସନ୍ତା ୨୭ତାରିଖରେ ଭଞ୍ଜନଗର ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହେବ। ବାର୍‌ଆସୋସିଏଶନ ପକ୍ଷରୁ ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ଥିବା ବିଭିନ୍ନ ଅଧିକାରୀ ଏବଂ ଲୋକ ପ୍ରତିନିଧିମାନଙ୍କୁ ବୈଠକକୁ ଡକାଯାଇଛି। ଭଞ୍ଜନଗର, ବେଳଗୁଣ୍ଠା, ବୁଗୁଡ଼ା, ସୋରଡ଼ା ଏବଂ ଆସିକା ଏନ୍‌ଏସି ଅଧକ୍ଷ, ଉପଖଣ୍ଡର ସମସ୍ତ ୮ବ୍ଲକ ଅଧକ୍ଷଙ୍କ ସମେତ ଭଞ୍ଜନଗର, ଜଗନ୍ନାଥପ୍ରସାଦ, ବୁଗୁଡ଼ା, ସୋରଡ଼ା, ଆସିକା ଏବଂ ଶେରଗଡ଼ ବାର ଆସୋସିଏଶନ କର୍ମକର୍ତ୍ତା ମଧ୍ୟ ବୈଠକକୁ ଆସିବାକୁ କୁହାଯାଇଛି। ବୈଠକରେ ଆଗାମୀ ରଣନୀତି ଉପରେ ଆଲୋଚନା କରାଯିବ ବୋଲି ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ ସୂଚନା ଦେଇଛନ୍ତି ।

## ସୀମାଞ୍ଚଳ ବ୍ଲକ ବିଜେଡି ସଭାପତି

**ବେଗୁନିଆପଡ଼ା,୨୩।୧୧**

ବେଗୁନିଆପଡ଼ା ବ୍ଲକରେ ନୂତନ ଭାବେ ବିଜେଡିର ବ୍ଲକ ସଭାପତିଚୟନ କରାଯାଇଛି। ଜିଲା ସଭାପତିରମେଶ ଚ୍ୟାଉ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବ୍ଲକ ସଭାପତି ଭାବେ ସୀମାଞ୍ଚଳ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ମର୍ଦ୍ଦକୋଟ ସରପଞ୍ଚ ଭାବେ ସୀମାଞ୍ଚଳ ୨୦୧୨ରୁ ୨୦୧୭ ଯାଏ ଦାୟିତ୍ୱ ନିର୍ବାହ କରିଛନ୍ତି। ଏଥିସହିତ ଆତ୍ମାର ଅଧକ୍ଷ ଭାବେ ମଧ୍ୟ ତାଙ୍କୁ ଦାୟିତ୍ୱ ମିଳିଥିଲା। ପୂର୍ବରୁ ବିଜୟ କୁମାର ଦୋରା ବ୍ଲକ ସଭାପତି ଭାବେ ପ୍ରାୟ ୧୦ ବର୍ଷ ଧରି ରହି ଆସିଛନ୍ତି।

# ହାତୀମୃତ୍ୟୁ ମାମଲାରେ ଫରେଷ୍ଟ ଗାର୍ଡ ନିଲମ୍ବିତ

**ବୁଗୁଡ଼ା,୨୩।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବେଲପଡା ଗ୍ରାମ ନିକଟସ୍ଥ ଧାନ କିଆରିରେ ଗତ ୧୩ତାରିଖରେ ବିଦ୍ୟୁତ୍ ଫାଶରେ ଲାଗି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜଣେ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବନ କରାଯାଇଛି। ସେ ହେଲେ କୃଷ୍ଣ ଗୌଡ଼। କୃଷ୍ଣ ଜିଲିବା ସହ ବଣପଲ୍ଲୀ ବିଟର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। କାର୍ଯ୍ୟରେ ଅବହେଳା ଯୋଗୁ ହାତୀର ମୃତ୍ୟୁ ଘଟିଥିବାରୁ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଦିଲୀପ କୁମାର ରାଉତ ଫରେଷ୍ଟ ଗାର୍ଡ ଗୌଡ଼ଙ୍କୁ ନିଲମ୍ବନ କରିଛନ୍ତି। ଗତ ୧୩ତାରିଖରେ ହାତୀର ମୃତ୍ୟୁ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସ୍ଥାନୀୟ ବନ ବିଭାଗର ଉଦାସୀନତା ପଦାରେ ପଡିଯାଇଥିଲା। ପୂର୍ବରୁ ବାର୍‌ହା ଫାଶରେ ପଡିଥିବା ବାଘ ମୃତ୍ୟୁର ଅପବାଦ ବନ ବିଭାଗ ଉପରେ ରହିଥିବା ବେଳେ ଏବେ ହାତୀମୃତ୍ୟୁ ଅପବାଦରେ ପୁଣି ଛନ୍ଦି ହୋଇଥିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ବର୍ତ୍ତମାନ ଜଣେ ଗାର୍ଡଙ୍କୁ ନିଲମ୍ବନ କରି ଅଧିକାରୀମାନେ ନିଜ ମୁଣ୍ଡରୁ ଦୋଷ ଛଡାଇ ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିଦ୍ୟୁତ ଆଘାତରେ ହାତୀର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ତରବରିଆ ଭାବେ ବେଲପଡା ଗ୍ରାମର ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲେ ହେଁ ମୁଖ୍ୟ ଅଭିଯୁକ୍ତଙ୍କୁ ଏ ପର୍ଯ୍ୟନ୍ତ ଧରାଯାଇନାହିଁ। ପୂର୍ବରୁ ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜଙ୍ଗଲ ମାଂସ ବିକ୍ରି ଅଭିଯୋଗରେ ବନ ଅଧିକାରୀ ଧରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ବହୁ ବାର ଛାଡି ଦେଇଥିଲେ। ଏବେ ହାତୀ ମଲା ପରେ ଆସ୍ତେ ଆସ୍ତେ ସବୁ ଗୁମର ଖୋଲିବାରେ ଲାଗିଛି। ବନ ବିଭାଗ ଏବେ ଧରିଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣକ ନାମରେ ପୂର୍ବରୁ ବନ୍ୟ ଜନ୍ତୁ ଶିକାର କରିବା ମାମଲା ଚାଲୁ ରହିଛି। ନିକଟରେ ବିଦ୍ୟୁତ ଫାଶରେ ଲାଗି ଗତ ବର୍ଷ ନଭେମ୍ବର ୨୭ରେ କହ୍ନେଇପୁର ଗ୍ରାମର ଶ୍ରୀକାନ୍ତ ଗୌଡ଼ଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରକାଶ ଗୌଡ଼ ଗୁରୁତର ଆହତ ହୋଇଥିଲେ ଏବଂ ଗୌଡ଼ିଆ ବରୋଦା ପଞ୍ଚାୟତର ଗାନ୍ଧୀ ନଗର ଗ୍ରାମରେ ବିଦ୍ୟୁତ୍ ଫାଶରେ ଲାଗି ଗତ ବର୍ଷ ଡିସେମ୍ବର ୨୬ରେ ରଜନୀ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା।

## ଶ୍ରମିକ ନେତାଙ୍କ ପରଲୋକ

ଆସିକା,୨୩।୧୧(ଡି.ଏନ.ଏ.)

ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ନାହାକଙ୍କ (୫୫)ଙ୍କ ବୁଧବାର ପରଲୋକ ଘଟିଛି । ଅପରାହ୍ନରେ ମର ଶରୀର ଚିନିଶିଳ୍ପକୁ ଅଣାଯାଇ ପୁଷ୍ପମାଲ୍ୟ ଅର୍ପଣ ସହ କାରଖାନାର କାମ ବନ୍ଦ କରାଯାଇଥିଲା। ଚିନିଶିଳ୍ପ ସଭାପତି ରବିନ୍ଦ୍ର ପଣ୍ଡା, କର୍ମଚାରୀ ସଂଘର ଉପଦେଷ୍ଟା ବିଦେଶୀ ନାହାକଙ୍କ ସମେତ ଚିନିଶିଳ୍ପର ବହୁ ଡାଇରେକ୍ଟର, ଆସିକା ରଘୁନାଥ ନଗରସ୍ଥିତ ତାଙ୍କର ବାସଭବନରେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ।


**OFFICE OF THE EXECUTIVE ENGINEER**
**P.H.DIVISION,ANGUL**
Ph.(06764) 230431, Email:eephangul@yahoo.in
GOVERNMENT OF ODISHA
**e-Procurement Notice for PH Works**
Bid Identification No.EE PH Division,
No.C-1616: Angul-11/2022-23,Dt.18.11.2022

| | | | |
|---|---|---|---|
| 1. | Name of the Work | : | P.H. Works |
| 2. | Nos of Work | : | 1 (One) No. two bid system |
| 3. | Estimated Cost | : | Rs.557.38 lakhs |
| 4. | Period of Completion | : | 2 (Two) Calendar Months |
| 5. | Date & Time of availability of bid document | : | From 11.00 AM of 24.11.2022 to 5.00 PM of 08.12.2022 |
| 6. | Last date/time of receipt of bids in the portal | : | 5.00 PM of 08.12.2022 |
| 7. | Date & Time of opening of bid | : | 11.00 AM of 09.12.2022 |
| 8. | Name & Address of the Officer Inviting Bid | : | Executive Engineer P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- (Er.Bilash Kumar Behera)
Executive Engineer, P.H. Division, Angul
OIPR-13056/11/0006/2223



**OFFICE OF THE DIRECTOR**
**TEXT BOOK PRODUCTION & MARKETING**
Kharavel Nagar, Unit - III, Bhubaneswar - 751001
Tel. No.: 0674-2380871/72
email: directortbpmodisha@gmail.com

**TENDER NOTICE**

Bid Letter No. 7312/TBPM Date: 21.11.2022

**Description of Tender:**
**Open Tender for Preparation of Envelopes**

No. J-10: The quantities mentioned in the aforesaid tender schedules are approximate only and may increase or decrease on the basis of actual requirement. The tender paper can be obtained from the Office of the Director, Text Book Production & Marketing, Bhubaneswar on payment of non-refundable cash of Rs.10,000/- plus GST @ 18% i.e. Rs.11,800/- (Rupees eleven thousand eight hundred) only at the cash counter in cash - if purchased from cash section, TBPM and in case of downloaded from website: **DD/Banker's Cheque** drawn in any Nationalized/Scheduled Bank favouring Director, TBPM, payable at Bhubaneswar which will be annexed with the Technical Bid on any working day in between 10 A.M. to 5 P.M. as per the time schedule mentioned here under.

1. Date & time of availability of bid document:
   Starting date & time : 23.11.2022, 10 A.M.
   Closing date & time : 07.12.2022, 5 P.M.
   Date of Opening : 08.12.2022, 11.30 A.M.
2. Name & address of the O.I.T. : O/o. the Director, Text Book Production & Marketing, Bhubaneswar - 751001

While requesting for obtaining the Tender Schedule by post the desirous tenderer should keep in view the last date and time of submisison of tender as the undersigned will not be responsible for any postal delay as mentioned below. Tender submitted by any means beyond the stipulated date & time shall not be accpeted.
Instruction in detail to the tenderers shall be provided along with the tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the website: **www.odisha.gov.in** school and mass education.

Sd./- Director
Text Book Production Marketing
Bhubaneswar-1
OIPR-02005/11/0002/2223



**Bhubaneswar Municipal Corporation**
Telephone: 0674-2431253, Fax:0674-2431253
E-mail Id: info@bmc.gov.in., Web:bmc.gov.in
Ref.No.BMC/PS/XXXXXI-Planning Cell-29-2022/2022/145/L2
Letter No.54161/BMC, BBSR Dated 19.11.2022
File No.XXXXXI-Planning Cell-29/2022

**PUBLIC NOTICE**

**No.C-1625:**It is brought to the notice of all owners/ developers/builders of residential apartment, commercial buildings & other establishments that the space designated for parking in the basement/ Stilt/Ground Floor/ Open Area in the approved building plan has been either partially or fully converted to other uses such as commercial/ store/office etc. thereby leading to parking of vehicles on adjacent roads which creates traffic problem & public nuisance. This attracts action under Section 91 of ODA Act 1982 for violating the approved plan. If such conversions are not restored as parking as per the approved plan within one month of issue of this notice, actions under Section 92 (2) shall be initiated against such violators through sealing of the premises.

Sd./- Commissioner
Bhubaneswar Municipal Corporation
OIPR-13002/11/0162/2223



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
Email: sdaorissa@nic.in/eic-epcei@nic.in
Bureau of Energy Efficiency
Department of Energy

**INVITING LEADERS IN THE FIELD OF ENERGY CONSERVATION OF ODISHA**

**ODISHA STATE ENERGY CONSERVATION AWARDS - 2022**

No. AA-23: The Office of Engineer-in-Chief cum Principal Chief Electrical Inspector under The Department of Energy, Govt. of Odisha, as the State Designated Agency (SDA), Odisha invites applications from IT Industries, Commercial Buildings Hospitals, Educational Institutions, Hotels, MSMEs, Power Generation Companies (IPP & CPP) and Domestic prosumers (consumers with grid connected roof top solar power generation) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2022 based on their performance during Financial year 2021-2022. The last date of receipt of compelted applications is 7th December 2022.
For further details and to download the application forms, please vist the website: **eicelectricityodisha.nic.in**, Email: **sdaorissa@nic.in**.
The authority reserves the right to accept/reject any application without assigning any reason thereof.

Sd./- EIC(E)-cum-PCEI & SDA (O)
OIPR-04068/11/0008/2223



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
Email ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No. 252 for 2022-23.**
**Letter No.4073/ Date:22.11.22**

**No.O-1308:**1.Name of the work: Plan Road Work (CAPEX) for Year 2022-23 in the District of Mayurbhanj. 2. Total No. of work :-01 No. (One). 3. Estimated Cost :- Rs. 397.63 Lakhs (Approximately). 4. Eligible Class of Contractor : - As per annexure. 5. Period of Completion :- As per annexure. 6.Other details:-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.252 | Dt.25.11.2022 at 11.00 A.M. | Dt.09.12.2022 upto 5.00 P.M. | Dt. 08.12.2022 upto 5.00 P.M. | Dt.12.12.2022 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e_tender website only.

OIPR-25181/11/0050/2223 Sd./- Chief Construction Engineer, R.W.Circle, Baripada



**BHUBANESWAR DEVELOPMENT AUTHORITY**
AKASH SHOVA BUILDING, JAWAHARLAL NEHRU MARG, BHUBANESWAR-751001
Visit us at:http://bda.gov.in
Ref No.1088 Date:22.11.2022

**INVITATION FOR BIDS (IFB)**

No.CAD-2831: **BID IDENTIFICATION No.CH/BDA/04/22-23**

Chief Horticulturist, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single cover system for work Sl.No.1 & 2 and double cover system for work Sl.No.3 to be received in online mode only for the following work.

| Sl. No. | Name of Work | Approximate value of work ( Rs. in lakh) | Validity of Tender | Class of Contractor and other Registered/ Reputed Firms | Bid Security | Cost of document (in Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Mumtaj Ali Park (Horticulture Work) | 12.37 | 90 Days | "C" & "D" & Other Registered/Reputed Firm/ Nurseries/ Any Agency affiliated to Govt. having experience on Horticulture Development works | Bid Security declaration to be furnished as per Works Deptt. Order No.5984, Dt.27.04.21 | Rs.6000.00+ GST @ 18% Rs.1080.00 | 08.12.2022 upto 5.30 PM |
| 2 | Construction of BSNL Colony All in age park, Bhubaneswar (Horticulture Work) | 7.45 | 90 Days | "C" & "D" & Other Registered/Reputed Firm/ Nurseries/ Any Agency affiliated to Govt. having experience on Horticulture Development works | Bid Security declaration to be furnished as per Works Deptt. Order No.5984, Dt.27.04.21 | Rs.4000.00+ GST @ 18% Rs.1080.00 | 08.12.2022 upto 5.30 PM |
| 3 | Construction of 3 B (Birds, Bee & Buterfly) Park, Kharavela Nagar, Bhubaneswar | 27.58 | 90 Days | "C" & "B" & Other Registered/Reputed Firm/ Nurseries/ Any Agency having experience on Horticulture Development works | Bid Security declaration to be furnished as per Works Deptt. Order No.5984, Dt.27.04.21 | Rs.6000.00+ GST @ 18% Rs.1080.00 | 08.12.2022 upto 5.30 PM |

1. The Bid documents will be available in the website http://tendersodisha.gov.in. from 24.11.2022 to 5.30 P.M. of 08.12.2022. 2. All Corrigendum and Addendum will be published in the website only. 3. Other details can be seen in the bidding documents.

OIPR-13033/11/0372/2223 Sd./- Chief Horticulturist, BDA, Bhubaneswar

# ଥାନାରେ ସମାଧାନ ହେଲା ଶିକ୍ଷକ-ଖବରଦାତାଙ୍କ ମାମଲା

**ପାତ୍ରପୁର,୨୩।୧୧(ଡି.ଏନ.ଏ)**

ଗତ ୧୮ରେ ଶିକ୍ଷକ ଭବନଠାରେ ଫୋଟୋ ଉଠାଇବାକୁ କେନ୍ଦ୍ର କରି ଖବରଦାତା ସୁରେଶ ପଟ୍ଟନାୟକଙ୍କ ସହ ହୋଇଥିବା ଅପ୍ରୀତିକର ଘଟଣାକୁ କେନ୍ଦ୍ର କରି ଜରଡ଼ା ଥାନାରେ ଶିକ୍ଷକ ଓ ଖବରଦାତାଙ୍କ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ସୋମବାର ସନ୍ଧ୍ୟାରେ ଉଭୟପକ୍ଷ ଉପସ୍ଥିତରେ ତାହାର ସମାଧାନ ହୋଇଛି। ଶିକ୍ଷକ ସଦାନନ୍ଦ ଶବର ଖବରଦାତାଙ୍କୁ ଚିହ୍ନି ନପାରି ଏଭଳି ପରିସ୍ଥିତି ଘଟିଲା ବୋଲି ପ୍ରକାଶ କରିବା ସହ ଦୁଃଖ ପ୍ରକାଶ କରିଥିଲେ। ଥାନାଧିକାରୀ ସୁନିଲ ବେହେରାଙ୍କ ଉପସ୍ଥିତିରେ ଶିକ୍ଷକ ସଦାନନ୍ଦ ଶବର ଓ ସାମ୍ବାଦିକ ସୁରେଶ ପଟ୍ଟନାୟକ ଉଭୟ ଆପୋଷ ରାଜିନାମା ପତ୍ର ଲେଖିଥିଲେ। ଉପସ୍ଥିତ ଶିକ୍ଷକ ମଧ୍ୟରେ ଶିକ୍ଷକ ନେତା ବି.ରାମରାଓ, ଟୁଟୁ ପ୍ରଧାନ, ଅନନ୍ତ ନାୟକ, ରାଜୀବ ଲୋଚନ ପ୍ରଧାନ, ବିପିନ ସବର, ସୀମାଞ୍ଚଳ ପ୍ରଧାନ, ନାଗେଶ୍ୱର ରାଓ, ହରି ନାୟକ, ମନୋଜ ନାୟକ, ଗଣେଶ ଶବର ନିଶାମଣି ପ୍ରଧାନଙ୍କ ସମେତ ଶତାଧିକ ଶିକ୍ଷକ ଉପସ୍ଥିତ ରହି ଥିବା ବେଳେ ସୀମାନ୍ତ ସାମ୍ବାଦିକ ସଂଘ ସମ୍ପାଦକ ନୀଳାଚଳ ପଟ୍ଟନାୟକ, ଉପ ସଭାପତି ସନ୍ତୋଷ ମହାପାତ୍ର, ମାଧବ ବାଡତ୍ୟା, ବଦ୍ରିନାରାୟଣ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଅନିର୍ଦ୍ଦିଷ୍ଟ କାଳ ଧାରଣା

**ପରଳାଖେମୁଣ୍ଡି/ଆର୍.ଉଦୟଗିରି/ କାଶୀନଗର,୨୩।୧୧(ଡି.ଏନ୍.ଏ.)**



କାଶୀନଗରରେ ଅଙ୍ଗନୱାଡି କର୍ମୀମାନେ ଧାରଣା ଦେଇଛନ୍ତି।

ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱରଠାରେ ବିଶାଳ ସମାବେଶ ସହ ବିଧାନସଭା ଘେରାଉ କରାଯାଇଛି। ଏପଟେ ସମସ୍ତ ବ୍ଲକର ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଧାରଣା ଦିଆଯାଇଛି। ଗଜପତି ଜିଲା ଗୋଷାଣୀ ବ୍ଲକର ଅଙ୍ଗନୱାଡି କର୍ମୀମାନେ ୮ଦଫା ଦାବି ନେଇ ଆଇସିଡିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ସଂଘ ପକ୍ଷରୁ ଗତ ୧୮ତାରିଖରେ ସିଡିପିଓ ଗୌରୀ ନାୟକଙ୍କୁ ଦାବି ପୂରଣ ନିମନ୍ତେ ସତର୍କ କରାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିଲା। ବୁଧବାର ଠାରୁ ଅର୍ନିଦ୍ଦିଷ୍ଟ କାଳ ଧାରଣା ଦିଆଯିବ ବୋଲି ସଭାପତି ଶୁଭ ଦେବୀ ଓ ସମ୍ପାଦିକା ସଂଯୁକ୍ତା ପୋଲାଇ, ଜିଲା ସମ୍ପାଦିକା ପୁଷ୍ପାଞ୍ଜଳି ପଣ୍ଡା, କୋଷାଧକ୍ଷା ଅଜନ୍ତା ପ୍ରଧାନ ପ୍ରମୁଖ କହିଛନ୍ତି। ଆନ୍ଦୋଳନରେ ବ୍ଲକର ୧୯୪ ଅଙ୍ଗନୱାଡି, ୧୨୬ ମିନି ଅଙ୍ଗନୱାଡି ଓ ସହାୟିକା କର୍ମୀମାନେ ସାମିଲ ହୋଇଛନ୍ତି। ସେହିପରି ଆର.ଉଦୟଗିରି ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଆଇସିଡ଼ିଏସ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦେବା ସହ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳା କରିଥିବା ଅଭିଯୋଗ କରିଛନ୍ତି। ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଦରମା ବୃଦ୍ଧି, ମିନି ଅଙ୍ଗନୱାଡି ଉଚ୍ଛେଦ କରାଯାଇ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ଆଦି ଦାବି ନେଇ ଧାରଣା ଚାଲିଛି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବ୍ଲକ ଅଙ୍ଗନୱାଡି କର୍ମଚାରୀ ସଂଘର ସଭାନେତ୍ରୀ କେ. କୁନି ଦୋରା ଓ ସାଧାରଣ ସମ୍ପାଦିକା ଝୁନୁପମା ଶତପଥୀ କହିଛନ୍ତି। କାଶୀନଗର ବ୍ଲକର ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କର୍ମଚାରୀ ସଂଘ ତରଫରୁ ସ୍ଥାନୀୟ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘର ବ୍ଲକ ସଭାପତି ବିନିତା ସାହୁ, ସମ୍ପାଦିକା ପୁଣ୍ୟବତୀ ନଗବାନ୍ସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଧାରଣା ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲୁ ରହିବ ବୋଲି କହିଛନ୍ତି।

## ସ୍ୱାମୀଙ୍କୁ ଛୁରା ମାଡ଼

**ଗୋପାଳପୁର,୨୩।୧୧(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମରେ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଛୁରା ମାଡ ହୋଇଥିବା ଅଭିଯୋଗ ହୋଇଛି। ସୋରଳ ଗାଁର ଜୈନିକ ମହିଳାଙ୍କ ସହ ଉକ୍ତ ଗ୍ରାମର ଜଣେ ଯୁବକ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଏ ନେଇ ମହିଳାଙ୍କ ସ୍ୱାମୀ ଯୁବକକୁ ବାରମ୍ବାର ନିବୃତ ରହିବା ପାଇଁ ତାଗିଦ କରି ଆସୁଥିଲେ ମଧ୍ୟ ଯୁବକ ଜଣଙ୍କ ଗୁରୁତ୍ୱ ନଦେଇ ଫୋନ ଦ୍ୱାରା ଉକ୍ତ ମହିଳାଙ୍କ ସହ କଥାବାର୍ତ୍ତା ହେଉଥିଲେ। ମଙ୍ଗଳବାର ଗ୍ରାମର ଏକ ଦୋକାନ ନିକଟରେ ମହିଳାଙ୍କ ସ୍ୱାମୀ ଓ ଉକ୍ତ ଯୁବକ ମଧ୍ୟରେ ଘଟଣାକୁ କେନ୍ଦ୍ରକରି ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଯୁବକ ଜଣଙ୍କ ମହିଳାଙ୍କ ସ୍ୱାମୀଙ୍କୁ ଛୁରୀରେ ଭୂଷି ଦେଇଥିଲେ। ମହିଳାଙ୍କ ସ୍ୱାମୀଙ୍କ ଏତଲା କ୍ରମେ ପୋଲିସ ନଂ. ୪୨୭/୨୨ରେ ମାମଲା ରୁଜୁ କରିଛି।

# ମାଓବାଦୀ ହିଂସାକାଣ୍ଡରୁ ବିରତ ରୁହନ୍ତୁ

## ଫିରିଙ୍ଗିଆ ଓ ଗୋଚ୍ଛାପଡା ଥାନା ଅଞ୍ଚଳରେ ପୋଷ୍ଟର

**ଫୁଲବାଣୀ ଅଫିସ/ଗୋଚ୍ଛାପଡା,୨୩।୧୧**

କନ୍ଧମାଳ ଜିଲାର ଫିରିଙ୍ଗିଆ ଏବଂ ଗୋଚ୍ଛାପଡା ଥାନା ଅଞ୍ଚଳର କେତେକ ସ୍ଥାନରେ ବୁଧବାର ମାଓବାଦୀଙ୍କୁ ବିଭିନ୍ନ ପ୍ରକାର ଅପିଲ କରାଯାଇ ପୋଷ୍ଟର ଲାଗିଛି। ଫିରିଙ୍ଗିଆ ଥାନାର ସୁମେରବନ୍ଧ, କିଆମୁଣ୍ଡା, ମାଲା, ପାଙ୍ଗା, ତାମାଙ୍ଗି ଓ ଗୋଚ୍ଛାପଡା ଥାନା ଅଞ୍ଚଳର ଲୁଇସିଂ, ବାଲଦାପଡା, ସୁଟାଣି ଘାଟି, ପାହିରାଜୁ, କୋଏରମାଣ୍ଡୁ ଓ ଗୋଚ୍ଛାପଡାରେ ଗଛଗୁଡିକରେ ଏଭଳି ପୋଷ୍ଟର ମରାଯାଇଛି। କନ୍ଧମାଳ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଲାଗିଥିବା ଏସବୁ ପୋଷ୍ଟରରେ ମାଓବାଦୀମାନଙ୍କୁ ହିଂସା ମୂଳକ କାର୍ଯ୍ୟକଳାପରୁ ବିରତ ରହିବା ପାଇଁ ଅନୁରୋଧ କରାଯାଇଛି। ମାଓବାଦୀ ଆନ୍ଦୋଳନ ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ନେଇ ଆରମ୍ଭ ହୋଇଥିଲା ବେଳେ ଏବେ ପଥଭ୍ରଷ୍ଟ ହୋଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଲିସ ଗୁଳିରେ ମୃତ୍ୟୁ ଘଟୁଥିବା ମାଓବାଦୀଙ୍କ ମୃତଦେହକୁ କେହି ଗ୍ରହଣ କରୁ ନ ଥିବାରୁ ଏହାର ଉପଯୁକ୍ତ ସଂସ୍କାର ହୋଇପାରୁ ନାହିଁ ବୋଲି ମଧ୍ୟ ପୋଷ୍ଟରରେ ଲେଖାଯାଇଛି। ତେଣୁ ନୀରିହ ଗ୍ରାମବାସୀଙ୍କୁ ହତ୍ୟା ନ କରିବା ପାଇଁ ପୋଷ୍ଟରରେ ନିବେଦନ କରାଯାଇଛି। ତେବେ ଏଭଳି ପୋଷ୍ଟର ନେଇ କୌଣସି ଖବର ନଥିବା ଦୁଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବଜାର ଗୃହ ଉଦ୍‌ଘାଟିତ



ଆସିକା,୨୩।୧୧(ଡି.ଏନ.ଏ.): ଆସିକା ବ୍ଲକ ଭେଟନଇ ଠାରେ ବୁଧବାର ଏହି ପଞ୍ଚାୟତର ବଜାର ଗୃହ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି ଅବସରରେ ବିଧାୟିକା ନିକଟସ୍ଥ କଙ୍କଣଦେବୀ ପୀଠରେ ପର୍ଯ୍ୟଟକଙ୍କ ରହଣି ଲାଗି ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏକ ଅତିଥି ଭବନର ମଧ୍ୟ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ବରିଷ୍ଠ ଯୁବନେତା ଭଗବାନ ସାହୁ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ସରପଞ୍ଚ ନମିତା ଜେନା, ଟୁଲୁ ଜେନା, ଦିଲୀପ ପାଣିଗ୍ରାହୀ, ଅନିଲ କୁମାର ନାୟକ, ଅଭିମନ୍ୟୁ ନାହାକ ପ୍ରମୁଖ ସାମିଲ ଥିଲେ।


## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ବ୍ୟାଙ୍କ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ "ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେଶୀ) ୨୦୦୨ର ଆଇନର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି ।

| କ୍ର. ନଂ. | ଶାଖା /ଋଣଗ୍ରହୀତା / ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ୧. | ଭୁବନେଶ୍ୱର ଏସ୍ଏମ୍ଇ ଶାଖା, ଫୋନ୍:୦୬୭୪-୨୫୭୧୬୨୫/ ଋଣଗ୍ରହୀତା: ଶ୍ରୀ ଅଜିତ୍ କୁମାର ସ୍ୱାଇଁ, ପିତା: ଶ୍ରୀ ପାଣ୍ଡବ ସ୍ୱାଇଁ, ସହ-ଋଣଗ୍ରହୀତା: ଶ୍ରୀମତୀ ତ୍ରିବେଣୀ ସ୍ୱାଇଁ, ସ୍ୱାମୀ: ଶ୍ରୀ ଅଜିତ୍ କୁମାର ସ୍ୱାଇଁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୫୬୨/୩୨୯୭, ସୁନ୍ଦରପଦା, ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା /ମୋଟ ବକେୟା ରାଶି: ତା.୨୯.୦୫.୨୦୨୧ରିଖ ସୁଦ୍ଧା ଟ.୧୬,୩୨,୩୨୧.୫୬ + ତା.୩୦.୦୫.୨୦୨୧ରିଖ ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ଶ୍ରୀ ଅଜିତ୍ କୁମାର ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୬/୪୨୮, ପ୍ଲଟ୍ ନଂ.: ୫୬୨/୩୨୯୭, ମୌଜା: ସୁନ୍ଦରପଦା, ଭୁବନେଶ୍ୱର ସହର (ୟୁନିଟ୍ ନଂ.: ୨୪), ଥାନା: ଏୟାରଫିଲ୍ଡ, ଥାନା ନଂ: ୬୯, ଜିଲ୍ଲା: ଖୋର୍ଦ୍ଧା, ଏସ୍ଆରଓ: ଭୁବନେଶ୍ୱର, କିସମ: ଘରବାରୀ, କ୍ଷେତ୍ର: ଏକର ୦.୦୭୨ ଡିସିମିଲି, ଦଲିଲ୍ ନଂ: ୧୪୩୮, ତାରିଖ: ୦୮.୦୨.୨୦୦୬, ସମ୍ପତ୍ତିର ସମସ୍ତ ଅଂଶବିଶେଷ ତହସିଲ/ଡିଏସ୍ଆରଓ: ଭୁବନେଶ୍ୱର ଅନ୍ତର୍ଗତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୮, ଦକ୍ଷିଣ: ରେଭେନ୍ୟୁ ପ୍ଲଟ୍ ନଂ.: ୬୩୬, ପୂର୍ବ: ୨୦ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ରେଭେନ୍ୟୁ ପ୍ଲଟ୍ ନଂ.: ୬୩୯ | ଟ.୩୮,୦୫,୦୦୦/- / ଟ.୩,୮୦,୫୦୦/- / ଟ. ୫୦,୦୦୦/- | ୦୯.୧୨.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |
| ୨. | ରାଣୀହାଟ ଶାଖା, ଫୋନ୍: ୦୬୭୧-୨୪୧୯୫୨୮/ ଋଣଗ୍ରହୀତା: ମେସର୍ସ ମାନ୍ୟତା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମିନତୀ ସିଂହ, ସା: ମାଲଗୋଦାମ, କଲେଜ ସ୍କୋୟାର, କଟକ-୭୫୩୦୦୩ / ଗ୍ୟାରେଣ୍ଟିଦାତା: ମେସର୍ସ ରୁଚି କନ୍‌ଷ୍ଟ୍ରକସନ୍ସ ଆଣ୍ଡ ପ୍ରମୋଟର୍ସ, ସା: ଅରୁଣୋଦୟ ନଗର, ବିମଳା ନିବାସ, କଟକ-୭୫୩୦୧୨ / ମୋଟ ବକେୟା ରାଶି: ତା.୧୧.୦୩.୨୦୧୮ରିଖ ସୁଦ୍ଧା ଟ.୧,୩୮,୬୧,୦୨୮.୭୩ + ତା.୧୨.୦୩.୨୦୧୮ରିଖ ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ମେସର୍ସ ରୁଚି କନ୍‌ଷ୍ଟ୍ରକସନ୍ସ ଆଣ୍ଡ ପ୍ରମୋଟର୍ସ, ଅଂଶୀଦାର : ଶ୍ରୀ ସୁଶାନ୍ତ କୁମାର ଦାଶଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୪୩୬, ପ୍ଲଟ୍ ନଂ.: ୫୧୦, କ୍ଷେତ୍ର: ଏକର୦.୨୭୦ଡିସିମିଲି (୧୧,୭୬୧.୨୦ ବର୍ଗଫୁଟ), କିସମ: ଘରବାରୀ, ମୌଜା: ଅଡାଳିଆ, ତହସିଲ: କଟକ, ତହସିଲ ନଂ.: ୨୭୫, ଡିଏସ୍ଆରଓ: କଟକ, ଜିଲ୍ଲା: କଟକ-୭୫୪୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭାଗବତ ଗୋସ୍ୱାମୀଙ୍କ ଜମି, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ମୁନା ଶ, ପଶ୍ଚିମ: କଡନାଳି | ଟ. ୯୫,୨୬,୦୦୦/- / ଟ.୯,୫୨,୬୦୦/- / ଟ.୫୦,୦୦୦/- | ୦୯.୧୨.୨୦୨୨ ପୂର୍ବାହ୍ନ ୧୧.୩୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |
| ୩. | ପୋଖରୀପୁଟ ଶାଖା, ଫୋନ୍: ୦୬୭୪-୨୩୫୦୨୬୫/ ଋଣଗ୍ରହୀତା: ଶ୍ରୀମତୀ ବବିତା ଜେନା, ସ୍ୱାମୀ: ଶ୍ରୀ ଅଶୋକ କୁମାର ଜେନା, ସହ-ଋଣଗ୍ରହୀତା: ଶ୍ରୀ ଅଶୋକ କୁମାର ଜେନା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୪୯୦/୧୨-୧୩, ଲେନ୍-୧, ଗଣ୍ଡମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୩୦ / ମୋଟ ବକେୟା ରାଶି: ତା.୧୮.୧୧.୨୦୨୧ରିଖ ସୁଦ୍ଧା ଟ.୨୦,୩୦,୪୧୯.୮୦ + ତା.୧୯.୧୧.୨୦୨୧ରିଖ ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ଶ୍ରୀମତୀ ବବିତା ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୩୩/୨୨୬୭, ପ୍ଲଟ୍ ନଂ.: ୧୧୨୨/୫୫୦୫, କ୍ଷେତ୍ର: ଏକର ୦.୧୭୫ ଡିସିମିଲି(୭୬୨୩ ବର୍ଗଫୁଟ), କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର ୟୁନିଟ୍-୨୦ ଜାଗମରା, ଥାନା: ଭୁବନେଶ୍ୱର, ଏସ୍ଆରଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨୩, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୧୨୨, ପଶ୍ଚିମ: ରାସ୍ତା ଏବଂ ଏସ୍‌ସି ମହାନ୍ତି (ପ୍ଲଟ୍ ନଂ.: ୧୧୨୧ ଏବଂ ୧୦୭୫) | ଟ.୩,୧୬,୪୧,୦୦୦/- / ଟ. ୩୧,୬୪,୧୦୦/- / ଟ.୫୦,୦୦୦/- | ୨୬.୧୨.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |

ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: କ୍ର.ନଂ.୧ ଏବଂ ୨ ନିମନ୍ତେ ୦୮.୧୨.୨୦୨୨ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ଏବଂ କ୍ର.ନଂ. ୩ ନିମନ୍ତେ ୨୩.୧୨.୨୦୨୨ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ କ୍ର.ନଂ.୧ ଏବଂ ୨ ନିମନ୍ତେ ତା.୦୮.୧୨.୨୦୨୨ରିଖ ପୂର୍ବରୁ ଏବଂ କ୍ର.ନଂ. ୩ ନିମନ୍ତେ ତା.୨୩.୧୨.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତି ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ

ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ ୧୫/୩୦ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପର ଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ (1) https://www.ibapi.in (2) https://www.mstcecommerce.com (3) www.bankofindia.co.inରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୪.୧୧.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"








**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି**

**ବାର୍ତ୍ତା**

୧. ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ। ୨. ଘରେ ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ୍ ଭାବେ ପରିଷଦର ସ୍ୱଚ୍ଛ ବାହକ ଗାଡ଼ିରେ ଦିଅନ୍ତୁ। ୩. ବାହ୍ୟ ମଳତ୍ୟାଗ କରନ୍ତୁ ନାହିଁ । ୪. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ୫. ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ । ୬. ଆପଣମାନଙ୍କଠାରୁ ସଂଗୃହୀତ ହେଉଥିବା ଅଳିଆରୁ ଉତ୍କୃଷ୍ଟମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି, ଏହାର ଉପଯୋଗ କରନ୍ତୁ । ୭. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ । ୮. ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ। ୯. ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପାରିପାର୍ଶ୍ୱରେ ବୃକ୍ଷ ରୋପଣ କରନ୍ତୁ । ୧୦. ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ । ୧୧. ବିଭିନ୍ନ ଟିକସ ଯଥା- Holding Tax, User Fee, Trade Licence ଠିକ୍ ସମୟରେ ପୈଠ କରନ୍ତୁ । ୧୨. ସ୍ୱଚ୍ଛ ଘୁ.ଉଦୟଗିରି ଓ ସୁସ୍ଥ ଘୁ.ଉଦୟଗିରି ଗଠନରେ ସହାୟକ ହୁଅନ୍ତୁ ।

ଶ୍ରୀମତୀ ଭାନୁପ୍ରଭା ମିଶ୍ର, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଘୁ.ଉଦୟଗିରି
ଶ୍ରୀମତୀ ଇତିଶ୍ରୀ ଷଡ଼ଙ୍ଗୀ, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଘୁ.ଉଦୟଗିରି


## ସ୍ତ୍ରୀ ମାନ୍ୟତା ପାଇଁ ପ୍ରେମିକଙ୍କ ଘର ଆଗରେ ଧାରଣା

ଗୋପାଳପୁର,୨୩।୧୧ (ଡି.ଏନ.ଏ.)

ପ୍ରେମ-ପ୍ରତିଶ୍ରୁତି ଓ ଧୋକା ଏଭଳି ଘଟଣା ଗଞ୍ଜାମ ଜିଲାରେ ଚହଳ ସୃଷ୍ଟି କରିଦେଇଛି। ଅଧିକାର ପାଇବା ପାଇଁ କେଉଁଠି ପ୍ରେମିକା ତ ପୁଣି କେଉଁଠି ପ୍ରେମିକ ଯାଇ ବସୁଛନ୍ତି ଘର ବାରଣ୍ଡାରେ। ପୁଣିଥରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଗୋଳନ୍ଥରା ଥାନା ପଞ୍ଚମାରେ। ସ୍ତ୍ରୀ ଅଧିକାର ପାଇବା ନିମନ୍ତେ ପ୍ରେମିକଙ୍କ ଘର ସମ୍ମୁଖରେ ବୁଧବାର ଧାରଣାରେ ବସିଛନ୍ତି ଜଣେ ଯୁବତୀ ଓ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀ। ଏହି ଥାନା ଅଞ୍ଚଳର ନୃସିଂହ ପ୍ରଧାନଙ୍କ ସହ ସେହିଗାଁର ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ନୃସିଂହ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ବିବାହ କରିବାକୁ ରାଜି ହୋଇନଥିଲେ। ଏନେଇ ଯୁବତୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬/୨୨ରେ ଏକ ବଳାତ୍କାର ମାମଲା ରୁଜୁ କରି ଗତ ଜାନୁଆରୀରେ ଅଭିଯୁକ୍ତ ନରସିଂହଙ୍କୁ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ନରସିଂହ ଜାମିନରେ ଆସିଥିଲେ। ଗତ ୨୦୨୧ ଡିସେମ୍ବର ୨୩ ତାରିଖରେ ପଞ୍ଚମାସ୍ଥିତ ଗଣେଶ ମନ୍ଦିରରେ ବିବାହ କରିଥିଲେ ଓ ୨୭ ତାରିଖରେ କୋର୍ଟ ନୋଟାରୀ ମଧ୍ୟ କରାଯାଇଥିବା ଯୁବତୀଙ୍କ ଜଣକ କହିଛନ୍ତି। ଯେଉଁ ଦିନ ଯାଏ ମୋତେ ନ୍ୟାୟ ମିଳିନି ସେହିଦିନ ପର୍ଯ୍ୟନ୍ତ ପ୍ରେମିକ ନରସିଂହଙ୍କ ଘର ସମ୍ମୁଖରେ ଧାରଣା ଦେବି ବୋଲି ଯୁବତୀ ପ୍ରକାଶ କରିଛନ୍ତି।


See Career Appointment on every Wednesday & Saturday

RAIN, SUN AND FIREPROOF
KONARK IS THE RIGHT ROOF

KONARK
Right at the top

USE

KONARK
AC SHEETS & ACCESSORIES

**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Phone : (06762) 228881, Fax : (06762) 228263
EPABX : (06762) 228881
E-mail : ual_dkl@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



*WHILE SOME PERSUE FOR EXCELLENCE*
*WE ARE BORN TO EXCELL.*



**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ କାର୍ଯ୍ୟାଳୟ**
**ଜିଲ୍ଲାପାଳ, କୋରାପୁଟଙ୍କ କାର୍ଯ୍ୟାଳୟ ପରିସର**
ଦୂରଭାଷ-୦୬୮୫୨-୨୫୨୦୦୭

**ଶୁଭେଚ୍ଛା ବାର୍ତ୍ତା**

'ଧରିତ୍ରୀ' ଦୈନିକ ଓଡ଼ିଆ ଖବରକାଗଜର ୪୯ତମ ସ୍ୱନକ୍ଷତ୍ର ଅବସରରେ କୋରାପୁଟ ଉପଖଣ୍ଡର ସମସ୍ତ କୃଷକ ଓ ବ୍ୟବସାୟୀ ଭାଇ ଓ ଭଉଣୀମାନଙ୍କୁ ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ



**ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ**

**ନିବେଦନ**

୧. ପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପଇଠ କରନ୍ତୁ ।
୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପୌର ସଂସ୍ଥାରୁ ମଞ୍ଜୁର କରାଇ ନିଅନ୍ତୁ ।
୩. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ଲାଇସେନ୍ସ କରାଇ ନିଅନ୍ତୁ ।
୪. ନୂତନ ଗୃହ ନିର୍ମାଣ ପରେ ପରିଷଦରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ ।
୫. ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାନ୍ତୁ ।
୬. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଉପରେ ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବରେ ଛାଡନ୍ତୁ ନାହିଁ।
୭. ନିଜ ନିଜ ଗୃହର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖି ପରିଷଦର ପରିମଳ ଓ ସଫେଇ କାର୍ଯ୍ୟରେ ସାହାଯ୍ୟ କରନ୍ତୁ।
୮. ସର୍ବସାଧାରଣ ରାସ୍ତା ଉପରେ ମଇଳା ଆବର୍ଜନା ଜମା ରଖନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୯. ପତିତ ଜମି ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରି ପରିବେଶ ନିର୍ମଳ କରନ୍ତୁ ।

ଶ୍ରୀଯୁକ୍ତ ସମ୍ପଦ କୁମାର ସ୍ୱାଇଁ (ଓଡ଼ିଶା ରାଜସ୍ୱ ସେବା), ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ଅଧ୍ୟକ୍ଷ, ପୌରପରିଷଦ, ପଟ୍ଟାମୁଣ୍ଡାଇ



**ପଟ୍ଟାମୁଣ୍ଡାଇ ବ୍ଲକ୍**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଉନ୍ନୟନ ମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତେ ପଟ୍ଟାମୁଣ୍ଡାଇ ବ୍ଲକ୍ ନିରନ୍ତର ଭାବେ ନିଷ୍ଠାର ସହ କାର୍ଯ୍ୟକରି ଚାଲିଛି ।

ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ଅଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ବ୍ଲକ୍
ଭରତ ଚନ୍ଦ୍ର ପରିଡ଼ା, ମଣ୍ଡଳ ଉନ୍ନୟନ ଅଧିକାରୀ, ପଟ୍ଟାମୁଣ୍ଡାଇ
ଜୟନ୍ତୀ ସ୍ୱାଇଁ, ଉପାଧ୍ୟକ୍ଷା
ପଟ୍ଟାମୁଣ୍ଡାଇ ବ୍ଲକ୍ ଓ କର୍ମଚାରୀମାନେ



**ପ୍ରଗତିପଥେ ପୌର ପରିଷଦ, ନୟାଗଡ଼**

**ଆମ ସହରବାସୀଙ୍କୁ ଅଭିନନ୍ଦନ**

୧. ନୟାଗଡ଼କୁ ସ୍ୱତନ୍ତ୍ର ପରିଚୟ ଦେବ ଆକର୍ଷଣୀୟ 'ବଲାଙ୍ଗୀ ପାର୍କ' ଦ୍ରୁତଗତିରେ ଆଗେଇ ଚାଲିଛି ନିର୍ମାଣ କାର୍ଯ୍ୟ।
୨. ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ସହରର ରୂପାନ୍ତରୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ।
୩. ବସ୍ତି ବାସିନ୍ଦାଗୁଡ଼ିକରେ ୫୦୦ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଣ ଓ ଅନ୍ୟ ପରିବାରକୁ ଖୁବ୍ ଶୀଘ୍ର ଉକ୍ତ ପ୍ରମାଣପତ୍ର ବଣ୍ଟନ ପାଇଁ ପ୍ରକ୍ରିୟା ଜାରି ।
୪. ସମସ୍ତ ପୁରାତନ ଲାଇଟ୍ ବଦଳାଯାଇ ୨୫୦୨ଟି Retro Fitting LED ଲଗାଯାଇଛି। ସହରକୁ ଆଲୋକୀକରଣ କରିବା ପାଇଁ ଦୀର୍ଘ ସାଢେ ଏଗାର କି.ମି. ରାସ୍ତାକୁ Green Field Electrification ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଆଉ ଅଧିକ ୨୫ କି.ମି. ବିଶିଷ୍ଟ ରାସ୍ତାକୁ LED Light ଦ୍ୱାରା ସଂଯୋଗୀକରଣ ପାଇଁ ବ୍ୟବସ୍ଥା ହୋଇଛି।

ଆସନ୍ତୁ ! କ୍ରମବର୍ଦ୍ଧିଷ୍ଣୁ ଆମ ସହରର ବିକାଶରେ ନିଜକୁ ସାମିଲ କରିବା, ସେବା ଓ ସମର୍ପଣ ଗୁଣରେ ସମର୍ପିତ ହେବା ।

ସହରବାସୀଙ୍କୁ ଅନୁରୋଧ: ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପୌର ପରିଷଦର ନୀତି ନିୟମକୁ ମାନି ଚଳିବା ।

ଶ୍ରୀମତୀ ନିରୁପମା ଖଟେଇ, ପୌରାଧ୍ୟକ୍ଷା
ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା, ଉପାଧ୍ୟକ୍ଷ
ମିସ୍ ସ୍ୱାତୀ ମିଶ୍ର (ଓ.ଏମ୍.ଏ.ଏସ୍), ନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନସିଲରବୃନ୍ଦ, ପୌର ପରିଷଦ, ନୟାଗଡ଼



**କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିଃ**
କେନ୍ଦ୍ରାପଡ଼ା- ୭୫୪୨୧୧
ମୁଖ୍ୟ କାର୍ଯ୍ୟାଳୟ- କେନ୍ଦ୍ରାପଡ଼ା, ଫୋନ୍ ନଂ. (୦୬୭୨୭) ୨୨୦୩୯୯, ୨୨୧୫୯୯
ବ୍ୟବସାୟ କ୍ଷେତ୍ର- ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଜଗତ୍‌ସିଂହପୁର ଓ ଯାଜପୁର ଜିଲ୍ଲା

**ବୈଶିଷ୍ଟ୍ୟ**

୧. ଜମା ଉପରେ ଆକର୍ଷଣୀୟ ହାରରେ ସୁଧ ଦିଆଯାଏ ।
୨. DICGC ଅଧୀନରେ ଆପଣଙ୍କ ଜମା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାଭୁକ୍ତ ଓ ସୁରକ୍ଷିତ।
୩. Fully Computerized ସେବା ସହିତ RTGS / NEFT / Fund Transfer ଇତ୍ୟାଦି ସୁବିଧା ଉପଲବ୍ଧ ।
୪. ଘର, ପରିବହନ ଓ ବ୍ୟବସାୟିକ ଋଣ ସହଜ ସୁବିଧାରେ ପ୍ରଦାନ କରାଯାଏ।
୫. ATM କାର୍ଡ ସେବା ଉପଲବ୍ଧ ।
୬. My Home ଏବଂ My Car ଋଣ ଅପେକ୍ଷାକୃତ କମ୍ ସୁଧ ହାରରେ ଉପଲବ୍ଧ।
୭. ଆପଣଙ୍କ ଜମା ଖାତା ବ୍ୟାଙ୍କର ଯେ କୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ।

| | ବ୍ୟାଙ୍କ ଶାଖା | ଫୋନ୍ ନମ୍ବର |
|---|---|---|
| ୧ | ମୁଖ୍ୟ ଶାଖା, କେନ୍ଦ୍ରାପଡ଼ା | (୦୬୭୨୭) ୨୨୦୫୯୯ |
| ୨ | ପୁରୁଣା ବସଷ୍ଟାଣ୍ଡ ଶାଖା, କେନ୍ଦ୍ରାପଡ଼ା | ୨୩୨୮୯୯ |
| ୩ | ମାର୍ଶାଘାଇ ଶାଖା, ମାର୍ଶାଘାଇ | ୨୭୨୦୧୭ |
| ୪ | ଚାନ୍ଦୋଳ ଶାଖା, ଚାନ୍ଦୋଳ | ୨୬୮୧୫୫ |
| ୫ | ପଟ୍ଟାମୁଣ୍ଡାଇ ଶାଖା, ପଟ୍ଟାମୁଣ୍ଡାଇ | (୦୬୭୨୯) ୨୨୪୩୧୬ |
| ୬ | ଆଳି ଶାଖା, ଆଳି | ୨୪୧୧୦୬ |

ରାଜୀବ ଲୋଚନ ପଣ୍ଡା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଭାରପ୍ରାପ୍ତ)
ଗୁରୁ ପ୍ରସାଦ ମହାନ୍ତି, ସଭାପତି

# କ୍ରମାଗତ ବିପର୍ଯ୍ୟୟ

## ୪ଥର ଚାମ୍ପିୟନ ଜର୍ମାନୀକୁ ହରାଇଲା ଜାପାନ

ଦୋହା, ୨୩।୧୧

କାତାର ଫିଫା ବିଶ୍ୱକପରେ କ୍ରମାଗତ ବିପର୍ଯ୍ୟୟ ଘଟିବାର ଲାଗିଛି। ଆର୍ଜେଣ୍ଟିନାକୁ ସାଉଦି ଆରବ ହରାଇବାର ଦିନକପରେ ୪ଥର ଚାମ୍ପିୟନ ଜର୍ମାନୀକୁ ପରାସ୍ତ କରି ବିସ୍ମୟ ସୃଷ୍ଟି କରିଛି ଜାପାନ। ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଏକଦା ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ଜର୍ମାନୀକୁ ୨-୧ ଗୋଲରେ ଜାପାନ ହରାଇ ଦେଇଛି। ମ୍ୟାଚର ୩୧ତମ ମିନିଟରେ ଜାପାନର ଗୋନ୍ଦା ଫାଉଲ୍ କରିବାରୁ ଜର୍ମାନୀକୁ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। ଜର୍ମାନୀର ଇଲ୍‌କେ ଗୁଏଣ୍ଡୋଗାନ ୩୩ତମ ମିନିଟରେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧର ଅବଶିଷ୍ଟଭାଗ ଜର୍ମାନୀ ନିୟନ୍ତ୍ରଣରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଜର୍ମାନୀ ହାଲୁକା ହୋଇ ଯାଇଥିବାବେଳେ ୮ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ଜାପାନ ବିପର୍ଯ୍ୟୟ ଘଟାଇଥିଲା। ୭୫ତମ ମିନିଟରେ ରିତ୍ସୁ ଡୋଆନ ଗୋଲଟି ପରିଶୋଧ କରିଥିବାବେଳେ ୮୩ତମ ମିନିଟରେ ତାକୁମା ଆସାନୋ ଗୋଲ ଦେଇ ଜାପାନକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲ ହିଁ ଶେଷରେ ନିର୍ଣ୍ଣାୟକ ସାଜିଥିଲା। ଜର୍ମାନୀ ଦଳ ବିଳମ୍ବରେ ଅଣ୍ଟା ଭିଡ଼ିଥିଲେ ହେଁ ଜାପାନ ରକ୍ଷଣଭାଗ ଆଉ ଗୋଲ ହେବାକୁ ଦେଇ ନ ଥିଲା। ସମାନଭାବେ ମଙ୍ଗଳବାର ମ୍ୟାଚରେ ସାଉଦି ଆରବ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା।



ଜାପାନ ବିପକ୍ଷ ମ୍ୟାଚ ପୂର୍ବରୁ ମୁହଁକୁ ହାତରେ ବନ୍ଦକରି ଜର୍ମାନୀ ଦଳର ଅଭିନବ ପ୍ରତିବାଦ।



ଜର୍ମାନୀ ବିପକ୍ଷରେ ଗୋଲ ଦେବାପରେ ଉଲ୍ଲସିତ ଜାପାନ ଖେଳାଳି।

### ଫିଫା ବିଶ୍ୱକପ (ଆଜିର ମ୍ୟାଚ)

**ସ୍ୱିଜରଲାଣ୍ଡ ବନାମ କାମେରୁନ୍**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ, ସମୟ: ଅପରାହ୍ନ ୩.୩୦

**ଉରୁଗୁଏ ବନାମ ଦକ୍ଷିଣ କୋରିଆ**
ସ୍ଥାନ: ଏଜୁକେଶନ୍ ସିଟ୍ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬.୩୦

**ପର୍ତ୍ତୁଗାଲ ବନାମ ଘାନା**
ସ୍ଥାନ: ରସ୍ ଅବୁ ଅବୌଦ ଷ୍ଟାଡିୟମ୍, ସମୟ: ରାତି ୯.୩୦

**ବ୍ରାଜିଲ ବନାମ ସର୍ବିଆ**
ସ୍ଥାନ: ଲୁସେଲ ଷ୍ଟାଡିୟମ, ସମୟ: ରାତି ୧୨.୩୦

## ଜର୍ମାନୀର ଅଭିନବ ପ୍ରତିବାଦ

**ଦୋହା,୨୩।୧୧(ପି.ଟି.):** ଫିଫା ପକ୍ଷରୁ ୱାନ୍ ଲଭ୍ ବ୍ୟାଣ୍ଡ ପିନ୍ଧିବା ଉପରେ ନିଷେଧାଦେଶ ଜାରି କରାଯିବା ପରେ ଏକ ଅଭିନବ ଉପାୟରେ ବିରୋଧାଭାସ ଜାହିର କରିଛି ଜର୍ମାନୀ। ବୁଧବାର ଜାପାନ ବିପକ୍ଷ ମ୍ୟାଚରେ ଦଳର ସମସ୍ତ ଖେଳାଳି ମୁହଁ ବନ୍ଦ କରିବା ସହିତ ଏକ ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ। ଫିଫା ପକ୍ଷରୁ ବିଭିନ୍ନ ଦଳର ସ୍ୱରକୁ ଦବାଇ ଦେବାକୁ ଯେଉଁ ପ୍ରୟାସ କରାଯାଉଛି ତାକୁ ବିରୋଧ କରି ଜର୍ମାନୀ ଖେଳାଳି ଏଭଳି ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ। ଜାପାନ ବିପକ୍ଷ ମ୍ୟାଚ ପୂର୍ବରୁ ଜର୍ମାନୀର ୧୧ ଜଣ ଖେଳାଳି ପାଟିରେ ଡାହାଣ ହାତ ରଖି ପ୍ରତିବାଦ କରିଥିଲେ। ୟୁଏଫାର ୭ ସଦସ୍ୟ କାତାର ବିଶ୍ୱକପ୍‌ରେ ମାନବାଧିକାର ଉଲ୍ଲଂଘନ ଓ ସମଲିଙ୍ଗୀଙ୍କୁ ସମାନ ଅଧିକାର ଦାବିରେ ୱାନ ଲଭ୍ ଆର୍ମବ୍ୟାଣ୍ଡ ପିନ୍ଧିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ସୋମବାର ମ୍ୟାଚ ପୂର୍ବରୁ ଏହି ଆର୍ମବ୍ୟାଣ୍ଡ ପିନ୍ଧିଲେ ଖେଳାଳିଙ୍କୁ ୟେଲୋକାର୍ଡ ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା। ସମସ୍ତ ଦଳ ଏହି ନିୟମ ମାନି ନେଇଥିବା ବେଳେ ଜର୍ମାନୀ କିନ୍ତୁ ଏହି ଏକଚ୍ଛତ୍ରବାଦ ନିଷ୍ପତ୍ତିକୁ ବିରୋଧ କରିଛି। ପୂର୍ବରୁ ଜର୍ମାନୀ କୋଚ୍ ହାନ୍ସି ଫ୍ଲିକ୍ ଏହାକୁ ବିରୋଧ କରିଥିଲେ।

# ସୂତ୍ର ବାହାର କରିବାକୁ ହେବ

ଜୁଆନ ଭେରନ

କାତାରରେ ଆର୍ଜେଣ୍ଟିନା ଦଳର ପ୍ରଥମ ମ୍ୟାଚ ନୈରାଶ୍ୟଜନକ ଏବଂ ଦୁଃଖଦାୟକ ଥିଲା। ୧୫-୨୦ ମିନିଟ୍ ପରେ ସେମାନେ ଧୀରେ ଧୀରେ ମ୍ୟାଚ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ଶେଷରେ ପରାଜିତ ହେଲେ। ରାଉଣ୍ଡ ଅଫ୍ ୧୬କୁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ମେସି ଏବଂ ତାଙ୍କ ଟିମ୍‌କୁ ଶୀଘ୍ର ଏହାର ସୂତ୍ର ବାହାର କରିବାକୁ ହେବ। ପୂର୍ବ ମ୍ୟାଚରେ ଆର୍ଜେଣ୍ଟିନା ନିଜ ପାଇଁ ସୁଯୋଗ ସୃଷ୍ଟି କରିପାରି ନ ଥିଲା। ମୋମେଣ୍ଟମ ପାଇବାରେ ଅସମର୍ଥ ରହିଥିଲା। ମାତ୍ର ସାଉଦି ଆରବ ଆଶାନୁରୂପ ପ୍ରଦର୍ଶନ କରିଥିଲା ଏବଂ ମ୍ୟାଚ ଜିତିଥିଲା।

ଲୋ ସେଲସୋଙ୍କ ଅନୁପସ୍ଥିତିରେ ସ୍କାଲୋନିଙ୍କୁ ରଣନୀତିରେ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ଆର୍ଜେଣ୍ଟିନା ଆଲେଜାଣ୍ଡ୍ରୋ ଗୋମେଜଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ମିଡ୍‌ଫିଲ୍ଡରେ ଡି ପଲ୍ ଓ ପେରେଦେସ ଥିଲେ। ଗୋମେଜ, ମେସି ଓ ଡି' ମାରିଆ ଫ୍ରଣ୍ଟ ଲାଇନ୍ ସମ୍ଭାଳିଥିଲେ। ଆର୍ଜେଣ୍ଟିନା ପ୍ରଥମେ ଗୋଲ କରିଥିଲା, ମାତ୍ର ମେସି ପ୍ରଥମାର୍ଦ୍ଧରେ ଭଲ ଖେଳିପାରି ନ ଥିଲେ। ମ୍ୟାଚର ଅବଶିଷ୍ଟ ଭାଗରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଗୋଲ ଦେବା ପରେ ଆର୍ଜେଣ୍ଟିନା ଗେମ୍ ଧିମା ହୋଇ ଯାଇଥିଲା। କେତେଥର ଗୋଲ ଦେବା ସୁଯୋଗ ପାଇଥିଲେ ହେଁ ତାହା ଅଫ୍‌ସାଇଡ୍ ହୋଇ ଯାଇଥିଲା। ଏହା ସାଉଦି ଆରବ ଡିଫେନ୍ସ ବିଭାଗର ରଣନୀତି ଥିଲା ଏବଂ ସେମାନେ ଏହାକୁ ସଫଳତାର ସହିତ ଉପଯୋଗ କରିପାରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନାର କୌଶଳ ଏବଂ ଏବଂ ଷ୍ଟାଇଲ୍ ପରିବର୍ତ୍ତନ ହେବ ବୋଲି ଆମେ ଆଶା କରୁଥିଲୁ। ମାତ୍ର ତାହା ପାଇ ନ ଥିଲୁ। ଗେମ୍‌ରୁ ଏହି ଦଳ ଧୀରେ ଧୀରେ ବାହାର ହୋଇ ଯାଇଥିଲା ଏବଂ ସାଉଦି ଆରବ ଗୋଲ ଦେବା ସୁଯୋଗ ପାଇଥିଲା। ଆର୍ଜେଣ୍ଟିନା ନିଜ ଗେମ୍‌କୁ ପଢ଼ିବାରେ ବିଫଳ ହୋଇଥିଲା। କିପରି ପରିସ୍ଥିତିକୁ ସାମ୍ନା କରାଯିବ ଭୁଲି ଯାଇଥିଲା। କେବଳ ସେତିକି ନୁହେଁ ପ୍ରତିପକ୍ଷ ଦଳକୁ ହାଲୁକା ଭାବେ ନେଇଥିଲା। ଏହା ବଡ଼ ଭୁଲ ଥିଲା।

ଆର୍ଜେଣ୍ଟିନା ରକ୍ଷଣଭାଗ ଦ୍ୱନ୍ଦ୍ୱରେ ଥିବାବେଳେ ରେନାର୍ଡଙ୍କ ସାଉଦି ଆରବ ଦଳ ୫ ମିନିଟ ମଧ୍ୟରେ ଗେମ୍‌ର ଗତି ପରିବର୍ତ୍ତନ କରି ଦେଇଥିଲା। ଆର୍ଜେଣ୍ଟିନା ବଲ୍ ହାତଛଡ଼ା କରିଥିଲା ଏବଂ ପଛକୁ ଖେଳିବା ଆରମ୍ଭ କରିଦେଇଥିଲା। ଦ୍ୱିତୀୟ ଗୋଲ ହେବା ପରେ ସ୍କାଲୋନି ଖେଳାଳି ପରିବର୍ତ୍ତନ କରିଥିଲେ। ଫଳାଫଳକୁ ବଦଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସାଉଦି ରକ୍ଷଣଭାଗ ଏବଂ ଗୋଲକିପର ତାହା ହେବାକୁ ଦେଇ ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ସହଜ ମଣି ନ ଥିଲା। ସାଉଦି ଆରବ ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଏବେ ମେସି ଏବଂ ତାଙ୍କ ଦଳକୁ ମାନସିକଭାବେ ପ୍ରସ୍ତୁତ ହୋଇ ଆଗାମୀ ୨ଟି ଗ୍ରୁପ୍ ମ୍ୟାଚରେ ସ୍ୱାଭାବିକ ପ୍ରଦର୍ଶନ କରିବାକୁ ପଡ଼ିବ।

ଆର୍ଜେଣ୍ଟିନା ପ୍ରଥମ ମ୍ୟାଚରେ ହାରିବା ପରେ ଲାଟିନ୍ ଆମେରିକା ବ୍ରାଜିଲ ଉପରେ ନଜର କେନ୍ଦ୍ରୀଭୂତ କରିଛି। ବ୍ରାଜିଲ ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି କାତାରରେ ପହଞ୍ଚିଛି। ଅନେକ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ନେଇ ଏହା ଏକ ସନ୍ତୁଳିତ ଦଳ। ମାତ୍ର ଆର୍ଜେଣ୍ଟିନା ପରାଜୟକୁ ଦୃଷ୍ଟିରେ ରଖି ଟିଟେଙ୍କ ଦଳ ଏହାର ପ୍ରଥମ ମ୍ୟାଚକୁ ସତର୍କତାର ସହିତ ଖେଳିବ ବୋଲି ମୋର ଆଶା। କାରଣ ବିଶ୍ୱକପ୍ ପରି ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ ଜିତିବା ଅତି ଗୁରୁତ୍ୱପୂର୍ଣ୍ଣ। ବ୍ରାଜିଲ ଏହାର ପ୍ରଥମ ମ୍ୟାଚରେ ସର୍ବିୟାକୁ ଭେଟିବ। ଟିଟେଙ୍କ ୪-୩-୩ ଲାଇନ୍‌ଅପ୍ ଷ୍ଟାଇଲ୍ ଫରୱାର୍ଡ ଲାଇନ୍‌କୁ ଶକ୍ତିଶାଳୀ କରିଥାଏ। ମାତ୍ର ରକ୍ଷଣଭାଗ ଏହି ଦଳର ଦୁର୍ବଳତା। ତେଣୁ ଆର୍ଜେଣ୍ଟିନା ପରାଜୟରୁ ଶିକ୍ଷାଲାଭ କରି ଏହି ଦଳ ଅଭିଯାନ ଆରମ୍ଭ କରିବା ଆଶା।

(ଟିଭାକ୍ ସ୍ପୋର୍ଟ୍ସ)।

## ପୋଲାଣ୍ଡ ବିପକ୍ଷରେ ଓଚୋଆ ହିରୋ

**ଦୋହା,୨୩।୧୧:** ଗୋଲକିପର ଗୁଇଲର୍ମୋ ଓଚୋଆ ଏକ ପେନାଲ୍ଟି ଶଟକୁ ରୋକିବା ସହିତ ମେକ୍ସିକୋ ପାଇଁ ହିରୋ ପାଲଟି ଯାଇଛନ୍ତି। ଓଚୋଆଙ୍କ ଏହି ପ୍ରଦର୍ଶନ ବଳରେ ମେକ୍ସିକୋ ପ୍ରଥମ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଛି। ନିଜର ପଞ୍ଚମ ବିଶ୍ୱକପ ଖେଳୁଥିବା ଓଚୋଆ ମ୍ୟାଚର ଦ୍ୱିତୀୟ ହାଫ୍‌ରେ ଚମତ୍କାର ସେଭ୍ କରିଥିଲେ। ମାତ୍ର ୧୨ ୟାର୍ଡ ଦୂରରୁ ରବର୍ଟ ଲିୱାଣ୍ଡୋସ୍କିଙ୍କୁ ମିଳିଥିଲା ଏକ ପେନାଲ୍ଟି ଶଟ୍। ପୋଲାଣ୍ଡର ସର୍ବାଧିକ ଗୋଲସ୍କୋରର ଲିୱାଣ୍ଡୋସ୍କି ଗୋଟିଏ ବି ବିଶ୍ୱକପ ଗୋଲ କରିନଥିବା ବେଳେ ଏହା ତାଙ୍କ ପାଇଁ ଥିଲା ସୁବର୍ଣ୍ଣ ସୁଯୋଗ। ତେବେ ମାତ୍ର ୧୨ ୟାର୍ଡ ଦୂରରୁ ଲିୱାଣ୍ଡୋସ୍କି ମାରିଥିବା ଶଟ୍‌କୁ ଚମତ୍କାର ଡାଇଭ୍ ଦ୍ୱାରା ଅଟକାଇବାରେ ସମର୍ଥ ହୋଇଥିଲେ ଗୁଇଲର୍ମୋ ଓଚୋଆ। ଷ୍ଟାଡିୟମ ୯୭୪ରେ ଖେଳାଯାଇଥିବା ମ୍ୟାଚରେ ଉଭୟ ଦଳ ପକ୍ଷରୁ ସ୍କୋର କରିବାରେ ଅସମର୍ଥ ହୋଇଥିଲେ।



ଅଲ ବାୟଟ ଷ୍ଟାଡିୟମରେ ବୁଧବାର କ୍ରୋଏସିଆ ଓ ମରକ୍କୋ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଗୋଲଶୂନ୍ୟ ଡ୍ରରୁ କ୍ରୋଏସିଆର ଅଭିଯାନ

ଦୋହା,୨୩।୧୧(ପି.ଟି.)

୨୦୧୮ ସଂସ୍କରଣର ରନର୍ସଅପ୍ କ୍ରୋଏସିଆ ମରକ୍କୋ ବିପକ୍ଷ ଗୋଲଶୂନ୍ୟ ଡ୍ରରୁ ନିଜର ଅଭିଯାନ ଆରମ୍ଭ କରିଛି। ଚଳିତ ବିଶ୍ୱକପର ନବମ ମ୍ୟାଚରେ ଏହା ତୃତୀୟ ଗୋଲ ଶୂନ୍ୟ ଡ୍ର ରହିଛି। ୨୦୧୮ ରନର୍ସଅପ୍ ଦଳ ନିଜ ଦକ୍ଷତା ଅନୁସାରେ ଖେଳି ପାରିନଥିଲା। ଅଲ ବାଏଟ୍ ଷ୍ଟାଡିୟମରେ ଖେଳା ଯାଇଥିବା ଗ୍ରୁପ୍ ଏଫ୍‌ର ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଉଭୟ ଦଳ ଗୋଲ ସ୍କୋର କରିପାରି ନ ଥିଲେ। ପ୍ରଥମାର୍ଦ୍ଧରେ ମରକ୍କୋ ପକ୍ଷରୁ ନୌସେର୍ ମାଜ୍ରାଉ ଏକ ହେଡର କରିଥିଲେ ହେଁ କ୍ରୋଏସିଆ ଗୋଲକିପର ଏହାକୁ ରୋକି ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ଶେଷ ଆଡକୁ କ୍ରୋଏସିଆ ପକ୍ଷରୁ ନିକୋଲା ଭ୍ଲାସିକ ଗୋଲ ସ୍କୋର କରିବାର ନିକଟତର ହୋଇଥିଲେ ହେଁ ସଫଳତା ପାଇ ନ ଥିଲେ। ପ୍ରଥମ ମ୍ୟାଚରେ ପଏଣ୍ଟ ବାଣ୍ଟିବା ପରେ ରବିବାର କାନାଡା-କ୍ରୋଏସିଆ ଓ ମରକ୍କୋ-ବେଲଜିୟମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଉଭୟ ଦଳ ୪-୩-୩ର କମ୍ବିନେଶନରେ ପଡିଆକୁ ଓହ୍ଲାଇଥିଲେ। କ୍ରୋଏସିଆ ୬୫% ସମୟ ବଲକୁ ନିଜ ନିୟନ୍ତ୍ରଣରେ ରଖିଥିବା ବେଳେ ମରକ୍କୋ କିନ୍ତୁ ୮ଟି ଶଟ୍ ଟାର୍ଗେଟରେ ମାରିବାରେ ସଫଳ ହୋଇଥିଲା। ପ୍ରଥମ ହାଫ୍‌ରେ ଉଭୟ ଦଳ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ନିକୋଲା ଭ୍ଲାସିକଙ୍କ ପ୍ରୟାସକୁ ନିଷ୍ଫଳ କରି ଦେଇଥିଲେ ୟାସିନ୍ ବୋନୋଉ।


# ଫ୍ରାନ୍ସଠାରୁ ଅଷ୍ଟ୍ରେଲିଆ ପରାସ୍ତ

ଦୋହା, ୨୩।୧୧

ଗତଥର ଚାମ୍ପିୟନ ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପରେ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଅଲ ରାୟାନ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ 'ଡି'ର ମ୍ୟାଚରେ ଏହି ଦଳ ଓଲିଭର ଗିରୁଡଙ୍କ ଡବଲ ଷ୍ଟ୍ରାଇକ୍ ବଳରେ ଅଷ୍ଟ୍ରେଲିଆକୁ ୪-୧ ଗୋଲରେ ପରାସ୍ତ କରିଛି। ୧୯୯୮ ଓ ୨୦୧୮ରେ ଚାମ୍ପିୟନ ଫ୍ରାନ୍ସ ଏଥର ମଧ୍ୟ ଅନ୍ୟତମ ଟାଇଟଲ ଦାବିଦାର ରହିଛି।

ଶକ୍ତିଶାଳୀ ଫ୍ରାନ୍ସ ବିପକ୍ଷରେ ଆକ୍ରମଣ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। କେବଳ ସେତିକି ନୁହେଁ ୯ମ ମିନିଟରେ କ୍ରେଗ୍ ଗୁଡୱିନଙ୍କ ଗୋଲବଳରେ ଅଗ୍ରଣୀ ମଧ୍ୟ ହାସଲ କରିଥିଲା। ମାଥ୍ୟୁ ଲେକିଙ୍କଠାରୁ ପାଇଥିବା ପାସ୍‌ର ସଦ୍‌ବ୍ୟବହାର କରିଥିଲେ ଗୁଡୱିନ। ମାତ୍ର ମ୍ୟାଚ ଆଗେଇବା ସହିତ ଫ୍ରାନ୍ସ ଆଧିପତ୍ୟ ବିସ୍ତାର କରିଥିଲା। ୨୭ତମ ମିନିଟରେ ଆଡ୍ରେନ ରାବିଅଟ ଗୋଲଟି ପରିଶୋଧକରି ମ୍ୟାଚରେ ଉଷ୍ମତା ଭରିଥିଲେ। ଏହାର ୫ ମିନିଟ ପରେ ଥିଓ ହେର୍ନାଣ୍ଡେଜଙ୍କ ପାସ୍‌କୁ ନିୟନ୍ତ୍ରଣକୁ ଆଣି ଓଲିଭର ଗିରୁଡ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଫ୍ରାନ୍ସ ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ସମ୍ପୂର୍ଣ୍ଣ ଫ୍ରାନ୍ସ ନିୟନ୍ତ୍ରଣରେ ରହିଥିଲା। ୫୫ତମ ମିନିଟରେ ବିପଜ୍ଜନକ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲିଆର ମିଚ୍ ଡ୍ୟୁକ୍‌ଙ୍କୁ ରେଫରି ୟେଲୋକାର୍ଡ ଦେଇଥିଲେ। କିଲିଆନ ଏମବାପେ ୬୮ତମ ମିନିଟରେ ଗୋଟିଏ ଗୋଲ ଦେଇ ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ୭୧ତମ ମିନିଟରେ ଓଲିଭର ଗିରୁଡ୍ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଫ୍ରାନ୍ସ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରି ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ପ୍ରଥମ ବିଜୟ ସହ ଫ୍ରାନ୍ସ ପୁରା ୩ ପଏଣ୍ଟ ପାଇଛି।





ଫିଫା ବିଶ୍ୱକପରେ ବୁଧବାର ଜାପାନ, ଜର୍ମାନୀ ଓ କ୍ରୋଏସିଆ ପ୍ରଶଂସକ।



ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ସ୍କୁଲ ଛାତ୍ରୀଙ୍କୁ ଫୁଟବଲ ଉପକରଣ ପ୍ରଦାନ କରାଯାଇଛି।

## ସ୍କୁଲ ସ୍ତରରୁ ଫୁଟ୍‌ବଲର ବିକାଶ ପାଇଁ ଉଦ୍ୟମ

### ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଫୁଟ୍‌ବଲ ଉପକରଣ ପ୍ରଦାନ

ଭୁବନେଶ୍ୱର, ୨୩।୧୧ (କ୍ରୀଡ଼ା ପ୍ରତିନିଧି)

କାତାରରେ ଚାଲିଛି ଫିଫା ବିଶ୍ୱକପ୍। ତେଣୁ ସ୍ୱାଭାବିକ ଭାବେ କ୍ରୀଡ଼ା ଜଗତରେ ଏବେ ଫୁଟ୍‌ବଲକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ କରାଯାଇଛି ଏକ ଅଭିନବ ପ୍ରୟାସ। ସ୍କୁଲ ପିଲାଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ବୁଧବାର ୟୁନିଟ-୬ ବିଦ୍ୟାଳୟର ୩୦ ଜଣ ଛାତ୍ରୀଙ୍କୁ ଆସୋସିଏଶନ ପକ୍ଷରୁ ଫୁଟ୍‌ବଲ ଜର୍ସି ଏବଂ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬ ନମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାସ କୁମାର ଗାଇଗେରିଆ ପିଲାମାନଙ୍କୁ ଉଦ୍‌ବୋଧନ ଦେବା ସହ ଫୁଟବଲ ଉପକରଣ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତା ମାନସୀ ଜେନା, ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ, ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଦିଲୀପ କୁମାର ଦାସ, ସଭାପତି ତପନ କୁମାର ମହାନ୍ତି, ଗିରିଜା ଦାସ, ରଞ୍ଜନ ଦତ୍ତ, ରାଜେନ୍ଦ୍ର ବେହେରା, ମଧୁସୂଦନ ରେଡ୍ଡୀ, ଚୁନା ଖାଁ ଓ ବିଭୁଦତ୍ତ ଆଦି ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜୟଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର,୨୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ସୁପର ଲିଗ୍ ମୁକାବିଲା ପୁଣି ଥରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଫେରିଛି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟ ଧାରା ବଜାୟ ରଖିବାକୁ ପ୍ରୟାସ କରିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗୁରୁବାର ଓଏଫ୍‌ସି ଓ ଚେନ୍ନାୟିନ୍ ଏଫ୍‌ସି ପରସ୍ପରର ସାମ୍ନା କରିବେ। ଘରୋଇ ମଇଦାନରେ କେରଳ ଓ ବେଙ୍ଗାଲୁରୁ ଏଫ୍‌ସି ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରିଥିବା ଓଏଫ୍‌ସି ଆତ୍ମବିଶ୍ୱାସର ସହିତ ପଡିଆକୁ ଓହ୍ଲାଇବ। ଅନ୍ତିମ ମ୍ୟାଚରେ ଓଏଫ୍‌ସି ୪-୨ରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଥିବା ବେଳେ ପଏଣ୍ଟ ଟେବଲରେ ୫ମ ସ୍ଥାନରେ ରହିଛି। ଅପରପକ୍ଷରେ ଚେନ୍ନାୟିନ୍ ପଏଣ୍ଟ ଟେବଲରେ ୭ମ ସ୍ଥାନରେ ରହିଛି। ଏହି ମ୍ୟାଚ ପୂର୍ବରୁ ଉଭୟ ଦଳ ୧୬ ଥର ସାମ୍ନାସାମ୍ନି ହୋଇଛନ୍ତି। ଓଏଫ୍‌ସି ୬ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଚେନ୍ନାୟିନ୍ ୩ ମ୍ୟାଚରେ ବିଜୟୀ ହୋଇଛି। ବୁଧବାର ଖବରଦାତା ସମ୍ମିଳନୀରେ ଓଏଫ୍‌ସି କୋଚ୍ ଯୋଶେପ୍ ଗୋମ୍ବାଉ ଓ ନରେନ୍ଦର ଗେହଲୋଟ ଉପସ୍ଥିତ ଥିଲେ।

# ବିଧାନସଭା ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ପୋଲିସ ଡିଜି

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ଆସନ୍ତାକାଲିଠାରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେଉଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିବ ବିଧାନସଭା ଓ ତା'ର ଚାରିପାଖ ଅଞ୍ଚଳ। ଏନେଇ ବୁଧବାର ପୋଲିସ ଡିଜି ସୁନୀଲ ବଂଶଲ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଆଇନଶୃଙ୍ଖଳା ଏଡିଜି, ଗୁଇନ୍ଦା ଡିଆଇଜି, ପୋଲିସ କମିଶନର, ଭୁବନେଶ୍ୱର ଡିସିପି, ଟ୍ରାଫିକ ଡିସିପି ଓ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା ରହିବା ସହ ୩୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ୨ ଜଣ ଅତିରିକ୍ତ ଡିସିପି ସୁରକ୍ଷା ବ୍ୟବସ୍ଥାକୁ ସୁପରଭିଜନ କରିବେ। ସେହିପରି ସିସିଟିଭି ସ୍କାନରରେ ମହାତ୍ମାଗାନ୍ଧୀ ମାର୍ଗ ରହିବ। ଏହାସହ ରାଲି, ଧାରଣା ଓ ସୁରକ୍ଷାକୁ ନଜରରେ ରଖି ୫ଟି କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଷ୍ଟ୍ରାଇକିଂ ଫୋର୍ସ, କୁଇକ୍ ରେସ୍‌ପନ୍ସ ଟିମ, ସ୍ପେଶାଲ ଟାକ୍ଟିକାଲ ୟୁନିଟ, ଆର୍ମଡ୍ ପୋଲିସ, ସାଦା ପୋଷାକଧାରୀ ପୋଲିସ ମୁତୟନ ରହିବେ। ସେହିପରି ଆତ୍ମାହୁତି ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବ ପୋଲିସ। ବିଧାନସଭା ସମ୍ମୁଖ ରାସ୍ତା, ଆଇଜି ପାର୍କ ପଛରାସ୍ତାରେ ଆନ୍ଦୋଳନକାରୀ ଆତ୍ମାହୁତି ଉଦ୍ୟମ କରିଥିବା ନଜିର ରହିଛି। ଏହା ଯେପରି ନ ଘଟେ ସେଥିପ୍ରତି ପୋଲିସ ପୁରା ନଜର ରଖିଛି। ତେଣୁ ଆତ୍ମାହୁତି ଉଦ୍ୟମ ନ କରି ଗଣତାନ୍ତ୍ରିକ ଉପାୟରେ ଦାବି ଜଣାନ୍ତୁ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଅନୁରୋଧ କରିଛନ୍ତି। ବିଧାନସଭା ସରିଲା ପର୍ଯ୍ୟନ୍ତ ସଂଲଗ୍ନ ଚତୁଃପାର୍ଶ୍ୱ ରାସ୍ତାକୁ ସିଲ କରାଯିବ ବୋଲି ସେ କହିଛନ୍ତି।



## ୩୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

# ଦଶମ ଶ୍ରେଣୀ ସମ୍ମେଟିଭ-୧ ପରୀକ୍ଷା ଆରମ୍ଭ

**କଟକ ଅଫିସ,୨୩।୧୧:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ଆସେସମେଣ୍ଟ (ଏସ୍‌ଏ-୧) ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ରାଜ୍ୟର ୩୦୨୯ଟି କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ଇଂଲିଶ ପରୀକ୍ଷା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ତେବେ ପ୍ରଥମ ଦିନରେ ରାଜ୍ୟରେ ୧୫ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି। ବୋର୍ଡ ପକ୍ଷରୁ ଗଠନ କରାଯାଇଥିବା ସ୍କ୍ୱାଡ୍ ଦ୍ୱାରା ୧୩ଜଣ ଓ ଜିଲାସ୍ତରୀୟ ସ୍କ୍ୱାଡ୍ ଦ୍ୱାରା ୨ଜଣ ପରୀକ୍ଷାର୍ଥୀ ଧରାପଡିଛନ୍ତି। ଆସନ୍ତା ୨୫ରେ ଗଣିତ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି। ରାଜ୍ୟରେ ମୋଟ ୫ ଲକ୍ଷ ୩୨ ହଜାର ୭୧୨ ପରୀକ୍ଷାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ସଂସ୍କୃତ ମଧ୍ୟମାରେ ଚଳିତବର୍ଷ ୨୯୧୪ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ସେମାନେ ୧୦୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୭,୧୮୧ଜଣ ପରୀକ୍ଷାର୍ଥୀଙ୍କ ନିମନ୍ତେ ବୋର୍ଡ ଦ୍ୱାରା ୧୪୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି।

## ପ୍ରଥମ ଦିନରେ କପି କରି ଧରାପଡ଼ିଲେ ୧୫ ପରୀକ୍ଷାର୍ଥୀ

# ଶାଶୁଙ୍କ ଗଳାକାଟି ହତ୍ୟା କଲେ ଜ୍ୱାଇଁ

ରାୟଗଡ଼ା ଅଫିସ,୨୩।୧୧

ରାୟଗଡ଼ା ଟାଉନ ଥାନା ଅଧୀନ ଗୌତମ ନଗର ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଙ୍କ ଗଳାକାଟି ହତ୍ୟା କରିଛନ୍ତି ଜ୍ୱାଇଁ। ମୃତକ ହେଲେ ଗାଙ୍ଗାମା ଗରଡିଆ(୫୧)। ପାରିବାରିକ କଳହରୁ ସାନଜ୍ୱାଇଁ ନବୀନ କନ୍ଧପାଣି ଏଭଳି କାଣ୍ଡ ଘଟାଇଛନ୍ତି। ଘଟଣା ପରଠାରୁ ସେ ଫେରାର ଥିବା ଜଣାପଡ଼ିଛି। ଗାଙ୍ଗାମାଙ୍କ ନିଜ ଘର କଲ୍ୟାଣସିଂହପୁର ଥାନା ଅଧୀନ କସ୍କାଡାଙ୍ଗ ଗ୍ରାମରେ। କିଛି ଦିନ ହେଲା ସେ ରାୟଗଡ଼ା ସହର ଗୌତମ ନଗରରେ ଭଡ଼ାଘରେ ରହୁଥିଲେ। ଗାଙ୍ଗାମା ତାଙ୍କ ସାନଝିଅ ରୁଦମାଙ୍କ ବିବାହ ବିଷମକଟକ ଥାନା ଅନ୍ତର୍ଗତ ବଡ଼ମଟକାବାଡ଼ି ଗ୍ରାମର ନବୀନ କନ୍ଧପାଣିଙ୍କ ସହ କରାଇଥିଲେ। ତେବେ ବିବାହ ପରଠାରୁ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା। ନବୀନ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀଙ୍କୁ ଅନେକ ସମୟରେ ମାରପିଟ କରୁଥିଲେ। ମଙ୍ଗଳବାର ନବୀନ ରାୟଗଡ଼ା ଆସି ଶ୍ୱଶୁର ଘରେ ରହିଥିଲେ। ବୁଧବାର ଅପରାହ୍ନରେ ନିଶାସକ୍ତ ଅବସ୍ଥାରେ ଶାଶୁ ଓ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ପାଟିତୁଣ୍ଡ ମଧ୍ୟରେ ନବୀନ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଛୁରି ସାହାଯ୍ୟରେ ଶାଶୁଙ୍କ ଗଳାକୁ ଆକ୍ରମଣ କରିଥିଲେ। ଏଥିରେ ଗାଙ୍ଗାମାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବରପାଇ ରାୟଗଡ଼ା ଟାଉନ ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ପରଠାରୁ ନବୀନ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଏସ୍‌ଡିପିଓ ଦେବଜ୍ୟୋତି ଦାସ କହିଛନ୍ତି।

# ମାଓବାଦୀ ଦେବାଙ୍କ ମୃତଦେହ ଜବତ

ମାଲକାନଗିରି,୨୩।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲା କୁଆକୋଣ୍ଡା ଥାନା ଅନ୍ତର୍ଗତ ଜିଆକୋଟା ଜଙ୍ଗଲରୁ ଜଣେ ଦୁର୍ଦ୍ଧର୍ଷ ମାଓବାଦୀଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଦେବା ଓରଫ ତିରି ମାଡକାମି। ମୃତଦେହ ଜବତ ବେଳେ ତାଙ୍କ ନିକଟରୁ ଏକ ବନ୍ଧୁକ ମିଳିଛି। ମାଓବାଦୀ ସଙ୍ଗଠନରେ ସେ ଦର୍ଭା ଡିଭିଜନର ଏରିଆ କମିଟି ସଦସ୍ୟ ଥିଲେ। ପୂର୍ବରୁ ତାଙ୍କ ନାମରେ ଛତିଶଗଡ଼ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଦାନ୍ତେୱାଡା ପୋଲିସ ଜିଆକୋଟା ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ଦେବାଙ୍କ ମୃତଦେହ ଦେଖି ଜବତ କରିଥିଲେ। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି। ପୋଲିସ ଏହାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଦେବାଙ୍କ ନାମରେ ଦାନ୍ତେୱାଡା ଓ ସୁକୁମା ଜିଲାର ବିଭିନ୍ନ ଥାନାରେ ୯ଟି ମାମଲା ରହିଛି।


## OFFICE OF THE CCSO-CUM-DISTRICT MANAGER O.S.C.S.C. LTD., KEONJHAR

### OFFICE QUOTATION

**Tender Call Notice No. 2701** **Dated: 21.11.2022**

No. CAD-2816: Sealed quotations/tenders are invited from interested reputed Tavel Agencies/Tour Operators or Private individuals for providing one Bolero, which shall confirm to the Terms and Conditions (Annexure - II) for Paddy Procurement Operation relating to the KMS 2022-23 ending with 30th September' 2023 from the date of execution of agreement on monthly rent basis @ 31,000/- per month. The details of guidelines hiring of the Bolero relating to the KMS 2022-23 is available in district website: **www.kendujhar.nic.in** which may please be referred to. However the following dates are given below for awareness among the participating/intending tenderer.

| | |
|---|---|
| Last date of receipt of Tender Paper | Dt.05.12.2022 at 5.00 P.M. |
| Opening of Tender Paper | Dt.06.12.2022 at 11.30 A.M. |

**Sd./- Chief CSO-cum-District Manager**
**OSCSC Ltd., Keonjhar**
OIPR-07048/11/0008/2223

## INDIRA GANDHI INSTITUTE OF TECHNOLOGY

**Sarang, Dhenkanal - 759146**
**(An Autonomous Institute of Govt. of Odisha)**
**No. IGIT/ACA-EXAM-1258** **Date: 22.11.2022**

### SPOT ADMISSION FOR VACANT SEATS

No. KK-257: Some seats in B.Tech., Electrical (EWS), Mechanical (EWS), Civil, Metallurgical & Materials Engineering, Chemical & Production Engineering are lying vacant in IGIT, Sarang. Interested/eligible students may come directly to the Institute on 25.11.2022 for admission to the above courses. For detailed information please visit the Institute website **www. igitsarang.ac.in**. You may contact 9438111311 & 8249521055 regarding admission.

**Sd./- Director**
OIPR-14091/11/0035/2223

## ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା
## MUNICIPAL OFFICE, JHARSUGUDA

**e-Mail: jsgmunicipality@yahoo.com, jharsugudam.hud@nic.in**
**Fax: 06645-270274, Ph.: 06645-273019**

**No. 5122/JM** **Dt.18.11.2022**

### SHORT QUOTATION CALL NOTICE

No. C-1618: Sealed quotations in prescribed form are invited from the intending registered Firms/Suppliers/Manufactures for supply of Double Wheel Bins as per the specification mentioned in quotation schedule for sanitation use of Jharsuguda Municipality. The quotation will be received upto 1.00 P.M. on Dt.28.11.2022 which will be opened on Dt.29.11.2022 at 4.00 P.M. in presence of teh quotationers or their authorised representatives. The quotationers must have to submit Xerox copy of the GST Clearance Certificate and PAN Card along with their quotations failing which the quotation shall not be considered. The quotations can also be sent by Registered Post/Speed Post which should reach the undersigned within stipulated date & time. Any quotation received beyond the above stipulated date & time shall not be entertained.
The quotation scheduled can be obtained from the municipal office on payment of Rs.1000/- (Rupees one thousand) only in office hour. The authority reserves the right to accept or cancel any or all the quotations without assigning any reason thereof.

**Sd./- Executive Officer**
**Jharsuguda Municipality**
OIPR-13165/11/0029/2223

## ODISHA UNIVERSITY OF AGRICULTURE & TECHNOLOGY

**BHUBANESWAR - 3**
**Letter No. ACD-1/ADM-0010/2022/OSWAS/18882/UAT**
**Dt. 21st, November, 2022**

### UNDER GRADUATE SPOT COUNSELING & ADMISSION NOTICE 2022-23

No. KK-254: Seats (101) in different UG courses and categories are available for Spot Counseling and Admission from the Spot rank list as per Clause 7.3.2 of UG Prospectus 2022-23. All seats for Spot Admission will be cost sharing seats. The seats are likely to increase as all seats vacated by cancellation of admission till 12.12.2022 (5 P.M.) will be included for spot counseling & admission.
The candidates who have been awarded rank in OUAT UG Admission - 2022 are eligible to apply. Candidates interested to participate in spot counseling & admission must register online by logging in through their registered email id and mobile number through OUAT website **"www. ouat.nic.in** or **https://ouat-lokaseba-odisha.in/"** paying a registration fees of Rs.500/- (Mandatory). The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 24.11.2022 to 29.11.2022 |
| 2 | Availability of Intimation-cum-Rank Card | 05.12.2022 |
| 3 | Spot Counselling and Admission | 13.12.2022 & 14.12.2022 |

Candidates must visit OUAT website: **www.ouat.nic.in** for
i) Vacant seat position available for spot counseling and admission.
ii) Guideline for UG Spot counseling and admission.

**OIPR-01036/11/0032/2223** **Sd./- Registrar**

## OFFICE OF THE MUNICIPAL COUNCIL: KEONJHARGARH

**email- keonjharm.hud@rediffmail.com**

**Invitation for Bids (IFB) 'e' Procurement NOTICE**
**Bid Identification No.KGM-06/2022-23**
**Letter No 8671/KGM/ Date.21.11.2022**

**No.C-1624:** On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement
1. Nature of work: Civil Work
2. No. of Work : 12 Nos.
3. Value of works: Rs. 8,79,363/- to 19,96,762/-
4. Date & Time of availability of Bid document in the portal: From. 23.11.2022 at 11.00 A.M. up to 02.12.2022 at 5.00 P.M.
5. Date of Opening of bid in portal. 06.12.2022 at 11.00 A.M.
6. Name & address of the officer in Inviting Bid- EO, Keonjharagrh Municipality. Further details can be seen from Website: www.tendersorissa.gov.in

**Executive Officer**
**Keonjhargarh Municipality**
OIPR-13115/11/0008/2223

## GOVERNMENT OF ODISHA
## "e" PROCUREMENT NOTICE
## Rajgangpur Municipality

**Bid Identification No. - EO/RGP/03 of 2022-23**
**e-mail ID- rajgangpurmunicipality@gmail.com**
**No.C-1621: No. 4612, Dated 21.11.2022**

| | | |
|---|---|---|
| 1) | Total Number of Work | : 07 (Seven) Nos. Imp. of B.T. Road, Boundary wall etc. |
| 2) | Approximate Estimated Cost | : 15.00 Lakhs to 27.86 Lakhs |
| 3) | Period of Completion | : 120 Days |
| 4) | Date & time of availability of the bid documents in the portal | : 23.11.2022 at 11.00 A.M. to 04.12.2022 upto 5.00 P.M. |
| 5) | Last date of receipt of Bids in the portal | : 04.12.2022 up to 5.00 P.M. (Online) |
| 6) | Bids Receipt online shall be opened on | : 05.12.2022 at 11.00 A.M. [On Line) |
| 7) | Name & address of the Officer Inviting Bid | : Executive Officer, Rajgangpur Municipality |
| 8) | The Bidders have to participate in ONLINE bidding only; further details can be seen from the e-procurement portal. http;//tenderso-disha.gov.in. | |

**Sd./- M.Lakra**
**Executive Officer, Rajgangpur Municipality**
OIPR-13094/11/0006/2223

## ନିଲାମ ଇସ୍ତାହାର

No. MM-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୨୨-୨୩ (୨୦୨୩ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନ ଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀ ଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରୁ ମିଳିପାରିବ। ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଦିବସରେ ଦିବା ୧୧ଘଣ୍ଟାଠାରୁ ୫ଘଣ୍ଟା ମଧ୍ୟରେ ମିଳିପାରିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୦୭।୧୨।୨୦୨୨ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ, ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ଘ. |

ଉପରୋକ୍ତ ଦିନରେ ବିକ୍ରୟ ହୋଇ ନଥିବା ତଥା ନାକଚ (Quashed), ବାଜ୍ୟାପ୍ତି ଓ ଅନ୍ୟ କୌଣସି ଲଟ୍ ନିମ୍ନ ଲିଖିତ ତାରିଖ ଓ ଜାଗାରେ ପୁନଃ ପ୍ରକାଶ୍ୟ ଭାବେ ନିଲାମ କରାଯିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୭।୧୨।୨୦୨୨ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ, ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ଘ. |
| ୨୯।୧୨।୨୦୨୨ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ, ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ଘ. |

**ସ୍ୱା./- ଖଣ୍ଡୀୟ ବନାଧିକାରୀ**
**ଖୋର୍ଦ୍ଧା ବନଖଣ୍ଡ, ଖୋର୍ଦ୍ଧା**
OIPR-08139/11/0009/2223

## PRADHAN MANTRI GRAM SADAK YOJANA (PMGSY)

### e-Procurement Notice

**PMGSY Online-BLGR-16/2022-23**

No. O-1303: The Chief Construction Engineer, R.W. Circle, Bolangir on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Bolangir & subarnapur for 2 number of packages with estimated cost totaling to Rs.4.18 Cr. including their maintenance for five years from the eligible contractors registered with State PWD/ CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement Dtd.30.11.2022.
**Availability of Bid documents and mode of submission:** The bid document is available online and should be submitted online in **www. pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original Bid Security in approved format (c) original Affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Bolangir**, on a date not later than three working days after the opening of technical qualification part of the Bid, either by Registered Post or By Hand, failing which the bids shall be declared non-responsive.
**Last date/time for receipt of bids through e-procurement: 15.12.2022** upto 5.00 P.M. For further details please log on to **www. pmgsytenders.gov.in**.

**Sd./- Chief Construction Engineer**
**R.W. Circle, Bolangir**
OIPR-25118/11/0017/2223

## DIRECTORATE OF MINES & GEOLOGY
## STEEL & MINES DEPARTMENT

**GOVERNMENT OF ODISHA**
**Email: directormines1@orissaminerals.gov.in**
**Date: November 23, 2022**

### NOTICE INVITING TENDER

**"Invitation of Bids for Grant of Mining Lease for Bauxite and Limestone"**

No. G-32: In exercise of the powers conferred by Section 10 (B) of the Mines and Minerals (Development and Regulation) Act, 1957 and in accordance with the Mineral (Auction) Rules, 2015 as amended from time to time notified there under, the Government of Odisha has identified **05 (Five) Minerals Blocks** as under for electronic auction and hereby invites tenders for the purpose of grant of Mining Lease:
**a) 3 (Three) Mineral Blocks of Bauxite**
**b) 2 (Two) Mineral Blocks of Limestone**
Accordingly, financial bids are invited in digital format only and technical bids are invited both in digital and physical format from eligible bidders.
Eligibility conditions, date and time for participating in the electronic auction are provided in the Tender Document. Detailed Tender Documents along with timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited: **(https://www.mstcecommerce. com/auctionhome/mlcl/index.jsp)**.
Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited.
Last date for purchase of Tender document after payment of a tender fee on website of e-auction platform provider is January 09, 2023 and the last date for submission of the bid is January 16, 2023 on or before 17.00 hours (Indian Standard Time). The price of tender document for each mineral block is Rs.5,00,000/- (Rupees Five Lakh) for the 3 (Three) Bauxite Block and the price of tender document for each of the 2 (two) limestone block is Rs.2,00,000/- (Rupees two lakh). Garramura Limestone Block and Uskalvagu Limestone Block are being auctioned under second attempt of auction as per clause (b) of sub-rule (11) of rule 9 of Mineral (Auction) Rules 2015 and amendments thereunder. The bidders who has purchased the Tender document for limestone blocks in the first attempt of auction vide. NIT dated October 22, 2021 are exempted from paying the Tender document fee.

**List of Mineral Blocks for Auction**

| Sl. No. | Name of the Block | District | Mineral | Type of Block |
|---|---|---|---|---|
| 1 | Ballada Bauxite Block | Koraput | Bauxite | Virgin Block |
| 2 | Sijimali Bauxite Block | Kalahandi & Rayagada | Bauxite | Virgin Block |
| 3 | Kutrumali Bauxite Block | Kalahandi & Rayagada | Bauxite | Virgin Block |
| 4 | Garramura Limestone Block | Nuapada | Limestone | Virgin Block |
| 5 | Uskalvagu Limestone Block | Malkangiri | Limestone | Virgin Block |

**OIPR-30028/11/0003/2223** **Sd./- Director of Mines & Geology, Odisha**

## ଓଡ଼ିଶା ସରକାର
## କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

ସଂଖ୍ୟା ୧୬୫୦ କଟକ ତା: ୦୪।୧୧।୨୦୨୨

No.I-09:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କଟକ ଜିଲ୍ଲାର ହାଡୁଆ ଜଳସେଚନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଓଲବ, ଥାନା- କାନପୁର ନଂ. ୩୩, ତହସିଲ- ନରସିଂହପୁର, ଜିଲ୍ଲା- କଟକରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୮୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

#### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ହାଡୁଆ ଜଳସଚେନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର, ଜିଲ୍ଲା-କଟକ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ନରସିଂହପୁର, ବଡ଼ମ୍ବା ଓ ତିଗିରିଆ ବ୍ଲକରେ କୃଷିର ବିକାଶ ସହ ଅର୍ଥନୀତିର ବିକାଶ ହେବ। ଧାରା ୮(୨) ମୁତାବକ ପ୍ରକାଶିତ ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଆଠଗଡ଼।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କଟକ | ନରସିଂହପୁର | ଓଲବ | ଗ୍ରାମାଞ୍ଚଳ | | | ଏ ୩.୨୧ | ଏ ୨.୮୧ | ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଗଲା |

ଉକ୍ତ ଜମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି କଟକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଭବାନୀ ଶଙ୍କର ଚୟନୀ**
**ଜିଲ୍ଲାପାଳ, କଟକ**

#### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା. ୦୪/୨୦୨୨

**ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ**
**ମୌଜା: ଓଲବ, ଥାନା- କାନପୁର-ନଂ. ୩୩, ତହସିଲ-ନରସିଂହପୁର, ଜିଲ୍ଲା - କଟକ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨ (ରୟତି) | ୧୦୬୩ | ୨.୦୨ | ୨.୦୨ | ତଇଳା | ଖଲେଶ୍ୱର ଦେହୁରୀ, ଚନ୍ଦ୍ର ଦେହୁରୀ, ମନ୍ଦର ଦେହୁରୀ, ଆର୍ତ୍ତ ଦେହୁରୀ, ପି: ଅରକ୍ଷିତ ଦେହୁରୀ, ଅମ୍ବିକା ଦେହୁରୀ, ସ୍ୱା: ଅରକ୍ଷିତ ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ୧୬ (ରୟତି) | ୧୦୬୫ | ୦.୫୮ | ୦.୩୦ | ତଇଳା | ଘନଶ୍ୟାମ ସାମଲ, ପି: ପ୍ରାଣବନ୍ଧୁ ସାମଲ, ପ୍ରଦୀପ କୁମାର ସାମଲ, ଲିଲି ସାମଲ, ପି: ଦୀନବନ୍ଧୁ ସାମଲ, ନିଳ ସାମଲ, ସ୍ୱା: ଦୀନବନ୍ଧୁ ସାମଲ, ଜା: ସୁଦ, ବା: ନିଜଗାଁ |
| ୪୩ (ରୟତି) | ୧୦୬୨ | ୦.୪୩ | ୦.୪୩ | ତଇଳା | ପ୍ରଫୁଲ୍ଲ ଦେହୁରୀ, ଦେବାର୍ଚ୍ଚନା ଦେହୁରୀ, ପି: ଅନନ୍ତ ଦେହୁରୀ, ଡାଲିମ୍ବ ଦେହୁରୀ, ସ୍ୱା: ଅନନ୍ତ ଦେହୁରୀ, ନିତ୍ୟାନନ୍ଦ ଦେହୁରୀ, ପି: କାଳନ୍ଦୀ ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ୫୬ (ରୟତି | ୧୦୬୦ | ୦.୧୮ | ୦.୦୬ | ତଇଳା | ମାଧବ ଦେହୁରୀ, ସୁରଜ ଦେହୁରୀ, ପି: ଅନ୍ତର୍ଯ୍ୟାମୀ ଦେହୁରୀ, ପାଦର ଦେହୁରୀ, ପି: ସପନି ଦେହୁରୀ, ଅଗାଧୁ ଦେହୁରୀ, ଲୋଚନ ଦେହୁରୀ, ଜୟ ଦେହୁରୀ, ପି: ମହରଗା ଦେହୁରୀ, ମାଟିଆଣୀ ଦେହୁରୀ, ସ୍ୱା: ମହରଗା ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ମୋଟ | | ଏ୩.୨୧ | ଏ୨.୮୧ | | |

**Amin** **Revenue Inspector** **Spl., L.A. & R.O., Hadua Irrigation Project, Nursinghpur, Cuttack** **Collector Cuttack**
OIPR-24178/14/0019/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମହୁଆ
ପରିବାରବର୍ଗ


ଲିପୁ
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରକାରୀ କର୍ମଚାରୀ ବିଜେଡି ଲାଗି ପ୍ରଚାର କଲେ ବିଦା ହେବେ: ଭାଜପା

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ଲାଗି କଲେଜରେ ବୈଠକ କରି ୩ ଅଧ୍ୟାପକ ନିଲମ୍ବିତ ହେବା ପରେ ସରକାରୀ କର୍ମଚାରୀଙ୍କୁ ଭାଜପା ଟାର୍ଗେଟ କରିଛି। ଯଦି ଆଗକୁ ସରକାରୀ କର୍ମଚାରୀମାନେ ଏଭଳି କରନ୍ତି ତେବେ ଚାକିରିରୁ ବିଦା ହେବେ ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଚେତାବନୀ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀ ଜରିଆରେ ବୁଧବାର ଲେଖାଶ୍ରୀ କହିଛନ୍ତି, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଗତ ନଭେମ୍ବର ୧୯ରେ ଗୋଟିଏ ସରକାରୀ ସ୍କୁଲ ଏବଂ ସରକାରୀ କଲେଜ ପରିସର ଭିତରେ ସରକାରୀ ଶିକ୍ଷାନୁଷ୍ଠାନର ଅଧକ୍ଷ, ଅଧାପକ ଓ ପ୍ରାଧ୍ୟାପକଙ୍କ ସହ ବୈଠକ କରିଥିଲେ । ବୈଠକରେ ପଦ୍ମପୁର ଉପନିର୍ବାଚନ ସଂକ୍ରାନ୍ତରେ ଆଲୋଚନା କରାଯିବା ସହିତ ଶାସକ ବିଜେଡି ସପକ୍ଷରେ କାର୍ଯ୍ୟ କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକକୁ ପଦ୍ମପୁର ଅଞ୍ଚଳ କଲେଜର ଇତିହାସ ବିଭାଗ ଅଧାପକ କୃଷ୍ଣମୋହନ ପଣ୍ଡା, ମାଣ୍ଡୋସିଲ୍ ଡିଗ୍ରୀ କଲେଜର ପ୍ରିନ୍ସିପାଲ(ଇନଚାର୍ଜ) ବିନୟ ରଞ୍ଜନ ପଣ୍ଡା, ଡଭା ଉଚ୍ଚ ମାଧମିକ ସ୍କୁଲର ରାଜନୀତି ବିଜ୍ଞାନର ଅଧାପକ ସୁଧୀର କୁମାର ରଥ ପ୍ରମୁଖ ଆୟୋଜନ କରିଥିଲେ । ସରକାରୀ କର୍ମଚାରୀ ହୋଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଯୋଗୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ପ୍ରଥମେ ଜିଲା ନିର୍ବାଚନ ଅଧିକାରୀ ତଥା ବରଗଡ଼ ଜିଲାପାଳ ଏବଂ ପରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିଲା। ଭାଜପାର ଅଭିଯୋଗ ସତ୍ୟ ବୋଲି ତଦନ୍ତ ପରେ ଜଣାପଡ଼ିବାରୁ ଆଇନ ଅମାନ୍ୟକାରୀ ତିନି ସରକାରୀ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନିଲମ୍ବନ କରାଯାଇଛି । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିଲମ୍ବିତ ଶିକ୍ଷକମାନେ ବିଜେଡିର କାମ କଲେ ଏବଂ ଚାକିରିରୁ ବିଦା ହେଲେ । ଆଗକୁ ମଧ୍ୟ ସରକାରୀ କର୍ମଚାରୀ ଯଦି ଶାସକ ବିଜେଡି ସପକ୍ଷରେ ଭୋଟ କାର୍ଯ୍ୟ କରିବେ ତେବେ ସେମାନେ ମଧ୍ୟ ନିଜ ନିଜ ଚାକିରିରୁ ବିଦା ହେବେ ବୋଲି ସେ କହିଛନ୍ତି।


ସୁରଟଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସହ ଗୁଜରାଟ ଆପ୍ ରାଜ୍ୟ ସଭାପତି ଗୋପାଳ ଇଟାଲିଆ ।

# ଚାଷୀ ସମସ୍ୟା, ଅର୍ଚ୍ଚନା ନାଗ ଭାଜପା, କଂଗ୍ରେସର ମୁଖ୍ୟ ପ୍ରସଙ୍ଗ


ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବାସଭବନରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।


ବିଧାନସଭା ପରିସରରେ ଆୟୋଜିତ କଂଗ୍ରେସ ବିଧାୟକ ଦଳ ବୈଠକ।

## ଶୀତକାଳୀନ ବିଧାନସଭା ଅଧିବେଶନ
### ଆଜି ବିଜେଡିର ବିଧାୟକ ଦଳ ବୈଠକ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ଶୀତକାଳୀନ ବିଧାନସଭା ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହେଉଛି। ଏହା ପୂର୍ବରୁ ଉଭୟ ଶାସକ ଏବଂ ବିରୋଧୀ ବିଭିନ୍ନ ପ୍ରସଙ୍ଗକୁ ନେଇ ପରସ୍ପରକୁ ଘେରିବା ଲାଗି ସଜବାଜ ଆରମ୍ଭ କରିଦେଇଛନ୍ତି। ଭାଜପା ଏବଂ କଂଗ୍ରେସର ବିଧାୟକ ଦଳ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଅର୍ଚ୍ଚନା ନାଗଠାରୁ ଆରମ୍ଭକରି ଚାଷୀ ସମସ୍ୟା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାସକ ଦଳକୁ ଘେରିବାର ରଣନୀତି ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ରାଜ୍ୟର ବିଭିନ୍ନ ମୁଖ୍ୟ ପ୍ରସଙ୍ଗ ତଥା ରାଜ୍ୟରେ କୃଷି ଏବଂ କୃଷକଙ୍କ ଯନ୍ତ୍ରଣା, ଅର୍ଚ୍ଚନା ନାଗ ଓ ଆର୍ଥିକ ଅପରାଧ, ଦାଦନ ଶ୍ରମିକ ସମସ୍ୟା, ଠିକା ନିଯୁକ୍ତି ଯୋଗୁ କର୍ମଚାରୀଙ୍କ ଦୁଃଖ, ଏମ୍‌ଜିଏନ୍ ଆରଇଜିଏସ ଦୁର୍ନୀତି, ଅସୁରକ୍ଷିତ ମହିଳା ଓ ଶିଶୁ, ବ୍ୟାପକ ପିସି କାରବାର, ଲଘୁ ଖଣିଜରେ ମହାଦୁର୍ନୀତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୋଲିସ ପ୍ରଶାସନ ଉପରେ ଜନସାଧାରଣଙ୍କ ଅନାସ୍ଥା, ଶିଶୁ ଚୋରି, କେବଳ ଘୋଷଣା ସୀମିତ ଜଳସେଚନ ବ୍ୟବସ୍ଥା, ମଦ ଓ ନିଶାର ବହୁଳ ପ୍ରସାର ଆଦି ପ୍ରସଙ୍ଗ ନେଇ ଗୃହରେ ଶାସକ ଦଳକୁ ଭାଜପା ବିଧାୟକମାନେ ଘେରିବେ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସୂଚନା ଦେଇଛନ୍ତି।

ବିଧାୟକ ଦଳ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୋହନ କହିଛନ୍ତି, ବିଧାନସଭା ଅଧିବେଶନରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟ ବିରୋଧରେ ସରକାରଙ୍କୁ ଘେରିବା ଉପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସମସ୍ତ ବିଧାୟକଙ୍କ ସହ ଆଲୋଚନା କରିଛନ୍ତି। ବିଜେଡି ସରକାର ଘୋଷଣା ସର୍ବସ୍ୱ ରାଜନୀତି କରୁଛି। ଏବେ ପଦ୍ମପୁର ଉପନିର୍ବାଚନ ଥିବାରୁ ପଶ୍ଚିମ ଓଡ଼ିଶାରେ ରାଜନୀତି ସରଗରମ ହେବା ସହ ଚାଷୀ ଆନ୍ଦୋଳନ ଜୋର ଧରିଛି। ସେହିପରି ରାଜ୍ୟ ସରକାର ଓ ପୋଲିସ ବିଭାଗର ନିଷ୍କ୍ରିୟତା ଯୋଗୁ ରାଜ୍ୟରେ ଅରାଜକତା ବଢ଼ିବାରେ ଲାଗିଛି। ଅର୍ଚ୍ଚନା ନାଗ ମାମଲାରେ ବଡ଼ବଡ଼ିଆ ନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ଇତ୍ୟାଦି ପ୍ରସଙ୍ଗ ଉପରେ ଭାଜପା ପ୍ରଶ୍ନ କରିବ। କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଓଡ଼ିଶାକୁ ଦେଉଛନ୍ତି କିନ୍ତୁ ରାଜ୍ୟ ସରକାର ତାହା ଖର୍ଚ୍ଚ କରିବାରେ ଅସମର୍ଥ। ଓଡ଼ିଶାବାସୀଙ୍କ ମୌଳିକ ସମସ୍ୟାର ସମାଧାନକୁ ଆଧାର କରି ଅଧିବେଶନରେ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କୁ ଜବାବ ମଗାଯିବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ନେଇ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଦଳ ତରଫରୁ ମୁଖ୍ୟତଃ ଚାଷୀ ସମସ୍ୟା ଏବଂ ଅର୍ଚ୍ଚନା ନାଗ ପ୍ରସଙ୍ଗରେ ଶାସକ ଦଳକୁ ପ୍ରଶ୍ନ କରାଯିବ। ଗୋଟିଏ ପଟେ ଅର୍ଚ୍ଚନା ନାଗ ଘଟଣାରେ ବହୁ ବଡ଼ବଡ଼ିଆ ନେତା, ଅଫିସର ଏବଂ ବ୍ୟବସାୟୀ ସମ୍ପୃକ୍ତ ଥିବାର ପ୍ରମାଣ ରହିଛି। ହେଲେ ଏ ପର୍ଯ୍ୟନ୍ତ ସେକଥାରେ ପୋଲିସ ଯେଉଁଭଳି କାର୍ଯ୍ୟାନୁଷ୍ଠାନ ନେବା କଥା ନେଉ ନାହିଁ। ତେଣୁ କେଉଁ ଅଫିସର ଏବଂ ନେତାମାନେ ନାଗଙ୍କ ସହ ସମ୍ପର୍କରେ ଥିଲେ ତା'ର ତଦନ୍ତ ଦାବି କରି କଂଗ୍ରେସ ଶାସକ ଦଳକୁ ଘେରିବ। ଏହାସହ ରାଜ୍ୟ ସରକାର ଚାଷୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଠକିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଚାଷୀ ପ୍ରସଙ୍ଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ଅବହେଳା କରିବାକୁ ଦଳ ପ୍ରସଙ୍ଗ କରିବ। ସେହିପରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି, ନାରୀ ନିର୍ଯାତନା, ନିଶା କାରବାର ବୃଦ୍ଧି ଆଦି ଘଟଣାକୁ ପ୍ରସଙ୍ଗ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ବିଧାୟକ ଦଳ ବୈଠକ ଗୁରୁବାର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# 'ମୋତେ ମାଡ଼ ମାର, ମୋ ସମର୍ଥକଙ୍କୁ ଆକ୍ରମଣ କରନି'

**ପଦ୍ମପୁର,୨୩।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ବ୍ଲକ ପଥରେଲ ଗାଁରେ ମଙ୍ଗଳବାର ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପାର ଏକ ସମାବେଶ ଚାଲିଥିବା ବେଳେ କିଛି ଅସାମାଜିକ ତତ୍ତ୍ୱ ଆସି ସଭାସ୍ଥଳରେ ମାଇକ୍ ଛଡାଇନେଲେ, ଟେଣ୍ଟ ଭାଙ୍ଗିଲେ। ଏହାସହ ଭାଜପା କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରି ତାଙ୍କ ଘର ମଧ୍ୟ ଭାଙ୍ଗିଲେ। ଏପରିକି ମୋ ଉପରେ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କଲେ। ସେଠାରେ ଉପସ୍ଥିତ ଗ୍ରାମବାସୀ ସୁରକ୍ଷା ଦେବାରୁ ଆମେ ବର୍ତ୍ତିଗଲୁ। ଏ ସମ୍ପର୍କରେ ପାଇକମାଳ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଶାସକ ଦଳର ଜଣେ ମନ୍ତ୍ରୀଙ୍କ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରୁ ଛାଡିଦେଲା। ଯଦି ମୋ ଉପରେ ରାଗ ଅଛି, ତାହେଲେ ମୋତେ ପଛେ ମାଡ଼ ମାର କିନ୍ତୁ ମୋ ସମର୍ଥକ ଓ କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ କରନାହିଁ। ବୁଧବାର ପଦ୍ମପୁର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କୁ ଏଭଳି କୋହଭରା ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, କ୍ଷେତ୍ରୀୟ ଗଣମାଧ୍ୟମ ପ୍ରଭାରୀ ମାନସ ରଞ୍ଜନ ବକ୍ସି ଏବଂ ଚିନ୍ମୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଭାଜପାର ଏଭଳି ଅଭିଯୋଗ ଉପରେ ବିଜେଡି ନେତୃତ୍ୱଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ ଦଳୀୟ ନେତୃବୃନ୍ଦ।

## ଗୁପ୍ତ ନିର୍ବାଚନୀ ବୈଠକ: ୩ ଅଧାପକ ନିଲମ୍ବିତ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ):** ପଦ୍ମପୁର କଲେଜରେ ବିଜେଡି ନେତାଙ୍କ ସହ ଗୁପ୍ତ ନିର୍ବାଚନ ସଭା ଆୟୋଜନ ଅଭିଯୋଗ ଘଟଣାରେ ୩ ଅଧାପକଙ୍କୁ ନିଲମ୍ବିତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁଶିଲ କୁମାର ଲୋହାନୀ ସୁପାରିସ କରିଛନ୍ତି। ବୁଧବାର ବରଗଡ଼ ଜିଲାପାଳଙ୍କ ଚିଠିକୁ ସୁପାରିସ କରି ସିଇଓ ସମ୍ପୃକ୍ତ ବିଭାଗକୁ ପଠାଇଛନ୍ତି। ନିଲମ୍ବିତ ଅଧାପକମାନେ ହେଲେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଇତିହାସ ଅଧାପକ କୃଷ୍ଣ ମୋହନ ପଣ୍ଡା, ମଣ୍ଡୋଶିଲ ଡିଗ୍ରୀ କଲେଜ ପ୍ରିନ୍ସପାଲ ଇନଚାର୍ଜ ବିନୟ ରଞ୍ଜନ ପଣ୍ଡା ଏବଂ ଡଭା ହାୟର୍ ସେକେଣ୍ଡାରୀ ସ୍କୁଲର ରାଜନୀତି ବିଜ୍ଞାନ ଅଧାପକ ସୁଧିର କୁମାର ରଥ।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର Duplex ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ sqft.କୁ 1600-Rs. ରେ ବିକ୍ରି କରାଯାଉଛି। Contact: 9439539146, 9777777525. D-2075

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

House for Sale: Raipur-Chhattisgarh, Bhoipara, Jaykali Chowk, Hall, Bed Room, Bath Room, Kitchen, Parking, Portico, Govt. water supply, 500 sqft area. Rs.15, 00,000/- (Fifteen Lakh). Mob. 9300888798. D-2077

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan-85Lakh, 3BHK Apartment Rasulgarh Square- 89Lakh, 2BHK Simplex Nakhara- 39Lakh. 8984071303. D-2061


Luxurious 4BHK Duplex near Balianta Bazar. Land-1400 Construction- 2200-85lakh. 9938219397, 9861022055. D-2056

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165.** D-2069




Centrally located near new BMC Office 1 Bedroom Double Bedded fully furnished with AC and TV etc. Mob: 7789837712. D-2064

2BHK single stored house near Navajyoti College, Sisupalgarh available for rent. 140sqft. shop available for rent. Contact 9432000190, 8902774830. D-2080

### ୧୧ତମ ଜନ୍ମଦିନ ଶୁଭେଚ୍ଛା



**ଅମ୍ଳାନ୍ ପଟ୍ଟନାୟକ (ଲିପୁ)**
ଗାନ୍ଧିନଗର (ଜଟଣୀ)
ଆଜି ତୋର ଏଗାର ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହିତ ଦୀର୍ଘାୟୁ କରନ୍ତୁ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ: ବଡ଼ବାପା, ପାପା, ମାମା, ଦାଦା, ଖୁଡ଼ୀ, ବାବୁଦାଦା, ଆଈ, ମାମୁ, ମାଈଁ, ଲୁନାମାମୁ, ମାଉସୀ, ମଉସା, ପୁପୁଭାଇ, ସିପୁଭାଇ, ଡୁଗୁ, ଗୁଡ଼ି, ନବ୍ୟା, ଲିନା ଓ ପରିବାରବର୍ଗ ।
ଧ-୨୦୭୩

### ୪୯ତମ ଜନ୍ମଦିନ ଶୁଭେଚ୍ଛା



**ମହୁଆ ଚକ୍ରବର୍ତ୍ତୀ**
କଲିକତା
ଆଜି ଆପଣଙ୍କ ଜନ୍ମଦିନ ଅବସରରେ ଈଶ୍ୱରଙ୍କ ପାଖେ ପ୍ରାର୍ଥନା କରୁଛି ଆପଣଙ୍କ ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ: ମା, ବଡ଼ମାମୁ, ସାନମାମୁ ଓ ଭୁବନେଶ୍ୱରର କଳାକାରବୃନ୍ଦ ।
ଧ-୨୦୭୯




**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

**Full body massage by smart/expert therapist @999 only. 9078484455.** D-73660

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625


## ନ୍ୟାଶନାଲ ଫାଇନାନ୍ସ
ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ । ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ -
**9807641532**

## ମୁଦ୍ରା ଫାଇନାନ୍ସ
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧବାର୍ଷିକୀ



**୰ହେମ କୁମାର ପୃଷ୍ଟି**
ଅଭିନେତା ଓ ନିର୍ଦ୍ଦେଶକ
ବାରିପଦା
ଆବିର୍ଭାବ: ୦୧।୦୭।୧୯୩୩
ତିରୋଧାନ: ୨୫।୧୧।୨୦୧୧
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। କାଲି ପରି ଲାଗୁଛି। ତୁମେ ଯେଉଁଠି ବି ଥାଅ ଭଲରେ ଥାଅ। ଏତିକି ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ।
ଧ-୨୦୭୮

### ଦ୍ୱାଦଶାହ ଉପଲକ୍ଷେ



**୰ପ୍ରମୋଦିନୀ ପାଢ଼ୀ**
ଡେରାସାହି, ଦୁର୍ବନ୍ଧ, ଗଞ୍ଜାମ
ଆବିର୍ଭାବ: ୨୧ ନଭେମ୍ବର ୧୯୪୫
ତିରୋଧାନ: ୧୩ନ ଭେମ୍ବର ୨୦୨୨ (ରବିବାର)
(ମାର୍ଗଶିର କୃଷ୍ଣ ପଞ୍ଚମୀ)
ଚାହୁଁ ଚାହୁଁ ବାରଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତୁରା- ନିନା, ପୁଅ, ବୋହୂ, ଆତ୍ମୀୟସ୍ୱଜନ, ପରିବାରବର୍ଗ, ବନ୍ଧୁବାନ୍ଧବ
ସୌଜନ୍ୟତା- ମାମୁ (ରଘୁନାଥ)ପୁଅ ଭାଇ (ଟୁଲୁ) ।
ଧ-୨୦୬୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୌରାଙ୍ଗ ଚରଣ ମହାପାତ୍ର**
ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ: ୦୫।୧୧।୧୯୪୫ରିଖ
ତିରୋଧାନ: ୧୪।୧୧।୨୦୨୨ରିଖ
ଚାହୁଁ ଚାହୁଁ ଏଗାରଦିନ ବିତିଗଲା। କାଲି ପରି ଲାଗୁଛି। ତୁମେ ଯେଉଁଠି ବି ଥାଅ ଭଲରେ ଥାଅ। ଏତିକି ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ତୁମର ଧର୍ମପତ୍ନୀ, ଦୁଇ ପୁତ୍ର, ପୁତ୍ରବଧୂ, ଝିଅ ଏବଂ ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୬୦



ମହାମାରୀମୁକ୍ତ ବିଶ୍ୱ ଓ ଜଗତକଲ୍ୟାଣ ପାଇଁ ପବିତ୍ର ଦେବଦୀପାବଳି ଅବସରରେ ବୁଧବାର ସନ୍ଧ୍ୟାରେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର, ଛତିଶା ନିଯୋଗ ଏବଂ ପୁରୀର ବିଭିନ୍ନ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଆୟୋଜିତ ଦୀପାଞ୍ଜଳି କାର୍ଯ୍ୟକ୍ରମ।

# ସମ୍ବଲପୁରରେ ୧୨ ଘଣ୍ଟିଆ ବନ୍ଦ

## ହାଇକୋର୍ଟ ସ୍ଥାୟୀବେଞ୍ଚ, ସ୍ୱତନ୍ତ୍ର ରାଜ୍ୟ ଦାବି

**ସମ୍ବଲପୁର, ୨୩।୧୧ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଦାବି ନେଇ ବୁଧବାର ସମ୍ବଲପୁର ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ଅଭୂତପୂର୍ବ ଜନସମର୍ଥନ ମିଳିଥିଲା। ଦୋକାନ ବଜାର, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ବ୍ୟବସାୟୀମାନେ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ କରିଦେଇଥିଲେ। କୋର୍ଟ, ରାଜସ୍ୱ କମିଶନର ଅଫିସ, ଜିଲାପାଳଙ୍କ ଅଫିସ ସହିତ ସମସ୍ତ ସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ସରକାରୀ କଳ ଅଚଳ ହୋଇଥିବା ବେଳେ ବ୍ୟବସାୟ ଠପ୍ ହୋଇପଡିଥିଲା। କଚେରି ଛକରେ ନାଗରିକ କମିଟି ପକ୍ଷରୁ ପିକେଟିଂ କରାଯାଇଥିଲା। ଜିଲା ଓକିଲ ସଂଘ ସହିତ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ହେଲେ ଆନ୍ଦୋଳନକାରୀ ସେମାନଙ୍କୁ ଅନୁରୋଧ କରି ଫେରାଇ ଦେଇଥିଲେ। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଦୋକାନ ବଜାର ଓ ସରକାରୀ ଅଫିସ ବନ୍ଦ ରହିଥିଲା। ଘରୋଇ ବସ୍ ମାଲିକ ଆନ୍ଦୋଳନକୁ ସମର୍ଥନ କରି ବସ୍ ଚଳାଚଳ ବନ୍ଦ କରିଦେଇଥିଲେ। ଜରୁରୀ ସେବା, ସ୍କୁଲ କଲେଜ ଛାତ୍ରୀଛାତ୍ର, ଆମ୍ବୁଲାନ୍ସକୁ ଏଥିରୁ ବାଦ୍ ଦିଆଯାଇଥିଲା। ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା। କୌଣସି ସ୍ଥାନରେ ଅପ୍ରୀତିକର ଘଟଣା ଘଟିଥିବା ଅଭିଯୋଗ ହୋଇ ନାହିଁ। ଏହି ଉପଲକ୍ଷେ ଆୟୋଜିତ ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସଂଘ କର୍ମକର୍ତ୍ତା ନିନ୍ଦା କରିଥିଲେ। ସେମାନେ ଦର୍ଶାଇଥିଲେ, ରାଜ୍ୟ ସରକାର ଯଦି ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ କୁଣ୍ଠାବୋଧ କରୁଛନ୍ତି ତା'ହେଲେ ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ କରନ୍ତୁ। ଫଳରେ ସ୍ୱତଃ ହାଇକୋର୍ଟ ହୋଇଯିବ। ଏବେ ନିଷ୍ପତ୍ତି ନେବାର ସମୟ ଆସିଛି। ଯେତେ ବିଳମ୍ବ ହେବ ସରକାର ସେତିକି ବିପଦରେ ପଡିବେ। ତେଣୁ ଶୀଘ୍ର ଘୋଷଣା କରନ୍ତୁ ବୋଲି କହିଥିଲେ। କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କ ସମେତ ଆଇନଜୀବୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ଥିଲେ। ନାଗରିକ କ୍ରିୟାନୁଷ୍ଠାନ କମିଟି ଆବାହକ ଅରବିନ୍ଦ ମହାପାତ୍ର, ସହ ଆବାହକ ପ୍ରଫୁଲ୍ଲ ହୋତା, ସରୋଜ କୁମାର ଦାସ, ଜଗଦିଶ ବିଶ୍ୱାଳ, ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ଚାଷୀନେତା ଅଶୋକ ପ୍ରଧାନ, ହରିଶଙ୍କର ପୁରୋହିତ, ପରେଶ ଚନ୍ଦ୍ର ଦାନି, ଅଖିଳ ରଞ୍ଜନ ପଟ୍ଟନାୟକ, ଗୋଲକ ବିହାରୀ ମିଶ୍ର, ରାଜେନ୍ଦ୍ର ପଣ୍ଡା, ଆସଫ ଅଲ୍ଲି ଖାନ, ସୁଦିପ ଚନ୍ଦ୍ର ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର କଚେରି ଛକରେ ଆନ୍ଦୋଳନକାରୀ।

# ରିପୋର୍ଟ ଦେବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ

## ହାଇକୋର୍ଟରେ ଆନନ୍ଦ ଟପ୍ପୋ ହତ୍ୟା ମାମଲା

**କଟକ ଅଫିସ, ୨୩।୧୧**

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ଭୁବନେଶ୍ୱର ଡିସିପିଙ୍କୁ ତଦନ୍ତ କରି ରିପୋର୍ଟ ଦେବା ନିମନ୍ତେ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଇନ୍ଫୋସିଟି ଥାନାରେ ଏତଲା ଦିଆଯାଇଛି କି ନାହିଁ ତାହା ଜଣାଇବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।

ଆବେଦନକାରୀ ତଥା ମୃତ ଆନନ୍ଦଙ୍କ ବାପା ରାଉରକେଲାର ବାସିନ୍ଦା ବିନ୍ଧାଣୀ ଟପ୍ପୋଙ୍କ ଅଭିଯୋଗ ଅନୁଯାୟୀ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଆନନ୍ଦଙ୍କର ପିଲାଦିନର ସାଙ୍ଗ। ଆନନ୍ଦ ଚାକିରି ସନ୍ଧାନରେ ଆସି ଭୁବନେଶ୍ୱର ପଟିଆ ଅଞ୍ଚଳର ଏକ ଫ୍ଲାଟ୍‌ରେ ରହୁଥିଲେ। ସ୍ତ୍ରୀଙ୍କ ସହ ବିବାଦ ହେବାରୁ ବୀରେନ୍ଦ୍ର ଆସି ଆନନ୍ଦଙ୍କ ସହ ରହୁଥିଲେ। ଆନନ୍ଦ ଗତ ଫେବୃୟାରୀ ୨୮ ତାରିଖ ସକାଳ ୭ଟାରେ ରାଉରକେଲାରୁ ଫେରି ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ପୂର୍ବାହ୍ନ ସାଢେ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡ଼ିଥିଲା। ବୀରେନ୍ଦ୍ର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆନନ୍ଦଙ୍କ ପରିବାର ଖବର ପାଇବା ପରେ ରାଉରକେଲାରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ତେବେ ଆନନ୍ଦଙ୍କୁ ବୀରେନ୍ଦ୍ର ଓ ତାଙ୍କ ବାନ୍ଧବୀ ହତ୍ୟା କରିଥିବା ନେଇ ବିନ୍ଧାଣୀ ଇନ୍ଫୋସିଟି ଥାନାରେ ଏତଲା ଦେବାକୁ ଯାଇଥିଲେ। ମାତ୍ର ପୋଲିସ ତାଙ୍କ ଏତଲାକୁ ଗ୍ରହଣ କରି ନ ଥିଲା। ଫଳରେ ଆନନ୍ଦଙ୍କ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ପୂର୍ବ ଶୁଣାଣିରେ ଇନ୍ଫୋସିଟି ଥାନା ଆଇଆଇସିଙ୍କୁ ଭର୍ଚୁଆଲରେ ହାଜର ହେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ବୁଧବାର ମାମଲାର ଶୁଣାଣି ବେଳେ ଇନ୍ଫୋସିଟି ଥାନା ଆଇଆଇସି ହାଜର ହୋଇ ଆନନ୍ଦଙ୍କ ହତ୍ୟା ସମ୍ପର୍କିତ କୌଣସି ଏତଲା ଥାନାରେ ଦିଆଯାଇ ନ ଥିବା କହିଥିଲେ। ଫଳରେ ହାଇକୋର୍ଟ ଏତଲା ଦିଆଯାଇଛି କି ନାହିଁ ସେନେଇ ତଦନ୍ତ ପାଇଁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଶିବପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଭୁଜାଲି ମାଡ଼ରେ ଶାଶୁ, ଶ୍ୱଶୁର, ଶଳା ଆହତ

## ଶ୍ୱଶୁରଘରେ ଜ୍ୱାଇଁର ଉନ୍ମତ୍ତ କାଣ୍ଡ

**ଝାରସୁଗୁଡ଼ା ଅଫିସ, ୨୩।୧୧**

ଝାରସୁଗୁଡ଼ା ସହର ପୁରୁଣାବସ୍ତିର ଶ୍ୱଶୁରଘରକୁ ଆସିଥିବା ଜ୍ୱାଇଁ ବୁଧବାର ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି। ପାରବାରିକ କଳହକୁ ନେଇ ଜ୍ୱାଇଁ ଶାଶୁ, ଶ୍ୱଶୁର ଓ ଶଳାଙ୍କୁ ଭୁଜାଲି ମାଡ଼ କରିଛନ୍ତି। ଏଥିରେ ସମସ୍ତେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆହତମାନେ ହେଲେ ଶ୍ୱଶୁର ରାମକୃଷ୍ଣ ଦାଶ (୫୯), ଶାଶୁ ବୀଣା ଦାଶ (୫୩) ଓ ଶଳା ସ୍ୱାଗତ ଦାଶ (୩୧)। ଏ ନେଇ ରାମକୃଷ୍ଣଙ୍କ ଝିଅ ସ୍ୱାତି ସ୍ୱାମୀଙ୍କ ନାମରେ ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଏକ ମାମଲା (ନଂ୬୯୪/୨୨) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଜ୍ୱାଇଁ ସମସୋନ କୁମାର(୩୮)ଙ୍କୁ ପୋଲିସ ଅଟକରଖି ପଚରାଉଚରା କରୁଛି। ସୂଚନା ଅନୁସାରେ ରାମକୃଷ୍ଣଙ୍କ ଝିଅ ସ୍ୱାତି ୨୦୧୧ରେ ବଲାଙ୍ଗୀର ଜିଲାର ସମସୋନଙ୍କୁ ପ୍ରେମ ବିବାହ କରିଥିଲେ। କିଛିବର୍ଷ ଧରି ଉଭୟ ଭଲରେ ରହିଥିଲେ। ଇତିମଧ୍ୟରେ ସେମାନଙ୍କର ଏକ କନ୍ୟା ସନ୍ତାନ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଫଳରେ ସ୍ୱାତି ବାପଘର ଝାରସୁଗୁଡାକୁ ଆସି ରହୁଛନ୍ତି। ପାରିବାରିକ କଳହ ଲାଗିରହିଥିବାବେଳେ ବୁଧବାର ସକାଳେ ସମସୋନ ଏକ କାର୍‌ରେ ଦୁଇ ସାଙ୍ଗକୁ ଧରି ଝାରସୁଗୁଡା ପୁରୁଣାବସ୍ତି ଶ୍ୱଶୁର ଘରେ ପହଞ୍ଚିଥିଲେ। ସେଠାରେ କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶ୍ୱଶୁର ଘର ଲୋକେ ଜ୍ୱାଇଁଙ୍କୁ ବୁଝାଇଥିଲେ। ଏପରି ସମୟରେ ସମସୋନ ଉତ୍କ୍ଷିପ୍ତ ହୋଇ ପାଖରେ ଲୁଚାଇ ରଖିଥିବା ଭୁଜାଲିରେ ଶାଶୁ, ଶ୍ୱଶୁର ଓ ଶଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୩ଜଣ କ୍ଷତବିକ୍ଷତ ହୋଇ ରକ୍ତାକ୍ତ ହୋଇଯାଇଥିଲେ। ବସ୍ତି ଲୋକଙ୍କଠାରୁ ଖବରପାଇ ପୋଲିସ ଫେରାର ହୋଇଯାଉଥିବା ଜ୍ୱାଇଁଙ୍କୁ ରାସ୍ତାରୁ ଧରିଥିଲା। ତାଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ସିମୁଳିଆ, ୨୩।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ବାଡ଼ିଆସାହି ଅଞ୍ଚଳର ବିଷ୍ଣୁପ୍ରିୟା ଶିଅଳ (୨୨) ନାମ୍ନୀ ଜଣେ ମହିଳାଙ୍କ ବିବାହର ୬ମାସ ପରେ ମୃତ୍ୟୁ ଘଟିଛି। ପାରିବାରିକ କଳହକୁ ନେଇ ବିଷ୍ଣୁପ୍ରିୟା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଉଥିବା ବେଳେ ଅଧିକ ଯୌତୁକ ପାଇଁ ବିଷ୍ଣୁପ୍ରିୟାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ରତ୍ନମଣୀ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଯେ, ଗତ ୬ମାସ ପୂର୍ବରୁ ବାଡିଆସାହି ଅଞ୍ଚଳର ଦୀପକ କୁମାର ଶିଅଳ ପଡୋଶୀ ପୁରୁଷୋତ୍ତମପୁର ଅଞ୍ଚଳର ବିଷ୍ଣୁପ୍ରିୟାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ପାରିବାରିକ ଅସ୍ୱଚ୍ଛଳତାକୁ ନେଇ ବିବାହ ସମୟରେ ଅଧିକ ଯୌତୁକ ସାମଗ୍ରୀ ଦିଆଯାଇପାରି ନ ଥିବାରୁ ବିଷ୍ଣୁପ୍ରିୟାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି।


## ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର
### ଜିଲ୍ଲା - ବଲାଙ୍ଗିର

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୨-୨୩) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରୀ କରିବା ପାଇଁ ଅନୁରୋଧ।

*"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।"*

ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଗୁରୁ ଶୁକ୍ର, ଶନି | ସମୟ - ସକାଳ ୮ ଘଣ୍ଟାରୁ ଅପରାହ୍ନ ୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଷର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) |
|---|---|---|
| ୧. | ଗ୍ରେଡ - ଏ ଧାନ | ଟ. ୨୦୬୦.୦୦ |
| ୨. | ସାଧାରଣ ଧାନ (ଏଫ୍. ଏ.କ୍ୟୁ) | ଟ. ୨୦୪୦.୦୦ |



ବଲାଙ୍ଗିର ଉପଖଣ୍ଡର ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଜରିଆରେ ତା. ୨୫.୧୧.୨୦୨୨ ରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଧାନକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ଜରିଆରେ ଅନ୍ୟୁନ ୭ଦିନ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବାପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG) ଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ।

ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ. ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S ପଦ୍ଧତିରେ -
- ୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
- ୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପରିବେ।
- ୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା - ସଂପାଦକ, ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର
ସ୍ୱା - ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ, ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର

## ODISHA PUBLIC SERVICE COMMISSION, CUTTACK
### NOTICE

**No. 10622/PSC Dt.23.11.2022**
**PF-1E-11-2021/22 (DR-III)**

No. D-224: It is for information of all concerned that, pursuant to Advt. No. 24 of 2021-22, **22 (Twenty Two)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Hindi**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 02.12.2022 & 03.12.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 02.12.2022 | 10.30 A.M. | 00099941, 00053904, 00117142, 00123578, 00116417, 00121570, 00123624, 00117148 & 00123810 = **09 Candidates** |
| | | 3.00 P.M. | 00122819, 00129997, 00048313, 00114258, 00114363 & 00133486 = **06 Candidates** |
| 2 | 03.12.2022 | 10.30 A.M. | 00069806, 00069036, 00053113, 00124915, 00122086, 00065670 & 00122706 = **07 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.
**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White board shall be provided by the commission for the purpose.

**OIPR-12002/11/0206/2223** **Sd./- Secretary**

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
No. CAD-3835
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
### ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No. 8135
File: SMT-1848 Date: 22.11.2022

### NOTICE INVITING TENDER

| | | | | |
|---|---|---|---|---|
| 1 | Name of work | : | Integrated Development of Lokanath Temple & Parbati Sagar, Puri under ABADHA Scheme on Turnkey Basis | Integrated Development of Alarnath Pitha, Bramhagiri, Puri under the Scheme "Integrated Development of heritage, Monuments and Tourist Destination" |
| 2 | Bid Identification No. | : | 46/Tender/OBCC/2022-23 | 47/Tender/OBCC/2022-23 |
| 3 | Date of availability of bid document in e-procurement portal | : | From 30.11.2022 | From 28.11.2022 |
| 4 | Last date & time of receipt of Online bid | : | Upto 5.00 P.M. on 27.12.2022 | Upto 5.00 P.M. on 23.12.2022 |
| 5 | Last Date of Pre-Bid Queries | : | Till 5.00 P.M. on 06.12.2022 | Till 5.00 P.M. on 05.12.2022 |
| 6 | Date & time for pre-bid meeting | : | At 11.30 A.M. on 07.12.2022 (Through Video Conferencing) **https://meet.google.com/ewx-yvkt-coe** | At 11.30 A.M. on 06.12.2022 (Through Video Conferencing) **https://meet.google.com/wiz-vrjw-gdq** |
| 7 | Date of issuance of Pre-bid Clarification | : | 09.12.2022 | 08.12.2022 |
| 8 | Date of Bid Opening | : | 28.12.2022 at 11.30 A.M. | 23.12.2022 at 05.30 P.M. |

09. Further details can be seen from the e-Procurement portal **https://www.tendersodisha.gov.in**.
10. OBCC has the right to accept or reject the Notice/RFP without assigning any reason thereof.

OIPR-34161/11/0019/2223 Sd./- EIC-cum-Managing Director

## NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

### QUOTATION CALL NOTICE FOR SUPPLY OF ELECTRICAL ITEMS FOR NLUO CUTTACK

"Sealed quotations are invited for supply of items for NLUO, Cuttack. Last date & time of receipt of quotation is **01.12.2022**. For details please visit website- www.nluo.ac.in".

Sd/- Registrar

## OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BERHAMPUR - 760004, GANJAM, ODISHA

Tel.: 0680 2292624/Fax: 0680 2292752, E-mail: supdtmkcg@gmail.com, supdtmkcg-bam@gov.in
No. 16042/MCH/CS/2022 Date: 23.11.2022

**ADDENDUM TO THIS OFFICE TENDER CALL NOTICE No. 15761 Dt.17.11.2022 (Supply of Orthopedic Implant Items) published in Odiya Daily "Dharitri" & English Daily "Times of India" on 18.11.2022**

No. E-663: The selected bidder should supply the required instruments(s) during implant procedure at free of cost
Other specification(s), terms and conditions remain unaltered.

Sd./- Superintendent
OIPR-10013/11/0016/2223 MKCG Medical College Hospital, Berhampur

## NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
NPCC SOUTH EASTERN ZONE, BHUBANESWAR

### CORRIGENDUM

**Advt. No: SEZ/Contract Basis/1055 Dated: 23.11.2022**
The date of Walk in Interview is, hereby, extended from **26.11.2022 to 03.12.2022.** All other terms and conditions will remain un-altered.
For details, please visit our Website: **www.npcc.gov.in**

Zonal Manager

## MO SCHOOL ABHIYAN PARICHALANA SANGATHAN
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007

### QUOTATION CALL NOTICE

**Quotation Call No.: 2788/MSA/22 Date: 22.11.2022**
No. n-73: Sealed quotations are invited for Appointment of Statutory Auditor, Mo School Abhiyan Parichalana Sangathan A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is 09.12.2022 before 6.00 P.M. For more details, please visit **www.moschool.in**.

**Sd./- SPD OSEPA & Member Secretary**
**Mo School Abhiyan Parichalana Sangathan**
OIPR-27045/11/0025/2223

## OFFICE OF THE CDM & PHO, SUNDARGARH

**Advt. No. 4711/NHM Dt.22.11.2022**

### CORRIGENDUM

No. E-662: Referring to the Advertisement RFP No. CDM & PHO/ SNG/2022-23/02 at Page No. 32, Point No. 9 Earnest Money Deposit (EMD). As per office Memorandum No. 8484 Dtd.05.04.2022 of Deptt. of Finance, Govt. of Odisha, the EMD money is hereby exempted (However the bidders have to submit on **"Bid Security Declaration" (format uploaded in the district website: https://sundergarh.nic.in/)** along with the RFP documents. The modification may be read by all the interested bidders before filling the application. All other terms and conditions of the RFP document will remain unchanged.

**Sd./- CDM & PHO, Sundargarh**
**OIPR-10100/11/0027/2223**

See Career Appointment on every Wednesday & Saturday

## State Institute for Development of Arts & Crafts
SIDAC
Handlooms, Textiles & Handicrafts Department, Government of Odisha

No. PP-44

### TENDER CALL NOTICE

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha is going to organise 17th Toshali National Crafts Mela from 10th to 28th January 2023 at Janata Maidan, Bhubaneswar. Sealed Tenders in two bids- "Technical Bid" & "Financial Bid" are invited from reputed firms/decorators having past experience and expertise to execute similar nature of works like construction of Stalls, Gates, P.H. Works, Electrification works & other services in accordance with detailed design, layout & specifications laid down in the Tender Schedule for package I & package II separately. For details of tender documents, terms & conditions etc. Please visit the websites: **www.sidacodisha.org.in, www.crafts.odisha.gov.in & www.odisha.gov.in/textiles.** For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

**The authority reserves the right to accept or reject any or all tender without asigning any reason thereof.**

Sd/-
OIPR-31036/11/0009/2223 Member Secretary, SIDAC

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA
**E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada**

**Office Order No. 4046** **Dt. 22.11.2022**

### 1st Corrigendum to National Competitive Bidding e-Procurement Notice No. 3944 / Road Work Dt.10.11.2022

No. O-1314: Due to unavoidable circumstances the important dates of tendering process for road works are being changed as follows:

| Procurement Officer | Bid Identification No. | Availability of tender Online for Bidding: From | | Availability of tender Online for Bidding: To | | Last date & time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously Fixed On | Presently Changed to | Previously Fixed On | Presently Changed to | Previously Fixed On | Presently Changed to | Previously Fixed On | Presently Changed to | Previously Fixed On | Presently Changed to |
| Chief Construction Engineer, Rural Works Circle, Baripada | Road Online N.C.B. No. 251 | Dt.19.11.2022 at 11.00 A.M. | Dt.28.11.2022 at 11.00 A.M. | Dt.05.12.2022 upto 05.00 P.M. | Dt.13.12.2022 upto 05.00 P.M. | Dt.03.12.2022 upto 05.00 P.M. | Dt.12.12.2022 upto 05.00 P.M. | Dt.06.12.2022 upto 11.00 A.M. | Dt.14.12.2022 upto 11.00 A.M. | Will be intimated later | Will be intimated later |

All other terms and conditions are remain unchanged.
OIPR-25181/11/0051/2223 Sd./- Er. B.B. Dalabehera, Chief Construction Engineer, R.W. Circle, Baripada

# ଏନ୍ଏସିର ତୃତୀୟ ସାଧାରଣ ଅଧିବେଶନ

ସୋରଡା,୨୩।୧୧(ଡି.ଏନ୍.ଏ.)

ସୋରଡ଼ା ଏନ୍ଏସିର ତୃତୀୟ ସାଧାରଣ ଅଧିବେଶନ ବୁଧବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶିବଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୧ ୱାର୍ଡର ସଭ୍ୟସଭ୍ୟା ଯୋଗଦେଇଥିଲେ । ଗରିବ ରାଶନ ପାଉନଥିବା ବେଳେ ଅଯୋଗ୍ୟମାନେ ରାଶନ ନେଇ ବ୍ୟବସାୟୀଙ୍କୁ ୧୮ ଟଙ୍କାରେ ବିକ୍ରି କରୁଛନ୍ତି ବୋଲି ୨ ନମ୍ବର କାଉନସିଲର ନାଗେଶ୍ୱର ବେହେରା ଅଭିଯୋଗ କରିଛନ୍ତି। ବୈଠକରେ ବିଦ୍ୟୁତ୍ ବିଭାଗ ଅଧିକାରୀ ଯୋଗଦେଉନଥିବା ଓ ସହରରେ ଚାଲିଥିବା ମୁକ୍ତା ଯୋଜନା ଓ ଟେଣ୍ଡର କାର୍ଯ୍ୟଗୁଡ଼ିକର ତାଲିକା ସମସ୍ତ କାଉନସିଲରମାନଙ୍କ ଅବଗତି ନିମନ୍ତେ ପ୍ରଦାନ କରିବା, ଏହାଛଡ଼ା ବୈଠକର ଉପସ୍ଥାନ ଖାତାରେ ଉପସ୍ଥିତ ଥିବା କାଉନସିଲରଙ୍କୁ ଅନୁପସ୍ଥିତ ଦେଖେଇବା ଉପରେ କହିଥିଲେ ୮ ନମ୍ବର କାଉନସିଲର ରଜନୀକାନ୍ତ ମହାପାତ୍ର। ରାଶନ କିଣାବିକା କରୁଥିବା ବ୍ୟବସାୟୀ ନଜରକୁ ଆସିଲେ ତାଙ୍କ ବିରୋଧରେ ଏତଲା ଦିଆଯିବ ବୋଲି ଅଧ୍ୟକ୍ଷ ଶିବା ଶଙ୍କର ପଣ୍ଡା କହିଥିଲେ। ଯୋଗାଣ ଅଧିକାରୀ ରସାନନ୍ଦ ସାହୁ ଚାଉଳ କିଣାବିକା ଦୁର୍ନୀତିକୁ ହଟାଇବା ପାଇଁ ଏନଏସି କମିଟି ଗଠନ କରି ଚଢାଉକରୁ ବୋଲି କହିଥିଲେ। ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୂତୀ କୃଷ୍ଣ ପାତ୍ର, ଜନ୍ତ୍ରୀ ମୁକେଶ କୁମାର ପ୍ରଧାନ, ମୁକ୍ତା ଅଧିକାରୀ ଜତୀନ୍ଦ୍ର କୁମାର ତ୍ରିପାଠୀ, ଏବିଇଓ ଅଭିମନ୍ୟୁ ସାହୁ ଉପସ୍ଥିତ ଥିଲେ ।

# ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୁଗ୍ମ ସଚିବଙ୍କ କ୍ଷେତ୍ର ପରିଦର୍ଶନ

ଧରାକୋଟ/ଶେରଗଡ଼, ୨୩।୧୧(ଡି.ଏନ୍.ଏ.)



ଧରାକୋଟରେ ଯୁଗ୍ମ ସଚିବଙ୍କ ସହ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଦିପ୍ତି ମହାପାତ୍ର ବୁଧବାର ଧରାକୋଟ ପରିଦର୍ଶନରେ ଆସି ବସଷ୍ଟାଣ୍ଡ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଗ୍ରାମର ମଧ୍ୟଭାଗରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଅବ୍ୟବହୃତ ଦାରୁଆ ପୁଷ୍କରଣୀକୁ ବସଷ୍ଟାଣ୍ଡ ପାଇଁ ପ୍ରାୟ ଦୁଇ ଏକର ପରିମିତ ଜମିରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଚିହ୍ନଟ କରି ଫେରିଛନ୍ତି। ଏହା ସହିତ ସ୍ଥାନୀୟ ତହସିଲଦାର କବିରାଜ ପ୍ରଧାନ ଓଏସ୍ଆର୍ଟିସ ସହକାରୀ ଯନ୍ତ୍ରୀ ସାଲଖାନ ମାଝୀ, ଅତିରିକ୍ତ ଇସ ଷ୍ଟେଟ ଅଧିକାରୀ ସନ୍ତୋଷ କୁମାର ଶତପଥି ଓଏସ୍ଆର୍ଟିସର ମୁଖ୍ୟ ପରିଚାଳକ ନିଦ୍ଦେଶକଙ୍କ ପିଏ ସ୍ୱପ୍ନ ପ୍ରସାଦ ଚାନ୍ଦଙ୍କ ସହ ଧରାକୋଟ ଅତିରିକ୍ତ ତହସିଲଦାର, ଧରାକୋଟ ରାଜସ୍ୱ ନୀରିକ୍ଷକ ସୁପର୍‌ଭାଇଜର ଉପସ୍ଥିତ ରହି ସ୍ଥାନ ନିରୁପଣ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ପରିବହନ ବିଭାଗର ମୁଖ୍ୟ ପରିଚାଳକ ଦୀପକ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୁଗ୍ମ ସଚିବ ଦୀପ୍ତି, ସହକାରୀ ଯନ୍ତ୍ରୀ ସଲତନ ମାଝୀ,ସହକାରୀ ନିର୍ବାହୀ ଅଧିକାରୀ ସନ୍ତୋଷ ଶତପଥୀ, ପରିବହନ ଯୋଜନା ଅଧିକାରୀ ସନ୍ଦୀପ ପୃଷ୍ଟି, ବ୍ୟକ୍ତିଗତ ସଚିବ ସ୍ୱପ୍ନ ପ୍ରସାଦ ଚାନ୍ଦ ପ୍ରମୁଖ ଶେରଗଡରେ ପହଞ୍ଚି ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି।

# କଟ୍ରିଙ୍ଗିଆରେ ଗ୍ରାମସଭା

ଫୁଲବାଣୀ ଅଫିସ, ୨୩।୧୧

ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିଭା କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଞ୍ଚାୟତର ସମସ୍ତ ୧୮ ୱାର୍ଡମେମ୍ବର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ୨୦୨୩-୨୪ ଆର୍ଥିକ ବର୍ଷରେ ନୂତନ ପ୍ରକଳ୍ପ ପାଇଁ ପଲ୍ଲୀସଭାରେ ସ୍ଥିରିତ ହୋଇଥିବା ପ୍ରକଳ୍ପ ଗୁଡିକ ଗ୍ରାମସଭାରେ ପାରିତ କରିବା ଲାଗି ଏହି ସଭା ଆୟୋଜନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ପାଣିଗ୍ରାହୀ, ଜିଆରଏସ୍ ମନୋରଞ୍ଜନ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିସିକେଶନ ବେହେରା, ଜିଲା ଶ୍ରମିକ ନେତା ଘନ କୁମାର ଶବର, ତ୍ରିନାଥ କହଁର ପ୍ରମୁଖ ସଭାରେ ଯୋଗ ଦେଇଥିଲେ।














































## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଷ୍ଟକ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। ଫଳରେ ଶେୟାର ବଜାରର ନିବେଶକମାନେ କିଛି ପରିମାଣରେ ନିବେଶ ବୃଦ୍ଧି କରିପାରିଛନ୍ତି। ବୁଧବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୯୨ (୯୧.୬୨) ପଏଣ୍ଟ ବଢ଼ି ୬୧,୫୧୧ (୬୧,୫୧୦.୫୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୩ (୨୩.୦୫) ପଏଣ୍ଟ ବୃଦ୍ଧି ଘଟି ୧୮,୨୬୭ (୧୮,୨୬୭.୨୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ଓଡ଼ିଶାରେ ବୃଦ୍ଧି ପାଇଛି ୨ ଚକିଆ ଯାନ ବିକ୍ରି'

ଭୁବନେଶ୍ୱର,୨୩।୧୧




ଗତ କିଛି ମାସ ହେବ ଉଭୟ ଜାତୀୟ (ଭାରତ) ଏବଂ ରାଜ୍ୟ (ଓଡ଼ିଶା) ବଜାରରେ ଗାଡି ବିକ୍ରି ପୂର୍ବ ବର୍ଷ ତୁଳନାରେ ବ୍ୟାପକ ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉଭୟ ଭାରି ଏବଂ ଯାତ୍ରୀବାହୀ ଯାନ ସାଙ୍ଗକୁ ୨ ଏବଂ ୩ ଚକିଆ ସହ ଟ୍ରାକ୍ଟର ଓ ଇଲେକ୍ଟ୍ରି ଭେଇକିଲ (ଇଭି)ର ବିକ୍ରି ପରିମାଣ ମଧ୍ୟ ବୃଦ୍ଧି ଘଟିଛି। ହେଲେ ଓଡ଼ିଶା ବଜାରରେ ୨ ଚକିଆ ଯାନ ସର୍ବାଧିକ ୩୪% (୩୩.୮୬) ବୃଦ୍ଧି ପାଇଛି। କାରଣ ସହରାଞ୍ଚଳଠାରୁ ନେଇ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କର ମଧ୍ୟ ରୋଜଗାର କ୍ଷମତା ବୃଦ୍ଧି ପାଇଛି। ବିଶେଷକରି ସବୁ ସ୍ଥାନ ଓ କାର୍ଯ୍ୟ ପାଇଁ ୨ ଚକିଆ ଯାନର ବ୍ୟାପକ ଆବଶ୍ୟକତା ଥିବାରୁ ଏହାର ଚାହିଦା ବୃଦ୍ଧି ପାଉଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ (ଫାଡା)ର ସଭାପତି ମନୀଷ ରାଜ ସିଂଘାଣିଆ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଫାଡା ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ ପ୍ରଥମ ଓଡ଼ିଶା ଲିଡରଶିପ ସମାବେଶର ଆୟୋଜନ କରାଯାଇଥିଲା। ଉକ୍ତ ସମାବେଶରେ ଫାଡାର ସଭାପତି ମନୀଷ ରାଜ ସିଂଘାଣିଆ ଅଧ୍ୟକ୍ଷତା କରି କହିଥିଲେ କୋଭିଡ ଯୋଗୁ ଅଟୋଶିଳ୍ପରେ ମାନ୍ଦାବସ୍ଥା ଦେଖାଦେଇଥିଲା। ହେଲେ ଗତ କିଛି ମାସ ହେବ ଅଟୋଶିଳ୍ପର କାରବାର ବୃଦ୍ଧି ଘଟିଛି। ବିଶେଷ କରି ଚଳିତ ବର୍ଷ ପାର୍ବଣ ଅଟୋଶିଳ୍ପକୁ ଶକ୍ତି ଯୋଗାଇଛି। ସେହିଭଳି ଯାନବାହନ ବିକ୍ରୟ ବ୍ୟବସ୍ଥାରେ ମଧ୍ୟ ଯାନବାହନର ରିଟେଲ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଛି। ଏପରିକି ଫାଡା ଏକ ଆସୋସିଏଶନ ଭାବେ ସମଗ୍ର ଦେଶରେ ଥିବା ଆମର ଡିଲର ସଦସ୍ୟଗଣଙ୍କୁ ସର୍ବୋତ୍ତମ ସମ୍ଭବ ସମର୍ଥନ ଓ ସହଯୋଗ ଯୋଗାଇ ଦେବାକୁ ଆମେ ପ୍ରତିବଦ୍ଧ। ଯାନବାହନ କ୍ଷେତ୍ର ଓ ବ୍ୟବସାୟର ଅଭିବୃଦ୍ଧି ନିମନ୍ତେ ପ୍ରଚୁର ସମ୍ଭାବନା ସହ ଓଡ଼ିଶା ଏକ ଉଲ୍ଲେଖଯୋଗ୍ୟ ବଜାର ହୋଇଛି। ସେହିଭଳି ଫାଡାର ରାଜ୍ୟ ସଭାପତି (ରାଜ୍ୟ ଚେୟାରପର୍ସନ, ଫାଡା ଓଡ଼ିଶା) ପ୍ରଦୀପ ଅଗ୍ରୱାଲ କହିଥିଲେ, ଭାରତରେ ଯାନବାହନ ରିଟେଲ ବ୍ୟବସାୟ ନିମନ୍ତେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ସହିତ ପୂର୍ବ ଭାରତରେ ମଧ୍ୟ ଏହା ଅନ୍ୟତମ ସର୍ବବୃହତ ଯାନବାହନ ରିଟେଲ ବଜାର ଭାବେ ଉଭା ହୋଇଛି। ଏପରିକି ଓଡ଼ିଶାରେ ପ୍ରାୟ ୧୧୦୦ ଡିଲର ରହିଥିବାବେଳେ ସେଥିରେ ପ୍ରାୟ ୨ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ପାଇଛନ୍ତି ଏବଂ ସେମାନଙ୍କୁ ସେମାନଙ୍କର ବାସସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇନାହିଁ। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷର ଗତ ୭ମାସ (ଏପ୍ରିଲରୁ ଅକ୍ଟୋବର ଶେଷ ସୁଦ୍ଧା) ମଧ୍ୟରେ ପ୍ରାୟ ୭୦୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି। ବିଶେଷ କରି ୧୫୦୦ କୋଟି ଟଙ୍କାର ସଡ଼କ ଟିକସ ଏବଂ ପ୍ରାୟ ୫୫୦୦ କୋଟି ଟଙ୍କା ଜିଏସଟି ଆକାରରେ ରାଜସ୍ୱ ସଂଗ୍ରହ ଯାହା ରାଜ୍ୟରେ ଯାନବାହନ ବିକ୍ରିରୁ ଆସିଛି ବୋଲି ସେ ମତପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଫାଡାର ଫାଡା ସିଇଓ ସହର୍ଷ ଦମାନୀଙ୍କ ସମେତ ସମଗ୍ର ରାଜ୍ୟରୁ ୫୦ରୁ ଅଧିକ ଅଟୋମୋବାଇଲ ଡିଲର ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଓଡ଼ିଶାର ଡିଲରମାନେ ସେମାନଙ୍କର ସମସ୍ୟା, ବ୍ୟବସାୟ କ୍ଷେତ୍ରର ରହିଥିବା ଚାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## 'ଏଫ୍‌ଡି ଉପରେ ସୁଧ ହାର ବୃଦ୍ଧି'

ନୂଆଦିଲ୍ଲୀ,୨୩।୧୧

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଫିକ୍ସଡ ଡିପୋଜିଟ୍ (ଏଫ୍‌ଡି) ଉପରେ ସୁଧ ହାର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କର ନିୟମିତ ଗ୍ରାହକମାନଙ୍କ ଲାଗି ୮୦ ସପ୍ତାହ ବା ୫୬୦ଦିନ ଲାଗି ୮%ର ଉଚ୍ଚ ସୁଧ ହାର ଏବଂ ବରିଷ୍ଠ ନାଗରିକମାନଙ୍କ ଲାଗି ୮.୭୫% ର ଉଚ୍ଚ ସୁଧ ହାର ପ୍ରଦାନ କରାଯାଉଛି। ବିଶେଷ କରି ପ୍ଲାଟିନା ଏଫ୍‌ଡି ଉପରେ ଅତିରିକ୍ତ ୦.୨୦% ସୁଧ ମିଳିବ। ଉଲ୍ଲେଖଯୋଗ୍ୟ ଯେ ୧୫ ଲକ୍ଷ ଟଙ୍କାରୁ ଅଧିକ ଏବଂ ୨ କୋଟି ଟଙ୍କାରୁ କମ୍ ମୂଲ୍ୟର ଜମା ଉପରେ ତାହା ପ୍ରଯୁଜ୍ୟ ବୋଲି ଉଜ୍ଜୀବନ ଏସ୍ଏଫ୍‌ବିର ଏମ୍‌ଡି ତଥା ସିଇଓ ଇତିରା ଡାଭିସ୍ ମତପ୍ରକାଶ କରିଛନ୍ତି। ସେହିଭଳି ଜମା ଗଠନ କରିବା ଲାଗି ଆମର ରହିଥିବା ଖୁଚୁରା ରଣନୀତି ଏବଂ ଉଦୀୟମାନ ମାକ୍ରୋ-ଇକୋନମିକ୍ ସ୍ଥିତି ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ନୂଆ ସୁଧ ହାର ଚଳିତ ବର୍ଷ ନଭେମ୍ବର ୫ରୁ କାର୍ଯ୍ୟକାରୀ ହେଉଛି। ସେହିପରି ଉଜ୍ଜୀବନ ଏସ୍ଏଫ୍‌ବି ପକ୍ଷରୁ ମାସିକ,ତ୍ରୈମାସିକ ଏବଂ ମାଚ୍ୟୁରିଟି ସୁଧ ପ୍ରଦାନ ବିକଳ୍ପ ମଧ୍ୟ ପ୍ରଦାନ କରାଯାଉଛି।

## ରାଜସୁନାଖଳାରେ ଟ୍ରେଣ୍ଡ୍‌ସ ଆଉଟ୍‌ଲେଟ୍




ଭୁବନେଶ୍ୱର,୨୩।୧୧

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ଆଉ ଏକ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନିକଟରେ ନୟାଗଡ଼ ଜିଲା ରାଜସୁନାଖଳାଠାରେ 'ଟ୍ରେଣ୍ଡ୍‌ସ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଷ୍ଟୋର) ର ଶୁଭାରମ୍ଭ କରାଯାଇଛି। ୬୪୦୦ ବର୍ଗଫୁଟ ପରିମିତି ସ୍ଥାନରେ ଗଢ଼ି ଉଠିଥିବା ଏହି ଷ୍ଟୋର୍ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଅଫର ରହିଛି। ୩୧୯୯ଟଙ୍କାର କିଣାକିଣି କରି ୨୪୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୧୯୯ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ଏହି ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ରାଜସୁନାଖଳା ତଥା ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡସ ୱିୟର ଏବଂ ଫ୍ୟାସନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟ ସହ ଚମତ୍କାର କିଣାକିଣିର ଅନୁଭୂତି ପାଇପାରିବେ। ଉଲ୍ଲେଖଯୋଗ୍ୟ, ଟ୍ରେଣ୍ଡ୍‌ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର-୧, ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି ଓ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଂ ଡେଷ୍ଟିନେଶନ ହୋଇଛି।

## ଆକ୍ସିସ ବ୍ୟାଙ୍କ-ଫ୍ଲିପ୍‌କାର୍ଟର ସହଯୋଗିତା

ନୂଆଦିଲ୍ଲୀ,୨୩।୧୧


ଆକ୍ସିସ ବ୍ୟାଙ୍କ ଓ ଫ୍ଲିପ୍‌କାର୍ଟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବ୍ୟବସାୟିକ ସହଯୋଗିତା ସ୍ଥାପନ କରାଯାଇଛି। ସୁପର ଇଲାଇଟ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଲାଗି ଏହି ସହଯୋଗିତା ସ୍ଥାପନ କରାଯାଇଥିବା ଜଣାପଡ଼ିଛି। ଏପରିକି ଫ୍ଲିପ୍‌କାର୍ଟ ସୁପର କଏନ୍ସ ରିୱାର୍ଡ ପ୍ରୋଗ୍ରାମକୁ ବ୍ୟାପକ କରିବା ଏବଂ ଗ୍ରାହକମାନଙ୍କୁ ଉନ୍ନତ ଶପିଂ ଅନୁଭୂତି ପ୍ରଦାନ କରିବା ଲାଗି ଏହି କାର୍ଡରେ ଶପିଂ କରୁଥିବା ଗ୍ରାହକମାନଙ୍କ ଲାଗି ବ୍ୟାପକ ସୁବିଧା ରହିଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡସ୍ ଆଣ୍ଡ ପେମେଣ୍ଟ୍‌ସ ସଂଜୀବ ମୋଘେ କହିଛନ୍ତି, ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ସ୍ୱତନ୍ତ୍ର ଭାବେ ଏହା ପ୍ରସ୍ତୁତ କରାଯାଇଛି।

# ବଜାଜ୍ ଅଲ୍ ନ୍ୟୁ ପଲ୍‌ସର ପି୧୫୦ରେ ଶୁଭାରମ୍ଭ

ନୂଆଦିଲ୍ଲୀ,୨୩।୧୧



ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା 'ବଜାଜ୍ ଅଟୋ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପଲ୍‌ସର ସିରିଜ୍‌ର ନୂଆ ବାଇକ୍ ବଜାଜ୍ ଅଲ୍ ନ୍ୟୁ ପଲ୍‌ସର ପି୧୫୦ର ଶୁଭାରମ୍ଭ (ବଜାର ପ୍ରବେଶ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂଆ ପଲ୍‌ସରରେ କମ୍ପାନୀ ଅନେକ କିଛି ବିଶେଷ ପରିବର୍ତ୍ତନ କରିଛି, ଆକର୍ଷଣୀୟ ଡିଜାଇନ ଏବଂ ଦମ୍‌ଦାର ଇଞ୍ଜିନ୍ କ୍ଷମତା ସହ ଏହି ବାଇକ୍ ୨ଟି ଭାରିଆଣ୍ଟର ବଜାର ପ୍ରବେଶ କରାଇଛି। ସେହିଭଳି କମ୍ପାନୀ ଏହି ବାଇକକୁ ସ୍ପୋର୍ଟି ଲୁକ୍ ତଥା ଡିଜାଇନ୍ ଦେବା ସହ ଏହାର ଓଜନକୁ ମଧ୍ୟ କମ୍ କରାଇଛି। ପଲ୍‌ସର ପି୧୫୦ରେ କମ୍ପାନୀ ନୂଆ ୧୪୯.୬୮ ସିସି କ୍ଷମତାର ଇଞ୍ଜିନ୍ ବ୍ୟବହାର କରିଥିବା ବେଳେ ୧୪.୫ ପିଏସ୍ ପାୱାର ଏବଂ ୧୩.୫ ଏନ୍ଏମ୍‌ର ଟର୍କ ଉତ୍ପନ୍ନ କରିଥାଏ। ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା କହିଛନ୍ତି, ଉଭୟ ବାଇକର ଓଜନ ପୂର୍ବ ମଡେଲ ତୁଳନାରେ ହ୍ରାସ କରାଯାଇଛି। ସେହିଭଳି ପାୱାର ଟୁ ରେସିଓ ପ୍ରାୟ ୧୧% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଫଳରେ ବାଇକରେ ୭୯୦ଏମ୍ଏମ୍‌ର ସିଟ୍ ହାଇଟ୍ ଏବଂ ମୋନୋଶକ୍ ସସ୍ପେନ୍ସନ ସହ ବାଇକର ରାଇଡିଂ ଏକ୍ସପେରିଏନ୍ସକୁ ଆହୁରି ଭଲ କରିଥାଏ। ଉକ୍ତ ବାଇକକୁ ରେସିଙ୍ଗ ରେଡ୍, କାରିବିଆନ ବ୍ଲୁ, ଏଭୋନି ବ୍ଲାକ୍ ରେଡ୍ ଏବଂ ଏଭୋନି ବ୍ଲାକ୍ ହ୍ୱାଇଟ୍ ଭଳି ୫ଟି ରଙ୍ଗରେ ଉପଲବ୍ଧ କରାଇଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ










For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Brahmapur:** Lakshmi Hero - 9289922184, Lakshmi Motors, **Dharma Nagar** - 9289922184, Lakshmi Automotives, **Gajapati Nagar** - 9289923187; **Jeypore:** Supreme Hero - 9289922183; **Phulbani:** Narayani Hero - 9289922991; **Raygada** Ajit Hero - 9289922819; **Authorized Service Centre: Aska:** Ashok Motors - 8895667200. **Paralakhemundi:** Preetam Enterprises - 9437438068. **Malkangiri:** Kanishka Automobiles - 9437181980. **Nabrangpur:** Arun Sales & Services -9437174795. **Semiliguda:** K. P. Enterprises - 9437070065. **Balugaon:** Mahamayee Motors - 8327793865; **Bhanjanagar:** Rebati Motors - 7737015509.

LOK | SAATCHI & SAATCHI